
ଆର୍ଥିକ ସୁରକ୍ଷା ଆତ୍ମନିର୍ଭରଶୀଳତା ଓ ଜଗତୀକରଣରେ ନିହିତ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 193 ଭାଗ ୩୪ | ସଂଖ୍ୟା ୧୯୩ | Sunday 4 October 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୪ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଫାର୍ମା କାରଖାନାରେ ଫାଟିଲା ବଏଲର୍



### ୫ ଶ୍ରମିକ ମୃତ ଓ ୧୦ ଗୁରୁତର

ତିରୁପତି, ୩।୧୦: ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ଅନ୍ତର୍ଗତ ଶ୍ରୀ ସିଟି ସ୍ଥିତ ଏକ ଫାର୍ମାସ୍ୟୁଟିକାଲ୍ କାରଖାନାରେ ଏକ ବଡ଼ଧରଣର ବଏଲର୍ ବିସ୍ଫୋରଣ ଘଟିଛି। ଏହି ଅଘଟଣରେ ଅତିକମ୍‌ରେ ପାଞ୍ଚ ଜଣ ଶ୍ରମିକ ପ୍ରାଣ ହରାଇଥିବାବେଳେ ଦଶ ଜଣ ଗୁରୁତର ଆହତ ହୋଇଛନ୍ତି। ଶନିବାର ସକାଳେ ଏହି ଭୟଙ୍କର ବିସ୍ଫୋରଣ ଘଟିବା ଫଳରେ କାରଖାନା କୋଠାର ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ଅନେକ ଶ୍ରମିକ ଭିତରେ ଚାପି ହୋଇ ରହିଯାଇଥିଲେ। ଉଦ୍ଧାରକାରୀ ଦଳ ସେମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ।

ଜାତୀୟ ପ୍ରାଧିକରଣ ରାଜପଥ ୧୬ ନିକଟରେ ଅବସ୍ଥିତ ଶ୍ରୀ ସିଟି ହେଉଛି ଭାରତର ସର୍ବବୃହତ ମଲ୍ଟି-ପ୍ରଡକ୍ଟ ସ୍ପେଶାଲ ଇକୋନୋମିକ୍ ଜୋନ୍ ମଧ୍ୟରୁ ଅନ୍ୟତମ, ଯେଉଁଠାରେ ଅନେକ ଫାର୍ମାସ୍ୟୁଟିକାଲ୍ ୟୁନିଟ୍ ସମେତ ୨୫୦ରୁ ଅଧିକ କମ୍ପାନୀ କାର୍ଯ୍ୟ କରୁଛି। ରାତିର ପାଳି ସାରି କିଛି ଶ୍ରମିକ କାର୍ଯ୍ୟରୁ ବାହାରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ହଠାତ୍ ଏହି ବିସ୍ଫୋରଣ ଘଟିଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ, ପୁଲିସ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିସ୍ଫୋରଣ ପରେ କାରଖାନାରେ ନିଆଁ ଲାଗିଯାଇଥିଲା, ଯାହାକୁ ପରେ ଅଗ୍ନିଶମ କର୍ମଚାରୀମାନେ ନିୟନ୍ତ୍ରଣକୁ ଆଣିଥିଲେ। ସେହିପରି ଦୁର୍ଘଟଣାରେ ଆହତ ହୋଇଥିବା ଶ୍ରମିକମାନଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆନ୍ଧ୍ରପ୍ରଦେଶରେ ଶିଳ୍ପାଞ୍ଚଳ ଦୁର୍ଘଟଣାର ଏହା ଏକ ନୂତନ ଉଦାହରଣ ହୋଇଥିବାବେଳେ ଗତ ୧୨ ମାସ ମଧ୍ୟରେ ରାଜ୍ୟରେ ଏପରି ଅତିକମ୍‌ରେ ୩ଟି ବଡ଼ ଦୁର୍ଘଟଣା ଘଟିସାରିଛି। ଗତ ଜୁନ୍ ମାସରେ ବିଶାଖାପାଟନମ୍ ଷ୍ଟିଲ୍ ପ୍ଲାଣ୍ଟରେ ତରଳ ଷ୍ଟାଟିକ୍ ଧାତୁ ବେଳେ ଏକ ଲାଡଲ୍ ଭାଙ୍ଗିଯିବାରୁ ବଡ଼ଧରଣର ନିଆଁ ଲାଗି ଆଠ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ଫେବୃଆରୀ ମାସରେ କାକିନାଡ଼ା ଜିଲ୍ଲାର ଭେଟଲାପାଲେମ ଗାଁର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୧ ଜଣଙ୍କର ଜୀବନ ଯାଇଥିଲା।

## ଏସିଆନ୍ ଗେମ୍ସ
# କ୍ରିକେଟ୍ ଓ ହକିରେ ଭାରତକୁ ସ୍ୱର୍ଣ୍ଣ

### ହକି ଟିମ୍‌କୁ ଅଲିମ୍ପିକ୍ସ ଯୋଗ୍ୟତା
### ଆର୍ଚର୍ କୁମ୍‌କୁମ୍ ଜିତିଲେ ଐତିହାସିକ ଡବଲ୍ ସ୍ୱର୍ଣ୍ଣ

ନିସିନ୍/କାକାମିଗହରା,୩।୧୦: ଚଳିତ ଏସିଆନ୍ ଗେମ୍ସ କ୍ରିକେଟ୍ ଓ ହକିରେ ପୂର୍ବରୁ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ପଦକ ହାତେଇ ସାରିଥିବା ବେଳେ ଆଜି ଏହି ଇଭେଣ୍ଟରେ ଭାରତୀୟ ପୁରୁଷ ଦଳ ମଧ୍ୟ ସମାନ ସଫଳତା ଦୋହରାଇଛନ୍ତି। ଗୋଟିଏ ପଟେ କ୍ରିକେଟ୍‌ରେ ଭାରତ ପାକିସ୍ତାନକୁ ଓ ଅନ୍ୟପଟେ ହକିରେ ଭାରତ ମାଲେସିଆକୁ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

ଆଜି ନିସିନ୍‌ଠାରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ କ୍ରିକେଟ୍ ଫାଇନାଲ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟ୍‌ରେ ୨୧୧ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ବୈଭବ ସୂର୍ଯ୍ୟବଂଶୀ ୧୫ ଓ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ସଞ୍ଜୁ ସାମ୍‌ସନ୍ ୨ ରନ୍ କରି ଆଉଟ୍ ହୋଇଥିଲେ ମଧ୍ୟ ଅନ୍ୟତମ ଓପନର ଅଭିଷେକ ଶର୍ମା ତାଙ୍କ ଚିରାଚରିତ ଢଙ୍ଗରେ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖିଥିଲେ। ସେ ମାତ୍ର ୨୮ ବଲ୍‌ରେ ୩ଟି ଚୌକା ଓ ୭ଟି ଛକା ସହାୟତାରେ ୬୧ ରନ୍ କରି ଦଳୀୟ ସ୍କୋର୍‌କୁ ୯୩ରେ ପହଞ୍ଚାଇଥିଲେ। ତାଙ୍କ ବିସ୍ଫୋରକ ବ୍ୟାଟିଂକୁ ଆଧାର ଦଳ ଏହା ପୂର୍ବରୁ ପାୱାରପ୍ଲେ'ରେ ସର୍ବାଧିକ ୮୧ ରନ୍ କରିଥିଲା। ଅଧିନାୟକ ଶ୍ରେୟସ୍ ଆୟର୍ ୨୧ ରନ୍‌ର ଯୋଗଦାନ ଦେବା ପରେ ତିଳକ ବର୍ମା ଆଉ ଏକ ଚମତ୍କାର ଇନିଂସ ଖେଳିଥିଲେ। ସେ ପାକିସ୍ତାନୀ ବୋଲର୍‌ଙ୍କୁ ଧୁଲେଇ କରି ମାତ୍ର ୨୨ ବଲ୍‌ରେ ୩ଟି ଚୌକା ଓ ୪ଟି ଛକା ଜରିଆରେ ପୃଷ୍ଠା-୬



### ପୁରୁଷ ଓ ମହିଳା ହକି ଟିମକୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
## ଅମିତ ଓ ଶିଳାନନ୍ଦଙ୍କ ସହ କଥା ହେଲେ



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଜାପାନରେ ଚାଲିଥିବା ୨୦୨୬ ଏସିଆନ୍ସ ଗେମ୍ସରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ଦେଶର ଏହି ଆନନ୍ଦ ଓ ଗୌରବମୟ ମୁହୂର୍ତ୍ତରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟେଲିଫୋନ ଯୋଗେ ଜାତୀୟ ପୁରୁଷ ଦଳରେ ସାମିଲ ଥିବା ଓଡ଼ିଆ ଖେଳାଳି ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରାଙ୍କ ସହ କଥା ହୋଇ ସେମାନଙ୍କୁ ସାଢ଼େ ୪ କୋଟି ରାଜ୍ୟବାସୀ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

■ ଉଭୟ ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବ: ମୁଖ୍ୟମନ୍ତ୍ରୀ

■ ଅମିତଙ୍କ ଡିଫେନ୍ସିଭ ଓ ଶିଳାନନ୍ଦଙ୍କ ଆଟାକିଂ ଷ୍ଟାଇଲକୁ ପ୍ରଶଂସା

ମୁଖ୍ୟମନ୍ତ୍ରୀ ଅମିତ ରୋହିଦାସଙ୍କ ଡିଫେନ୍ସିଭ୍ ଷ୍ଟାଇଲ୍‌କୁ ପ୍ରଶଂସା କରିବା ସହ ଶିଳାନନ୍ଦଙ୍କ ଗୋଲ୍ ପାଇଁ ଗର୍ବିତ ବୋଲି କହିଥିଲେ। ଆପଣ ଦୁଇଜଣ ଦେଶର ଯୁବବର୍ଗଙ୍କ ପାଇଁ ପ୍ରେରଣା। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଶୁଭକାମନା ଆପଣମାନଙ୍କ ସହ ସବୁବେଳେ ଅଛି ଓ ରହିବ ବୋଲି ସେ କହିଥିଲେ। ଆପଣମାନଙ୍କ ଓଡ଼ିଶା ଫେରିବା ବାଟକୁ ଆମେ ସମସ୍ତେ ଚାହିଁ ରହିଛୁ ବୋଲି ପୃଷ୍ଠା-୬

### 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦଘାଟିତ
# ଓଡ଼ିଶା ହେବ ପର୍ଯ୍ୟଟକଙ୍କ ସ୍ୱର୍ଗ

■ 'ଅତିଥି ଦେବୋ ଭବ' ମନ୍ତ୍ରରେ ପର୍ଯ୍ୟଟକଙ୍କୁ ମିଳିବ ସର୍ବୋତ୍ତମ ସମ୍ମାନ

■ ୨୯ ପର୍ଯ୍ୟଟନସ୍ଥଳରେ ରହିବେ 'ଟୁରିଷ୍ଟ ପୁଲିସ' ଓ ୧୦୦୦ ଲାଇଫ୍ ଗାର୍ଡ

■ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ' ମଞ୍ଜୁର

■ ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ, ଦେଶର ଅଗ୍ରଣୀ 'ସ୍ପୋର୍ଟ୍ସ ହବ୍': କପିଳ ଦେବ



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱ ସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଓ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଆଜି ରାଜଧାନୀଠାରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି। ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଓ ଟୁରିଜମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ି ତୋଳିବାକୁ ପୃଷ୍ଠା-୬

### ସବୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ କୁଳାଧିପତିଙ୍କ ନିର୍ଦ୍ଦେଶ
## ନଭେମ୍ବର ସୁଦ୍ଧା ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଶେଷ କର



ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ): ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ନଭେମ୍ବରର ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ କରି ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କୁଳାଧିପତି ତଥା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ସବୁ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଏହା କହିଛନ୍ତି।

ରାଜ୍ୟପାଳ କହିଥିଲେ ଯେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପରେ ଖାଲି ଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଏବେ ଏକ ପ୍ରମୁଖ ଆହ୍ୱାନ। ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୋଟିଏ ଦିନରେ ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିବା ଉଲ୍ଲେଖ କରି ସେ କହିଥିଲେ ଯେ ଏବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯିବା ଆବଶ୍ୟକ। ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ। ସର୍ବୋତ୍ତମ ଯୋଗ୍ୟତାସମ୍ପନ୍ନ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

■ ଅଧ୍ୟାପକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦେବାକୁ ପରାମର୍ଶ

■ କୁଳପତିଙ୍କ କାର୍ଯ୍ୟକାଳ ସମାନ ରହିବା ଉଚିତ: ରାଜ୍ୟପାଳ

ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାପକ ଭାବେ ପ୍ରାର୍ଥୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଞ୍ଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ସେ ପରାମର୍ଶ ଦେଇଥିଲେ। ଏଭଳି ପ୍ରକ୍ରିୟା ଦ୍ୱାରା କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ୍ ପଡ଼ିଥିବା ଅନୁଭବ କରିବେ ନାହିଁ ଏବଂ ସାକ୍ଷାତକାର ବୋର୍ଡକୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ପୃଷ୍ଠା-୬

### ଦୂର ହେଲା ଇଭି ସବ୍‌ସିଡି ଦ୍ୱନ୍ଦ୍ୱ
## ଡିସେମ୍ବର ୩୧ ଯାଏଁ ବଢ଼ିଲା ସବସିଡି


ମୋଟର ଯାନ ଟିକସ ଓ ପଞ୍ଜିକରଣ ଫି' ଛାଡ଼ ବ୍ୟବସ୍ଥା ଅପରିବର୍ତ୍ତିତ

ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଓଡ଼ିଶାରେ ବୈଦ୍ୟୁତିକ ଯାନ (ଇଭି) କ୍ରୟ ଉପରେ ମିଳୁଥିବା ସମସ୍ତ ସରକାରୀ ପ୍ରୋତ୍ସାହନ ଓ ଆର୍ଥିକ ରିହାତିର ସମୟ ସୀମାକୁ ରାଜ୍ୟ ସରକାର ଆଜି ଆଉ ୩ ମାସ ପାଇଁ ବୃଦ୍ଧି କରିଛନ୍ତି। ଗତ ୩୦ ତାରିଖରେ ପୂର୍ବ ଅବଧି ଶେଷ ହୋଇଯିବା ପରେ ଉପୁଜିଥିବା ଅନିଶ୍ଚିତତା ଉପରେ ପୂର୍ଣ୍ଣଚ୍ଛେଦ ପକାଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଆଜି ଓଡ଼ିଶା ଇଲେକ୍ଟ୍ରିକ ଯାନ ନୀତି-୨୦୨୧ର କାର୍ଯ୍ୟକାଳକୁ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଯାହା ଫଳରେ ଇଭି ଗାଡ଼ି କିଣିବା ଉପରେ ମିଳୁଥିବା ସମସ୍ତ ପ୍ରକାର ଆର୍ଥିକ ରିହାତି ପୂର୍ବପରି ବଳବତ୍ତର ରହିବ। ବିଜ୍ଞପ୍ତି ଅନୁସାରେ, ବିଭାଗର ପ୍ରମୁଖ ସଚିବ ଏନବିଏସ. ରାଜପୁତ 'ଓଡ଼ିଶା ଇଭି ନୀତି-୨୦୨୧'ର ପୃଷ୍ଠା-୬

### ମାନବିକତା ଭୁଲିଗଲା କମ୍ପାନୀ
## ୨ ଲକ୍ଷ ଦିଅ, ମୃତଦେହ ପଠାଇବୁ



ବରଗଡ଼,୩।୧୦(ସଂଚାର ବ୍ୟୁରୋ): ଦାଦନ ଖଟିବାକୁ ଯାଇଥିବା ବରଗଡ଼ର ଜଣେ ଯୁବକଙ୍କର ତାମିଲନାଡୁରେ ମୃତ୍ୟୁ ହୋଇଛି। ହଠାତ କମ୍ପାନୀ ପକ୍ଷରୁ ଏଭଳି ଖବର ଆସିବା ପରେ ଘରେ କୋହକୁଳ ପରିବେଶ ସୃଷ୍ଟି ହୋଇଛି। ହେଲେ ସବୁଠୁ ବଡ଼ କଥା ହେଲା କମ୍ପାନୀ ମୃତଦେହ ପଠାଇବାକୁ ଦୁଇ ଲକ୍ଷ ଟଙ୍କା ଦାବି କରୁଛି। କମ୍ପାନୀ ସର୍ତ୍ତ ରଖିଛି ଯେ ୨ ଲକ୍ଷ ଟଙ୍କା ପାଇଲେ ଗାଡ଼ି କରି ମୃତଦେହ ପଠାଇବ। ଫଳରେ ସରକାରଙ୍କ ନେହୁରା ହୋଇ ଦୁଃଖ ଜଣାଇଛନ୍ତି ଦାଦନ ଶ୍ରମିକଙ୍କ ପରିବାର। ବରଗଡ଼ ଜିଲ୍ଲା ପଦ୍ମପୁର ପୃଷ୍ଠା-୬

## ବାଦ୍ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ

■ ଘରକୁ ଯାଇ ଫର୍ମ ପୂରଣ କରାଇବେ ବିଏଲଓ

■ ବିଏଲଓଙ୍କ ତାଲିକାକୁ ରାଜନୈତିକ ଏଜେଣ୍ଟଙ୍କୁ ଶେୟାର କରାଯିବ

ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଶେଷ ହେବା ପରେ ଯୋଗ୍ୟ ଥାଇ ମଧ୍ୟ ବାଦ୍ ପଡ଼ିଥିବା ନାଗରିକ ଓ ନୂଆ ଭୋଟରଙ୍କୁ ତାଲିକାଭୁକ୍ତ କରିବା ନିମନ୍ତେ ପୁଣିଥରେ ମାସେ ବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏଭଳି ଭୋଟରଙ୍କୁ ଚିହ୍ନଟ କରି ତାଲିକାଭୁକ୍ତ କରିବା ନିମନ୍ତେ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏକେଲ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି ହୋଇଛି। ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳ, ବିଏମସି କମିଶନର ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓମାନଙ୍କୁ) ଏକ ମାସବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବୁଥ୍ ସ୍ତରରେ ପ୍ରି-ଏସଆଇଆର ଓ ବର୍ତ୍ତମାନର ଭୋଟର ତାଲିକାକୁ ମିଳାଇବା ସହ ବିଏଲଓମାନଙ୍କୁ ଘରକୁ ଘର ଯାଇ ଯାଞ୍ଚ କରିବାକୁ କୁହାଯାଇଛି।

ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ଆଜି ଏହି ଚିଠି ଲେଖି ନିର୍ବାଚନ ଆୟୋଗଙ୍କ ଅକ୍ଟୋବର ୧ ତାରିଖର ନିର୍ଦ୍ଦେଶ ଅନୁସାରେ ପୃଷ୍ଠା-୬

### ସଂସଦୀୟ ସ୍ଥାୟୀ କମିଟି ପୁନର୍ଗଠନ
## ଅର୍ଥ ବିଭାଗରେ ଭର୍ତ୍ତୃହରି



ନୂଆଦିଲ୍ଲୀ,୩।୧୦: ସଂସଦୀୟ ବ୍ୟବସ୍ଥାରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ଓ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଶନିବାର ବିଭିନ୍ନ ବିଭାଗ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକର ପୁନର୍ଗଠନ କରିଛନ୍ତି। ଏହି ପୁନର୍ଗଠନ ପ୍ରକ୍ରିୟାରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭାବେ ପୁଣିଥରେ ବହାଲ ରଖାଯାଇଛି। ଲୋକସଭା ପୃଷ୍ଠା-୬



## କାନ ଡେରିଆ

ଶୁଭୁଛି ମନ୍ଦିରେ ପ୍ରତ୍ୟେକ ସନ୍ଧ୍ୟାରେ
ଯନ୍ତ୍ର ବଜାଉଛି ବାଜା
ସନ୍ଧ୍ୟାବେଳେ ସେଠି ଭକ୍ତିଟିଏ ନାହିଁ
କାହା ପାଇଁ ଏତେ ସଜା
ଗଞ୍ଜେଇ ଦେଉଛି ମଜା...
ଅସୁବିଧା ବେଳେ କ୍ଷୀର ଢାଳ ଧରି
ଶିବଙ୍କୁ ପଡୁଛି ଖୋଜା।

■ ଦେବାଶିଷ

# ସବୁ ଦଳ ଦାବି କରୁଛନ୍ତି, କାହାରି ଆନ୍ତରିକତା ନାହିଁ

### ଛାତ୍ର ସଂସଦ ନିର୍ବାଚନ
### କୁଳପତି ସମ୍ମିଳନୀରେ ଅସହମତି!

ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନ ଦ୍ୱନ୍ଦ୍ୱ ଦୂର ହେଉନି। ବିଜେଡି ବିଭିନ୍ନ ଆଳ ନେଇ ୨୦୧୮ରୁ ଛାତ୍ର ସଂସଦ ନିର୍ବାଚନ କରାଉ ନ ଥିଲା, ଯାହାକୁ ବିଜେପି ନିର୍ବାଚନ ପୂର୍ବରୁ ଏକ ପ୍ରସଙ୍ଗ କରିଥିଲା ଓ କ୍ଷମତାକୁ ଆସିଲେ ନିର୍ବାଚନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ବିଗତ ନିର୍ବାଚନକୁ ନେଇ ଏକ ଅସ୍ୱାଭାବିକ ସ୍ଥିତି ଦେଖିବାକୁ ମିଳିଛି। ନିର୍ବାଚନ ବନ୍ଦ କରିଥିବା ବିଜେଡିଠାରୁ ଆରମ୍ଭ କରି ସରକାରୀ ଦଳର ଛାତ୍ରଆ ସଂଗଠନ ଏବିଭିପି ଓ ଛାତ୍ର କଂଗ୍ରେସ ତିନି ପ୍ରମୁଖ ରାଜନୈତିକ ଦଳ ନିର୍ବାଚନ ପାଇଁ ଦାବି କରୁଛନ୍ତି। ହେଲେ କାହାରି ଆନ୍ତରିକତା ଥିଲା ଭଳି ଲାଗୁନାହିଁ। ଏହି ନିର୍ବାଚନ ବିରୋଧୀ ଦଳ ପାଇଁ ହାତୀ ମଲେ ଲକ୍ଷେ ଜିଇଁଲେ ଲକ୍ଷେ ପରି ସ୍ଥିତି। ଆଉ ସରକାରୀ ଦଳ ପାଇଁ ଏହାଟୁ ମାରିଲେ ଗୋ-ହତ୍ୟା, ସେପଟୁ ମାରିଲେ ବ୍ରହ୍ମହତ୍ୟା ଭଳି ସ୍ଥିତି।

ସରକାର ଛାତ୍ର ସଂସଦ ନିର୍ବାଚନକୁ ଏଡ଼ାଇ ଚାଲିଥିବା ବେଳେ ଏବିଭିପି ଏହି ନିର୍ବାଚନ ପାଇଁ ଚାପ ପକାଉଛି। ସେପଟେ ସରକାରରେ ଥିବା ସମୟରେ କଲେଜରେ ନିର୍ବାଚନ ବନ୍ଦ କରିଥିବା ବିଜେଡି ଏବେ ବିରୋଧୀ ଦଳରେ ଥାଇ ଛାତ୍ର ସଂସଦ ନିର୍ବାଚନ କରିବାକୁ ଜୋରଦାର ଦାବି କରୁଛି। ସରକାରଙ୍କ ଆନ୍ତରିକତା ଅଭାବକୁ ଏକ୍‌ସପୋଜ କରିବାକୁ କଂଗ୍ରେସ ମଧ୍ୟ ନିର୍ବାଚନ ପାଇଁ ଦାବି କରୁଛି। ସ୍ଥିତି ଏମିତି ହୋଇଛି ଯେ ତିନି ପ୍ରମୁଖ ଦଳ ଛାତ୍ର ସଂସଦ ନିର୍ବାଚନ ପାଇଁ ପୂରା ଦମରେ ଅଣ୍ଟା ଭିଡ଼ିଥିବା ଜାହିର କରୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ସରକାରୀ ଦଳ ଅପ୍ରତିକର ସ୍ଥିତି ଓ ନିଜ ଜିତାପଟକୁ ନେଇ ଆଶଙ୍କାରେ ଥିବାରୁ ନିର୍ବାଚନ ଏଡ଼ାଇବାକୁ ଚାହୁଁଛି। କାରଣ ନିର୍ବାଚନ ସମୟରେ ହିଂସାତ୍ମକ ସ୍ଥିତି ସୃଷ୍ଟି ହେଲେ ସରକାର ବଦନାମ ହେବାର ଭୟ ରହିଛି। ଏହାଦ୍ୱାରା ବିରୋଧୀଙ୍କ ମଧ୍ୟ ସରକାରଙ୍କ ବିରୋଧରେ ବୟାନବାଜି କରିବାକୁ ସୁଯୋଗ ମିଳିଯିବ। ସେହିଭଳି ଦୁଇ ବିରୋଧୀ ଦଳ ଦାବି କରୁଥିଲେ ବି ମୌଳିକ ଭାବେ ଓହ୍ଲାଇବାକୁ ଆନ୍ତରିକତା ନାହିଁ।

ସେପଟେ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏବେଠୁ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇ ସାରିଲାଣି। ଆଶାୟୀ ପ୍ରାର୍ଥୀଙ୍କ ପୋଷ୍ଟର ସହ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ତେବେ ଏସବୁ ଏବେ କେବଳ ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଚର୍ଚ୍ଚା ହେଉଛି, ଆସନ୍ତା ପୂଜା ଛୁଟି ପରେ ସରକାରୀ ସ୍ତରରେ ଛାତ୍ର ସଂସଦ ନିର୍ବାଚନ କରାଇବାକୁ ପ୍ରସ୍ତୁତି ଚାଲିଛି। ଏପରିକି ପୁଲିସକୁ ମଧ୍ୟ ପୃଷ୍ଠା-୬






### ଦୁଷ୍କର୍ମ ଅଭିଯୁକ୍ତକୁ
## ଏନ୍‌କାଉଣ୍ଟର

ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ନୟାପଲ୍ଲୀ ଦୁଷ୍କର୍ମ ମାମଲାର ୪୮ ଘଣ୍ଟା ପରେ ଧରାପଡ଼ିଛି ମୁଖ୍ୟ ଅଭିଯୁକ୍ତ ଗଞ୍ଜାମର ଶ୍ରୀଧର ପଣ୍ଡା। ଓରଫ୍ ସନ୍ତୋଷ। ଶନିବାର କମିଶନରେଟ୍ ପୁଲିସ ତାକୁ ଚନ୍ଦକା ଥାନା ଅଞ୍ଚଳରେ ଏକ ସ୍ଥାନରୁ ଗିରଫ କରିଛି। ଗିରଫ ସମୟରେ ପୁଲିସକୁ ଆକ୍ରମଣ କରି ନିଜେ ଗୁଳି ଖାଇଛି ଅଭିଯୁକ୍ତ। ତେବେ ସନ୍ତୋଷକୁ ଗିରଫ ପରେ ପୁଲିସ କମିଶନର ଏସ ଦେବଦତ୍ତ ସିଂହ ଗଣମାଧ୍ୟମକୁ ପୂରା ଘଟଣାକ୍ରମ ଏବଂ ଅଭିଯୁକ୍ତର ଉଦ୍ଦେଶ୍ୟ ନେଇ ସୂଚନା ଦେଇଛନ୍ତି।



ପୁଲିସ କମିଶନର କହିଛନ୍ତି, ଅଭିଯୁକ୍ତ ଶ୍ରୀଧର ପଣ୍ଡାର ଘର ଗଞ୍ଜାମ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ। ସେ ମହେଶ୍ୱର ଥାନା ଅନ୍ତର୍ଗତ ଡାକେଲଗାଁଣି ଗ୍ରାମରେ ରହୁଥିଲା। ଗିରଫ ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ। ଏହା ପୂର୍ବରୁ ମଧ୍ୟ ମୋବାଇଲ୍ ଚୋରି ମାମଲାରେ ଗିରଫ ହୋଇ ସେ ଜେଲ୍ ଯାଇଥିଲା। ତା' ନାଁରେ ଖଣ୍ଡଗିରି ଏବଂ ତମାଣ୍ଡୋ ପୃଷ୍ଠା-୬

**ସାହାଯ୍ୟର ହାତ ବଢ଼ାଇଲେ ଉଜ୍ଜ୍ୱଳତାରା କ୍ଲବର ଯୁବକ**

## କୁନି ଝିଅ ତ୍ରିଶିକାର ଜୀବନ ବଞ୍ଚାଇବାକୁ ଗାଁ ଗାଁ ବୁଲି କଲେ ଅର୍ଥ ସଂଗ୍ରହ



**ଗରଦପୁର,୩।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପଳସୁଧା ପଞ୍ଚାୟତ ଖରିଶାଣ ଗ୍ରାମରେ ଦେଖିବାକୁ ମିଳିଛି ମାନବିକତାର ଏକ ଅନନ୍ୟ ଉଦାହରଣ। ଗ୍ରାମର ଅଗ୍ରଣୀ ଯୁବ ସଂଗଠନ 'ଉଜ୍ଜ୍ୱଳତାରା କ୍ଲବ'ର ସଭ୍ୟମାନେ କୁନି ଝିଅ ତ୍ରିଶିକାର ଜୀବନ ରକ୍ଷା ପାଇଁ ଏକ ଅଭିନବ ସହଯୋଗର ହାତ ବଢ଼ାଇଛନ୍ତି।

ସୂଚନାଯୋଗ୍ୟ ଯେ, ଗୁରୁତର ରୋଗରେ ପୀଡ଼ିତ ତ୍ରିଶିକାର ଚିକିତ୍ସା ପାଇଁ ପ୍ରାୟ ୧୬ କୋଟି ଟଙ୍କାର ଏକ ଦାମୀ ଇଞ୍ଜେକ୍ସନର ଆବଶ୍ୟକତା ରହିଛି। ଏହି ବିଶାଳ ଆର୍ଥିକ ରାଶି ଯୋଗାଡ଼ କରିବା ପରିବାର ପକ୍ଷେ ଅସମ୍ଭବ ହୋଇପଡ଼ିଥିବା ବେଳେ, ତା'ର ଜୀବନ ବଞ୍ଚାଇବା ପାଇଁ ଖରିଶାଣ ଗ୍ରାମର ଉଜ୍ଜ୍ୱଳତାରା କ୍ଲବର ଯୁବକମାନେ ଏକ ଛୋଟ ପ୍ରୟାସ ଆରମ୍ଭ କରିଛନ୍ତି। କ୍ଲବର କର୍ମକର୍ତ୍ତା ଓ ସଭ୍ୟମାନେ ନିଜ ଅଞ୍ଚଳର ଘର ଘର ବୁଲି ଆର୍ଥିକ ସହାୟତା ସଂଗ୍ରହ କରୁଛନ୍ତି।

ଉଜ୍ଜ୍ୱଳତାରା କ୍ଲବର ଏହି ମହତ ପ୍ରୟାସ ଓ ସାମାଜିକ ଅଙ୍ଗୀକାରବଦ୍ଧତାକୁ ସ୍ଥାନୀୟ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିବା ସହ ଅନ୍ୟମାନଙ୍କୁ ମଧ୍ୟ ତ୍ରିଶିକାର ଚିକିତ୍ସା ପାଇଁ ଆଗେଇ ଆସିବାକୁ ନିବେଦନ କରିଛନ୍ତି। ଯୁବକମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଆଜି ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

**କ୍ୟାନସର ପୀଡ଼ିତଙ୍କୁ ସହଯୋଗର ହାତ ବଢ଼ାଇଲା**

## ସଦାଶିବ ହେଲ୍ଥ ଫାଉଣ୍ଡେସନ



**ମହାକାଳପଡ଼ା, ୩।୧୦ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ଅନ୍ତର୍ଗତ ବଡ଼ତୋଟା ଛପାଲି ଗ୍ରାମର ମନୁ ମଲ୍ଲିକଙ୍କ ସୁପୁତ୍ର ସତ୍ୟରଞ୍ଜନ ମଲ୍ଲିକ (୨୩) ବର୍ଷ ବୟସରେ କ୍ୟାନସର ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଦୁଃଖଦ ଅବସ୍ଥା ସମ୍ପର୍କରେ ଜାଣିବା ପରେ ଭିତର ଶୋବଲା ଗ୍ରାମର ସଦାଶିବ ହେଲ୍ଥ ଫାଉଣ୍ଡେସନ ଯୁବକ ସଂଘ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି। ଫାଉଣ୍ଡେସନର କର୍ମକର୍ତ୍ତା ବିଶ୍ୱରଞ୍ଜନ ପାତ୍ର, ମନରଞ୍ଜନ ସାମଲ, ବାବୁରାମ ସ୍ୱାଇଁ, ସୁଶାନ୍ତ ଚୌଧୁରୀ, ଶଙ୍କର ଦାସ, ବିଶ୍ୱନାଥ ପଲାଇ, ପ୍ରଶାନ୍ତ ସ୍ୱାଇଁ, ପିଣ୍ଟୁନା ରାଉତ, ପ୍ରିୟରଞ୍ଜନ ଦାସ, ସୁକାନ୍ତ ବାରିକ, ବିଶ୍ୱଜିତ୍ ପଲାଇ, ଶଙ୍କର ରାଉତ, ବିଶ୍ୱରଞ୍ଜନ ବାରିକ, ପବିତ୍ର ରାଉତ, ଗୌତମ ସାମଲଙ୍କ ସମେତ ସମସ୍ତ ସଦସ୍ୟ ମିଳିତ ଭାବେ ୬,୦୦୦ ଟଙ୍କା ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ।ଏଭଳି ମାନବିକ ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳରେ ଫାଉଣ୍ଡେସନର ଯୁବକମାନଙ୍କୁ ପ୍ରଶଂସା କରାଯାଇଛି। ଅସୁସ୍ଥ ସତ୍ୟରଞ୍ଜନଙ୍କ ଶୀଘ୍ର ଆରୋଗ୍ୟ କାମନା କରିବା ସହ ଆଗାମୀ ଦିନରେ ମଧ୍ୟ ଆବଶ୍ୟକ ସହଯୋଗ ଜାରି ରହିବ ବୋଲି ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି।

## ଗାନ୍ଧୀଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**ପଟ୍ଟାମୁଣ୍ଡାଇ,୩।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଜୟନ୍ତୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳନ କରାଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେମାନଙ୍କ ଅମର ତ୍ୟାଗ, ସେବା, ସତ୍ୟ, ଅହିଂସା ଓ ଦେଶପ୍ରେମର ସ୍ମୃତିଚାରଣ କରାଯାଇଥିଲା। ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ତପନ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ଜାତୀୟ ଯୁବ କଂଗ୍ରେସ ସମ୍ପାଦକ ସମ୍ରାଟ କେଶରୀ ଜେନା ସମେତ ବହୁ କଂଗ୍ରେସ କର୍ମୀ ଓ ସମର୍ଥକମାନେ ଯୋଗଦେଇଥିଲେ।

# କେନ୍ଦ୍ରାପଡ଼ାରେ ବୃଦ୍ଧି ପାଉଛି ଚୋରା ମଦ କାରବାର

**ଅବକାରୀ ବିଭାଗର ଚଢ଼ାଉ କେବଳ ଲୋକଦେଖାଣିଆ ?**

**ଚୋରା ବ୍ୟବସାୟୀଙ୍କ ଉତ୍ପାତରେ ଅତିଷ୍ଠ ଜନସାଧାରଣ**

**ପ୍ରଶାସନିକ କାର୍ଯ୍ୟକଳାପ ଉପରେ ଉଠୁଛି ପ୍ରଶ୍ନ**

**କେନ୍ଦ୍ରାପଡା,୩।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଚୋରା ମଦ କାରବାର ଏବେ ଏକ ସଂଗଠିତ ବେଆଇନ ବ୍ୟବସାୟର ରୂପ ନେଇଛି। ସହରଠାରୁ ଗ୍ରାମ, ନଦୀକୂଳ ଅଞ୍ଚଳଠାରୁ ବଜାର ଛକ ପର୍ଯ୍ୟନ୍ତ ଚୋରା ମଦର ଅବାଧ କାରବାର ଚାଲିଥିବା ନେଇ ସାଧାରଣରେ ଅସନ୍ତୋଷ ବଢ଼ୁଛି। ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ ଓ ଜବତିର ଦାବି କରାଯାଉଥିଲେ ମଧ୍ୟ ତୃଣମୂଳ ସ୍ତରରେ ଏହାର କୌଣସି ପ୍ରଭାବ ପଡୁନଥିବା ଅଭିଯୋଗ ହେଉଛି। ବରଂ ଦିନକୁ ଦିନ ଚୋରା ବ୍ୟବସାୟୀଙ୍କ ନେଟୱାର୍କ ବିସ୍ତାର ହେଉଥିବାରୁ ପ୍ରଶାସନର ଭୂମିକା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦର ଚୋରା ଚାଲାଣ ଏବଂ ବିକ୍ରି ଖୋଲାଖୋଲି ଚାଲିଥିବା ବେଳେ ଅନେକ ସ୍ଥାନରେ ଚା' ଦୋକାନ, ହୋଟେଲ, ଗୁମୁଟି ଓ ଜନବସତି ମଧ୍ୟରେ ମଦ ବିକ୍ରି ହେଉଥିବାର ଅଭିଯୋଗ ରହିଛି। ସନ୍ଧ୍ୟା ହେଲେ କେତେକ ଅଞ୍ଚଳ ଅଘୋଷିତ ମଦ ଆଡ୍ଡାରେ ପରିଣତ ହେଉଥିବା ବେଳେ ଏହାକୁ କେନ୍ଦ୍ର କରି ମାରପିଟ, ଗଣ୍ଡଗୋଳ, ଚୋରି, ଛିନତାଇ ଏବଂ ମହିଳାଙ୍କ ପ୍ରତି ଅସଦାଚରଣ ଭଳି ଘଟଣା ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ଅବକାରୀ ବିଭାଗ ନିୟମିତ ଚଢ଼ାଉ କରୁଛି, ତେବେ ଏହି କାରବାର ଦିନକୁ ଦିନ କିପରି ବୃଦ୍ଧି ପାଉଛି? ଚଢ଼ାଉ ସମୟରେ ଅଳ୍ପ ପରିମାଣର ମଦ ଜବତ ଓ ଦୁଇ-ଚାରି ଜଣଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ଏହି ବ୍ୟବସାୟର ମୂଳ



ମାଷ୍ଟରମାଇଣ୍ଡ ଓ ବଡ଼ ଚକ୍ର ଧରାପଡୁନଥିବାରୁ ଚଢ଼ାଉକୁ ନେଇ ସନ୍ଦେହ ବଢ଼ୁଛି। ଲୋକଙ୍କ ଅଭିଯୋଗ, ଚଢ଼ାଉ ପରେ କିଛି ଘଣ୍ଟା କିମ୍ବା ଦିନ ମଧ୍ୟରେ ପୁଣି ପୂର୍ବଭଳି ବ୍ୟବସାୟ ଆରମ୍ଭ ହୋଇଯାଉଛି।

ଚୋରା ମଦ କାରବାର କେବଳ ଆଇନ ଉଲ୍ଲଂଘନରେ ସୀମିତ ନୁହେଁ, ଏହା ସମାଜର ଯୁବପିଢ଼ିଙ୍କୁ ମଧ୍ୟ ବିପଥଗାମୀ କରୁଛି। ସହଜରେ ମଦ ଉପଲବ୍ଧ ହେଉଥିବାରୁ ଅନେକ ଯୁବକ ନିଶା ପ୍ରତି ଆକୃଷ୍ଟ ହେଉଛନ୍ତି। ଫଳରେ ପରିବାରରେ ଅଶାନ୍ତି, ଆର୍ଥିକ ସଙ୍କଟ ଓ ସାମାଜିକ ଅବକ୍ଷୟ ବୃଦ୍ଧି ପାଉଛି। ବିଶେଷ କରି ଗ୍ରାମାଞ୍ଚଳରେ ଦିନମଜୁରିଆ ଓ ଗରିବ ପରିବାରମାନଙ୍କ ଉପରେ ଏହାର କୁପ୍ରଭାବ ସବୁଠାରୁ ଅଧିକ ପଡୁଛି।

ଅନେକ ସ୍ଥାନରେ ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ସ୍ୱର ଉଠାଉଥିବା ଲୋକଙ୍କୁ ଧମକ ଦିଆଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଏପରିକି କେତେକ ଅଞ୍ଚଳରେ ମଦ ମାଫିଆଙ୍କ ପ୍ରଭାବ ଏତେ ବଢ଼ିଛି ଯେ ସାଧାରଣ ଲୋକ ଖୋଲାଖୋଲି ଅଭିଯୋଗ କରିବାକୁ ଭୟ କରୁଛନ୍ତି। ଏହି ପରିସ୍ଥିତି ଚୋରା ମଦ କାରବାରର ଗଭୀରତା ଓ ବିସ୍ତୃତିକୁ ସୂଚାଉଛି।

କେନ୍ଦ୍ରାପଡାରେ ବଢୁଥିବା ଚୋରା ମଦ କାରବାର ଏବେ କେବଳ ଆଇନ-ଶୃଙ୍ଖଳାର ପ୍ରଶ୍ନ ନୁହେଁ, ବରଂ ଏହା ଏକ ସାମାଜିକ ଓ ଜନସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି। ପ୍ରଶାସନ ଯଦି ଏହାକୁ ଗୁରୁତ୍ୱର ସହ ନନିଏ, ତେବେ ଆଗାମୀ ଦିନରେ ଏହି ବେଆଇନ କାରବାର ଆହୁରି ଭୟଙ୍କର ରୂପ ନେଇ ସମାଜ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ।

# ଫର୍ମ-୬ ଦାଖଲ ନେଇ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳଙ୍କ ସୂଚନା

**କେନ୍ଦ୍ରାପଡ଼ା,୩।୧୦(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ ପରେ ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କ ପାଇଁ ଭୋଟର ପଞ୍ଜୀକରଣ ପ୍ରକ୍ରିୟା ପୂର୍ବଭଳି ଜାରି ରହିଥିବା ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର୍. ଆୟର ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ ସେ ଜିଲ୍ଲାବାସୀଙ୍କୁ ସଚେତନ କରିବା ସହ ଯୋଗ୍ୟ ନାଗରିକମାନଙ୍କୁ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ଆହ୍ୱାନ ଜଣାଇଛନ୍ତି।

ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା କୌଣସି ଯୋଗ୍ୟ ନାଗରିକ ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏପରିକି ଏସ୍‌ଆଇଆର୍-୨୦୨୬ ସମୟରେ କୌଣସି କାରଣବଶତଃ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିଲେ ମଧ୍ୟ ପୁନର୍ବାର ଫର୍ମ-୬ ମାଧ୍ୟମରେ ନାମ ସାମିଲ ପାଇଁ ଆବେଦନ କରିହେବ।

ସେ କହିଛନ୍ତି ଯେ, ଫର୍ମ-୬ ଦାଖଲ ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ପର୍କିତ କୌଣସି ଅତିରିକ୍ତ ଘୋଷଣାନାମା କିମ୍ବା ଦସ୍ତାବିଜ ଦେବାର ଆବଶ୍ୟକତା ନାହିଁ। ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା-ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ସୂଚନା ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ।

ତେବେ କେବଳ ଫର୍ମ-୬ ଦାଖଲ କରିଦେଲେ ନାମ ସ୍ୱୟଂଚାଳିତ ଭାବେ ଭୋଟର ତାଲିକାରେ ସାମିଲ ହୋଇଯିବ ନାହିଁ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କ ଯୋଗ୍ୟତା, ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକ ଦସ୍ତାବିଜର ନିର୍ଦ୍ଧାରିତ ଯାଞ୍ଚ ପରେ ହିଁ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ଅନ୍ତିମ ନିଷ୍ପତ୍ତି ନିଆଯିବ।

ସେ ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକଙ୍କୁ ନିଜ ନାମ ଭୋଟର ତାଲିକାରେ ରହିଛି କି ନାହିଁ ଯାଞ୍ଚ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି ନାମ ତାଲିକାରେ ନଥାଏ, ତେବେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାଇବାକୁ ଅନୁରୋଧ କରିଛନ୍ତି।

ନିର୍ଭୁଲ, ସ୍ୱଚ୍ଛ ଓ ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରି ଜିଲ୍ଲାପାଳ କହିଛନ୍ତି ଯେ, ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବାରେ ସଠିକ୍ ଭୋଟର ତାଲିକାର ଗୁରୁତ୍ୱ ଅତ୍ୟନ୍ତ ଅଧିକ।

## ଭୂତଳସ୍ଥ କେବୁଲ କାର୍ଯ୍ୟ ପାଇଁ ରବିବାର ୭ ଘଣ୍ଟା ବିଦ୍ୟୁତ୍ କାଟ

**କେନ୍ଦ୍ରାପଡ଼ା,୩।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରରେ ଭୂତଳସ୍ଥ (ୟୁଜି) କେବୁଲ ବିଛାଇବା କାର୍ଯ୍ୟ ନିମନ୍ତେ ଆସନ୍ତା ୪ ଅକ୍ଟୋବର ରବିବାର ଦିନ ୭ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏନେଇ ଟିପିସିଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି।

ଟିପିସିଓଡିଏଲର ସୂଚନା ଅନୁଯାୟୀ, ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରାଞ୍ଚଳର ୪ ନମ୍ବରରୁ ୨୧ ନମ୍ବର ୱାର୍ଡ ସମେତ କପାଳେଶ୍ୱର ଓ ଗୁଲନଗର ପଞ୍ଚାୟତ ଅଞ୍ଚଳରେ ବିଦ୍ୟୁତ୍ ସେବା ସାମୟିକ ଭାବେ ବିଚ୍ଛିନ୍ନ ରହିବ। ଭୂତଳସ୍ଥ କେବୁଲ ବିଛାଇବା କାର୍ଯ୍ୟକୁ ସୁରକ୍ଷିତ ଓ ନିର୍ବିଘ୍ନ ଭାବେ ସମ୍ପାଦନ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ସମୟ ମଧ୍ୟରେ ପ୍ରଭାବିତ ଅଞ୍ଚଳର ଗ୍ରାହକମାନେ ଆବଶ୍ୟକୀୟ ବିଦ୍ୟୁତ୍ ଉପକରଣ ବ୍ୟବହାର ସମ୍ପର୍କରେ ପୂର୍ବରୁ ପ୍ରସ୍ତୁତି ନେବା ସହ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେଲେ ବିଦ୍ୟୁତ୍ ସରବରାହ ଶୀଘ୍ର ପୁନଃ ସ୍ୱାଭାବିକ କରାଯିବ ବୋଲି ଟିପିସିଓଡିଏଲ ସ୍ପଷ୍ଟ କରିଛି। ସାମୟିକ ଅସୁବିଧା ପାଇଁ ସଂସ୍ଥା ଦୁଃଖ ପ୍ରକାଶ କରିବା ସହ ଗ୍ରାହକମାନଙ୍କ ସହଯୋଗ ଲୋଡ଼ିଛି।

## ଚିତ୍ରୋତ୍ପଳା ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଗରଦପୁର,୩।୧୦(ସଂଚାର ବ୍ୟୁରୋ):** ପାଟକୁରା ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ପ୍ରଫୁଲ ନାୟକଙ୍କ ସହଧର୍ମିଣୀ ନିର୍ମଳା ନାୟକ (୬୫) ଚିତ୍ରୋତ୍ପଳା ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନିର୍ମଳା ନାୟକ ଶୁକ୍ରବାର ସକାଳେ ଘର ନିକଟସ୍ଥ ଚିତ୍ରୋତ୍ପଳା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ବେଳେ ହଠାତ୍ ତାଙ୍କର ଗୋଡ଼ ଖସିଯିବାରୁ ସେ ନଦୀର ଗଭୀର ପାଣିରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ଘଟଣା ଜାଣି ତୁରନ୍ତ ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ ତାଙ୍କୁ



ବଞ୍ଚାଇ ପାରିନଥିଲେ। ଖବର ପାଇ ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଅଘଟଣ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଘଟଣା ସମ୍ପର୍କରେ ପାଟକୁରା ଥାନା ପୁଲିସ ଅବଗତ ହୋଇ ଆବଶ୍ୟକ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ରସାବଳୀର ଗୌରବକୁ ନେଇ ଉନ୍ମୋଚିତ ହେଲା ସ୍ମରଣିକା



**କେନ୍ଦ୍ରାପଡ଼ା,୩।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ପରିଚୟ ବହନ କରୁଥିବା ପ୍ରସିଦ୍ଧ ମିଷ୍ଟାନ୍ନ ରସାବଳୀକୁ ଭୌଗୋଳିକ ସୂଚକ (ଜି.ଆଇ.) ଟ୍ୟାଗ ମାନ୍ୟତା ମିଳିବାର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଗୋପଛକସ୍ଥିତ କମଳ ଭବନ ପରିସରରେ ଏକ ବର୍ଣ୍ଣାଢ୍ୟ ବନ୍ଧୁମିଳନ ଓ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ରାପଡ଼ା ରସାବଳୀ ମିଷ୍ଟାନ୍ନ ନିର୍ମାତା ସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହରେ ରସାବଳୀର ଐତିହ୍ୟ, ଗୌରବ ଓ ଭବିଷ୍ୟତ ସୁରକ୍ଷା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା (ଆଇଏଏସ) ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଜି.ଆଇ. ଟ୍ୟାଗ କେବଳ ଏକ ସ୍ୱୀକୃତି ନୁହେଁ, ବରଂ ଏହା ଏକ ଦାୟିତ୍ୱ। ଏହି ମାନ୍ୟତାକୁ ଦୀର୍ଘସ୍ଥାୟୀ କରିବା ପାଇଁ ରସାବଳୀର ଗୁଣମାନ, ପାରମ୍ପରିକତା ଓ ପ୍ରଚାର-ପ୍ରସାର ଉପରେ ସମସ୍ତଙ୍କୁ ସମାନ ଭାବେ ଗୁରୁତ୍ୱ ଦେବାକୁ ପଡିବ।

ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରସାବଳୀର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ଇଷ୍ଟପ୍ରିୟ ନୈବେଦ୍ୟ ରସାବଳୀ' ଶୀର୍ଷକ ସ୍ମରଣିକା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ସଂଘର ଦିବଙ୍ଗତ ସଭାପତି ସୌରୀ ଚନ୍ଦ୍ର ସାହୁ ଓ ଉପ-ସଭାପତି ବୈଷ୍ଣବ ଚରଣ ପଣ୍ଡାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ସେମାନଙ୍କ ଅମର ଆତ୍ମାର ସଦଗତି କାମନାରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହାସହ ସେମାନଙ୍କ ଉତ୍ତରାଧିକାରୀ ଦୀପକ କୁମାର ସାହୁ ଓ ମହେଶ୍ୱର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଜି.ଆଇ. ଟ୍ୟାଗ ପ୍ରାପ୍ତି ଅଭିଯାନରେ ସକ୍ରିୟ ଭୂମିକା ନେଇଥିବା ସ୍ୱେଚ୍ଛାସେବୀ ସଂଗଠନ ରାଇଡ୍ର ସମ୍ପାଦକ କିଶୋର କୁମାର ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଧାୟକଙ୍କ ଦ୍ୱାରା ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ



**କେନ୍ଦ୍ରାପଡା,୩।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତର କଟେରୀପଡା ଗ୍ରାମରେ ନୂତନ ଭାବେ ହୋଇଥିବା ଅଙ୍ଗନୱାଡୀ କେନ୍ଦ୍ର (କ) କୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଉଦ୍‌ଘାଟନ କରିଛନ୍ତି ।

ପ୍ରାୟ ୧୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଅଙ୍ଗନବାଡି କେନ୍ଦ୍ରରେ ଶିଶୁ ଉପକୃତ ହେବେ। ଆୟୋଜିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଂଜନ ରାଉତ, ବଗଡା ସରପଂଚ ସୁବନି ସାହୁ, ଏମ୍‌ପିଏସ୍ ସୌଦାମଣୀ ଦାସ, ନାୟବ ସରପଂଚ କୁନିଲତା ପ୍ରଧାନ, ବିଜେଡି ପଂଚାୟତ ସଭାପତି ପ୍ରଭାତ କୁମାର ଜେନାଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ମହିଳା, ବିଶିଷ୍ଟ ବ୍ୟକ୍ତି ଓ ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ ।

# କୂଅରୁ ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

*୨ ଦିନ ଧରି ନିଖୋଜ ଥିଲେ, ମୃତ୍ୟୁର କାରଣ ଅସ୍ପଷ୍ଟ*

**ଢେଙ୍କାନାଳ,୩।୧୦ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ କଲେଜ ବାଇପାସ ନିକଟସ୍ଥ ଶିବମନ୍ଦିର ପରିସରରେ ଥିବା ଏକ କୂଅରୁ ଜଣେ ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ନେଇ ଚାଞ୍ଚଲ୍ୟ ପ୍ରକାଶ ପାଇଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ପିଙ୍ଗୁଆ ଗ୍ରାମର ରତ୍ନାକର ସାହୁଙ୍କ ପୁଅ ଚଗଲି ସାହୁ।



ସୂଚନା ଅନୁଯାୟୀ, ଚଗଲି ଗତ କିଛି ବର୍ଷ ଧରି ଭାପୁର ଫରେଷ୍ଟ ସେକ୍ସନରେ ହାତୀ ସ୍କ୍ୱାଡ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ସେ ସଦର ରେଞ୍ଜ ଅଧୀନରେ କାର୍ଯ୍ୟରତ ଥିଲେ। ତେବେ ଗତ ଦୁଇ ଦିନ ଧରି ଚଗଲିଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ହୋଇନଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇନଥିଲେ।

ଆଜି କଲେଜ ବାଇପାସ ନିକଟ ଶିବମନ୍ଦିର କୂଅରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। କୂଅରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବା ମଧ୍ୟ ଜଣାପଡ଼ିଥିଲା। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୂଅରୁ ମୃତଦେହକୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିବା ପରେ ଏହା ଚଗଲି ସାହୁଙ୍କର ବୋଲି ସ୍ପଷ୍ଟ ହୋଇଥିଲା।

ପୁଲିସ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହକୁ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ରଖି କ୍ଷତିପୂରଣ ଦାବିରେ ଧାରଣାରେ ବସିଥିଲେ। ପରିବାର ପକ୍ଷରୁ ୨୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ଦାବି କରାଯାଇଥିଲା।

ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର, ବନ ବିଭାଗର ଫରେଷ୍ଟର ଓ ଏସିଏଫ୍ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଓ ନିୟମାନୁଯାୟୀ ସହାୟତା ସମ୍ପର୍କରେ ବୁଝାସୁଝା କରିବା ପରେ ପରିବାର ଲୋକେ ଧାରଣାରୁ ଉଠିଥିଲେ।

# ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ନବୀନଙ୍କ ସୁଶାସନକୁ ନେଇ ଜନସାଧାରଣଙ୍କୁ ଅବଗତ, ବିଜେପି ସରକାରକୁ ସମାଲୋଚନା**




**ପାରାଦ୍ୱୀପ,୩।୧୦ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପାରାଦ୍ୱୀପ ନଗର ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ନଗର ସଭାପତି କୁମାରବର ନାୟକ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆୟୋଜିତ ହୋଇଥିଲା।

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଅଠରବାଙ୍କୀସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସେଠାରୁ ୩ ନମ୍ବର ୱାର୍ଡ ଲକପଡ଼ା ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା।

ଏହାପରେ ଅଠରବାଙ୍କୀରୁ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ବାହାରି ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

ସଭାରେ ବିଜେଡି ନେତାମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନକାଳର ବିଭିନ୍ନ କାର୍ଯ୍ୟ ଓ ସୁଶାସନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହ ବର୍ତ୍ତମାନର ବିଜେପି ସରକାରଙ୍କ ବିଭିନ୍ନ ନୀତି ଓ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ନେଇ ଦଳୀୟ ନେତାମାନେ ସମାଲୋଚନା କରିଥିଲେ। ଏହାସହ ବିଜୁ ଜନତା ଦଳକୁ ପୁନର୍ବାର କ୍ଷମତାସୀନ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ନଗର ବିଜେଡି ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ପରିଡ଼ା, ଚିତ୍ତରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦକ ତଥା ପାରିଷଦ କମ୍ବଳା ଜଗନ୍ନାଥ ରାଓ, ଯୁବ ସଭାପତି ଆଲୋକ ମହାପାତ୍ର, ପୂର୍ବତନ ପାରିଷଦ ଅଜୟ ନାୟକ, ଯୁବନେତା ରଶ୍ମିରଞ୍ଜନ ପରିଡ଼ା, ପାରିଷଦ ଅଜିତ ଷଡ଼ଙ୍ଗୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

# ନିମ୍ନମାନର ପକ୍କା ସଡ଼କ ନିର୍ମାଣକୁ ବନ୍ଦ କଲେ ଗ୍ରାମବାସୀ

**ନୀଳଗିରି,୩।୧୦ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ କିଶୋରଚନ୍ଦ୍ରପୁର ପଞ୍ଚାୟତ ୧ ନମ୍ବର ୱାଡ଼ ତାଳଗଡ଼ିଆ ଗ୍ରାମର ଏକ ପକ୍କା ସଡ଼କ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ନିମ୍ନ ମାନର କାର୍ଯ୍ୟ ପାଇଁ ୱାଡ଼ ସଭ୍ୟା ଓ ଗ୍ରାମ ବାସୀ ମାନେ ବିରୋଧ କରି ବାରୁଅଧାରୁ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିବା ଦେଖିବାକୁ ମିଳିଛି।



ସୂଚନା ଯୋଗ୍ୟ ଉକ୍ତ ପଂଚାୟତ୧ନମ୍ବର ୱାର୍ଡ ତାଳଗଡିଆ ଗ୍ରାମରେ ଏକ ସିସି ରୋଡ଼ ନିର୍ମାଣ ପାଇଁ ୨୦୨୬-୨୭ଆର୍ଥିକ ବର୍ଷରେ ବିଜିବିଓ ଯୋଜନାରେ ୩ ଲକ୍ଷ ବ୍ୟୟ ବରାଦହୋଇଥିଲା।ଉକ୍ତ ରାସ୍ତା ନିର୍ମାଣ ଦାୟତ୍ୱ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥାଇ ଗତ ଦୁଇ ଦିନ ତଳେ ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାଟି ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଲକ୍ଷ୍ମୀଧର ସିଂ ଘର ପର୍ଯ୍ୟନ୍ତ ୧୯୦ଫୁଟ ରାସ୍ତାର ଉଭୟ ପାର୍ଶ୍ୱରେ ୱାଲ ହୋଇଥିଲା। ପରେ ରାସ୍ତାକୁ ୫୦ଫୁଟ କମେଇ ଦେଇ ପାଗଲା ସିଂ ଘର ପର୍ଯ୍ୟନ୍ତ ମେଟାଲିଂ କରିଥିଲେ। ତେବେ ମେଟାଲିଂରେ ୬ଇଞ୍ଚ ପରିବର୍ତ୍ତେ ମାତ୍ର ୩ଇଞ୍ଚ ହୋଇଥିବା ବେଳେ ଓସାର ୧୨ଫୁଟ ପରିବର୍ତ୍ତେ ୧୧ଫୁଟ କରାଯାଇଥିଲା।

ରାସ୍ତାର ଲେଆଉଟ ପାଇଁ ବିଭାଗୀୟ ଯନ୍ତ୍ରୀ ବୈଦ୍ୟନାଥ ସିଂ ଆସିଥିବା ଦିନ ସ୍ଥାନୀୟ ୱାଡ଼ ସଭ୍ୟା କବିତା ସିଂ, ତାଙ୍କ ସ୍ୱାମୀ ରଥ ସିଂ ଓ ଗ୍ରାମବାସୀଙ୍କ ସମ୍ମୁଖରେ ରାସ୍ତାର ଦୈର୍ଘ୍ୟ, ପ୍ରସ୍ତ ଓ ଉଚ୍ଚତା ସମ୍ପର୍କରେ ପଚାରିଥିଲେ। ଯାହା ସଠିକ ତଥ୍ୟ ମଧ୍ୟ ସେ ଦେଇଥିଲେ। ହେଲେ କାର୍ଯ୍ୟ ଆରମ୍ଭରୁ କମ କାର୍ଯ୍ୟ ଏବଂ ଯନ୍ତ୍ରୀଙ୍କ ଅନୁପସ୍ଥିତି ରେ ନିର୍ମାଣ କାର୍ଯ୍ୟ ନିମ୍ନମାନ କୁ ନେଇ ସମଗ୍ର ଗ୍ରାମବାସୀ ଏକ ଜୋଟ ହୋଇ ପ୍ରତିବାଦ କରିଥିଲେ। ପରେ କାର୍ଯ୍ୟ କୁ ଅଧାରୁ ବନ୍ଦ କରିବା ସହିତ ଏଷ୍ଟିମେଟ ଅନୁସାରେ କାମ କରିବାକୁ ଜିଦ ଧରିଥିଲେ।

ରାସ୍ତା ନିର୍ମାଣ ସମ୍ପର୍କରେ ଯନ୍ତ୍ରୀ ଶ୍ରୀଯୁକ୍ତ ସିଂଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନଥିଲେ। ଉକ୍ତ ଗ୍ରାମର ୱାର୍ଡ ସଭ୍ୟା କବିତା ସିଂ ଙ୍କ ସମେତ ସୁନୀଲ ସିଂ, ମହେଶ୍ୱର ମଢେଇ, ରାଜେନ୍ଦ୍ର ସିଂ, ଆକାଶ ସିଂ, ସୁକୁରା ସିଂ, ଶଙ୍କରି ସିଂ, ରୀନା ସିଂ, ସାକୁଲା ସିଂ, ଗୀତା ସିଂ, ସଚିନ୍ଦ୍ର ମଢେଇ, ରେବତୀ ମଢେଇ ପ୍ରମୁଖ ଗ୍ରାମବାସୀ ନିମ୍ନ ମାନର କାର୍ଯ୍ୟକୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବୀ କରିଛନ୍ତି।ଅପରପକ୍ଷରେ ଅତିରିକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଗୟାଧର ସିଂ ପଚାରିବାରୁ ତଦନ୍ତ କରି କହିବେ ବୋଲି କହିଛନ୍ତି।

## ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଫୁଲବାଣୀ,୩।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତ ସ୍ଥିତ ଚକାଡୋଲା ଖେଳାପଡିଆ ଶୁଣ୍ଡିଗାଁ ଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସାବତ୍ ଏସ୍ପି ଦ୍ୱାରା ଆୟୋଜିତ ପାଞ୍ଚ ଦିନ ଧରି ଅନୁଷ୍ଠିତ ଏହି ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପାନୀ ଅବସରରେ ପୂର୍ବତନ ବିଧାୟକ ଦୁଗୁନି କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାଇନାଲ ଖେଳ ଉଦ୍‌ଘାଟନ କରିଥିଲେ ।

ଅନ୍ୟ ଅତିଥି ମଧ୍ୟରେ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ଏସିଆ କହଁର, ବୃନ୍ଦାବନ କହଁର, ସମାଜ ସେବୀ ମାତ ଦିଗାଲ, ଗ୍ରାମ ପଞ୍ଚାୟତ ବିଜେଡ଼ି ସଭାପତି ତ୍ରେସା ମଲିକ,ପୂର୍ବତନ ସମିତି ସଭ୍ୟ ଜମ୍ବେଶ୍ୱର କହଁର, ସମାଜସେବୀ ଶର୍ଷେ କହଁର ଯୋଗଦେଇ ଥିଲେ । ପାଞ୍ଚ ଦିନ ଧରି ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ରେ ବଛା ବଛା ୧୬ ଟି ଫୁଟବଲ ଟିମ୍ ଯୋଗଦେଇ ଥିବା ବେଳେ ଫାଇନାଲ ଖେଳରେ ଉପର ଦଣ୍ଡିକିଆ ଟିମ୍ ସହ ବାଡିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶେଷରେ ପେନାଲଟି ଜରିଆରେ ଉପର ଦଣ୍ଡିକିଆ ଚାମ୍ପିଅନ ହୋଇଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା ମାନଙ୍କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।

## ରାଜ୍ୟସ୍ତରୀୟ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

# ବନ୍ୟପାଣୀଙ୍କ ପାଇଁ କ୍ଷତିଗ୍ରସ୍ତ ପରିବାରକୁ ମିଳିଲା ଅନୁଦାନ



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ବନ୍ୟପ୍ରାଣୀ ସଂରକ୍ଷଣ, ବୈଜ୍ଞାନିକ ଗବେଷଣା, ପରିବେଶ ସଚେତନତା ଓ ଦାୟିତ୍ୱପୂର୍ଣ୍ଣ ଇକୋ-ଟୁରିଜମକୁ ଅଧିକ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଆଜି ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇଥିଲେ। ବନ୍ୟପ୍ରାଣୀ ସପ୍ତାହ କେବଳ ବନ୍ୟପ୍ରାଣୀଙ୍କ ପ୍ରତି ଆମର ଭଲପାଇବା ପ୍ରକାଶ କରିବାର ଏକ ଅବସର ନୁହେଁ, ବରଂ ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ନୂଆ ସଂକଳ୍ପ ନେବାର ଅବସର। ଗତ ଦୁଇ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ସଫଳତା ପଛରେ ବୈଜ୍ଞାନିକ ଦୃଷ୍ଟିକୋଣ, ଆଧୁନିକ ପ୍ରଯୁକ୍ତି, ଦୃଢ଼ ପ୍ରଶାସନିକ ପଦକ୍ଷେପ ସହିତ ବନ କର୍ମଚାରୀ ଓ ସ୍ଥାନୀୟ ସମୁଦାୟଙ୍କର ନିଷ୍ଠାପୂର୍ଣ୍ଣ ଅବଦାନ ରହିଛି ବୋଲି ସେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଥିଲେ। ଏହି ଅବସରରେ ବନ୍ୟପ୍ରାଣୀ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଘର ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଅନୁଦାନ ମଞ୍ଜୁରୀ ଆଦେଶ ଓ ଚେକ୍ ବଣ୍ଟନ କରାଯାଇଥିଲା। ମାନବ-ବନ୍ୟପ୍ରାଣୀ ସଂଘର୍ଷରେ ପ୍ରଭାବିତ ଲୋକଙ୍କ ପ୍ରତି ସରକାରଙ୍କ ସହଯୋଗ ଓ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ।

କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ଶାଖାର ବିଭିନ୍ନ ସଫଳତା ଏବଂ ସପ୍ତାହବ୍ୟାପୀ ବନ୍ୟପ୍ରାଣୀ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସିଏମ-ଗ୍ରୋ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଶାର ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ବୈଜ୍ଞାନିକ ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ଗବେଷଣାଭିତ୍ତିକ ସଂରକ୍ଷଣ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଓଡ଼ିଶାର ବିଭିନ୍ନ ଦିବସୀୟ ଇକୋ-ଟୁରିଜମ୍ ଗନ୍ତବ୍ୟସ୍ଥଳର ଅନଲାଇନ୍ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଚନ୍ଦକା ବନ୍ୟପ୍ରାଣୀ ବିଭାଗର ପିକକ୍ ଭ୍ୟାଲି ଓ ନାଗେଶ୍ୱର ଡ୍ୟାମ୍, ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବିଭାଗର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଚିଲିକା ବନ୍ୟପ୍ରାଣୀ ବିଭାଗର କରଖୋଲ, ସମ୍ବଲପୁର

# ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଓ ସହପ୍ରଭାରୀଙ୍କ ଓଡ଼ିଶା ଆଗମନ

## 'ଆଙ୍ଗନ୍ କି ଉତ୍ସବ' କାର୍ଯ୍ୟକ୍ରମରେ ଯୋଗଦେଲେ



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଦ୍ୱିତୀୟ ଥର ପାଇଁ ଓଡ଼ିଶାର ପ୍ରଭାରୀ ଦାୟିତ୍ୱ ମିଳିଛି। ରାଜ୍ୟରେ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆଯିବ। ଦଳୀୟ ସଂଗଠନକୁ ଆହୁରି ଅଧିକ ସୁଦୃଢ଼ କରାଯିବ ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଓ ସାଂସଦ ଡି.ପୁରନ୍ଦେଶ୍ୱରୀ କହିଛନ୍ତି। ନୂତନ ଦାୟିତ୍ୱ ନେବା ପରେ ଶ୍ରୀମତୀପୁରନ୍ଦେଶ୍ୱରୀ ଆଜି ନବନିଯୁକ୍ତ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସମ୍ପାଦକ ଡ. ସ୍ୱଦେଶ ସିଂହଙ୍କ ସହ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତ କରିଛନ୍ତି। ରାଜ୍ୟ ବିଜେପି ପକ୍ଷରୁ ଉଭୟଙ୍କୁ ବିମାନ ବନ୍ଦରରେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ କାର୍ଯ୍ୟାଳୟରେ ଦଳର ନେତୃବୃନ୍ଦ ପୁଷ୍ପଗୁଚ୍ଛ ଦେଇ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାପରେ ଶ୍ରୀମତୀ ପୁରନ୍ଦେଶ୍ୱରୀ ୩୫ ନମ୍ବର ୱାର୍ଡସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ଆୟୋଜିତ 'ଆଙ୍ଗନ୍ କି ଉତ୍ସବ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀମତୀ ପୁରନ୍ଦେଶ୍ୱରୀ ଅଙ୍ଗନବାଡି କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ସେହିପରି ରାଜ୍ୟ ସହପ୍ରଭାରୀ ଡ. ସିଂହ ୪୦ ନମ୍ବର ୱାର୍ଡସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ଆୟୋଜିତ 'ଆଙ୍ଗନ୍ କି ଉତ୍ସବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଦଳୀୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ଜିଲ୍ଲା ପ୍ରଭାରୀ ବୈଠକରେ ଉଭୟ ପ୍ରଭାରୀ ଓ ସହପ୍ରଭାରୀଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ ବୈଠକରେ ବିଶେଷଭାବେ ବିଜେପି ଓଡ଼ିଶା ପ୍ରଦେଶର ସାଙ୍ଗଠନିକ କାର୍ଯ୍ୟକଳାପ, ଆଗାମୀ କାର୍ଯ୍ୟ ଯୋଜନା, ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଗତ ୧୭ରୁ ଆରମ୍ଭ ହୋଇଥିବା 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯିବ। ସେହିପରି ଆସନ୍ତା ୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷ ପୂରଣ କରୁଛନ୍ତି। ଏହି ଅବସରରେ ଓଡ଼ିଶାର ୩୦ଟି ଜିଲ୍ଲା ସମେତ ଦେଶବ୍ୟାପୀ 'ସେବା ଜ୍ୟୋତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



ନିମାପଡ଼ା,୩।୧୦(ସଂଚାର ବ୍ୟୁରୋ): ନିମାପଡ଼ା, ଗୁହାଳପଡ଼ା କଲେଜ ଛକସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରରେ ନିମାପଡ଼ା ସାମ୍ବାଦିକ ସଂଘର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜସ୍ଥାନର ମାଉଣ୍ଟଆବୁଠାରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ ଗଣମାଧ୍ୟମ ସମ୍ମିଳନୀରେ ଯୋଗଦେଇଥିବା ୯ ଜଣ ସାମ୍ବାଦିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ନିମାପଡ଼ା ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ନାୟକ, ସାଧାରଣ ସମ୍ପାଦକ ଅଶୋକ ବେହେରା, ସହସମ୍ପାଦକ ଅଜିତ ରଞ୍ଜନ ସାହୁ, ଶିଶିର ସ୍ୱାଇଁ, ଉପଦେଷ୍ଟା ଚିତ୍ତରଞ୍ଜନ ମହାନ୍ତି, ରାଜକିଶୋର ଦାଶ, ଡଃ କେଦାର ନାଥ ସାହୁ, କୋଷାଧ୍ୟକ୍ଷ ଶାନ୍ତନୁ ମହାନ୍ତି, ବିବେକାନନ୍ଦ ସେଠୀ, ନିଆଳୀର ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ରାଜସ୍ଥାନର ମାଉଣ୍ଟଆବୁ, ଶାନ୍ତିବନ, ମାନ ସରୋବର, ଉଦୟପୁର ମହାରଣା ପ୍ରତାପ ପ୍ୟାଲେସ ଭ୍ରମଣ, ରହଣୀ ଅନୁଭୂତି, ଅଭିଜ୍ଞତା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରି ଦିବ୍ୟ ଅନୁଭୂତି ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲେ।

## ଶାସ୍ତ୍ରୀ ନଗରରେ ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ଶାସ୍ତ୍ରୀ ନଗରଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ମହାନ ଜନନାୟକ ତଥା ଅଦମ୍ୟ ଦେଶଭକ୍ତ ଭାରତ ରତ୍ନ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାପୂର୍ବକ ସ୍ମରଣ କରାଯାଇଛି। ଏହି ଅବସରରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇ ଶାସ୍ତ୍ରୀଜୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲାଲବାହାଦୁର ଶାସ୍ତ୍ରୀ କେବଳ ଭାରତର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ନୁହେଁ, ସେ ଥିଲେ ସରଳତା, ସତ୍ୟନିଷ୍ଠା, ତ୍ୟାଗ, ଦେଶପ୍ରେମ ଓ କର୍ତ୍ତବ୍ୟନିଷ୍ଠାର ଜୀବନ୍ତ ପ୍ରତୀକ। ତାଙ୍କର ନିଷ୍ଠାପୂର୍ଣ୍ଣ ଜୀବନ ଓ ଦୃଢ଼ ନେତୃତ୍ୱ ଭାରତୀୟ ରାଜନୀତିରେ ଏକ ଅଧ୍ୟାୟ ସୃଷ୍ଟି କରିଛି। ଦେଶର ସୁରକ୍ଷା ଓ ଖାଦ୍ୟ ନିରାପତ୍ତାକୁ ସମାନ ଗୁରୁତ୍ୱ ଦେଇ ଶାସ୍ତ୍ରୀଜୀ ଦେଇଥିବା 'ଜୟ ଯବାନ, ଜୟ କିଷାନ'ର ଆହ୍ୱାନ ଆଜି ମଧ୍ୟ ଭାରତର ଜାତୀୟ ଚେତନାରେ ଅମର ହୋଇ ରହିଛି। ଦେଶକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭର କରିବା ପାଇଁ କୃଷି କ୍ଷେତ୍ରରେ ସଂସ୍କାର ଓ ଉତ୍ପାଦନ ବୃଦ୍ଧିକୁ ସେ ପ୍ରାଥମିକତା ଦେଇଥିଲେ। ଏହା ପରବର୍ତ୍ତୀ ସମୟରେ ଭାରତର ସବୁଜ ବିପ୍ଳବ ପାଇଁ ଏକ ଦୃଢ଼ ଭିତ୍ତି ପ୍ରସ୍ତୁତ କରିଥିଲା। ସେହିପରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ କୃଷକଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ତାଙ୍କ ଚିନ୍ତାଧାରା ଦେଶର ଦୁଗ୍ଧ ସହକାରୀ ଆନ୍ଦୋଳନକୁ ନୂଆ ଦିଗ ଦେଇଥିଲା। ଦେଶର ପ୍ରତ୍ୟେକ ନାଗରିକଙ୍କ ଆତ୍ମନିର୍ଭରତା ଓ ସମ୍ମାନଜନକ ଜୀବନ ପାଇଁ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଆଜି ମଧ୍ୟ ପ୍ରାସଙ୍ଗିକ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଶାସ୍ତ୍ରୀଜୀ ସାମାଜିକ ସମାନତା ଓ ଭେଦଭାବମୁକ୍ତ ସମାଜର ଦୃଢ଼ ସମର୍ଥକ ଥିଲେ। ତାଙ୍କ ଜୀବନର ସରଳତା ଓ ସାଧୁତା ଆଜିର ସାର୍ବଜନୀନ ଜୀବନ ପାଇଁ ଏକ ଅନୁକରଣୀୟ ଆଦର୍ଶ। ପଦ ଓ ପ୍ରତିଷ୍ଠାଠାରୁ ଦେଶସେବାକୁ ସର୍ବୋଚ୍ଚ ସ୍ଥାନ ଦେଇ ସେ ନିଜ ଜୀବନରେ ଲୋକସେବାର ଏକ ଉଚ୍ଚ ମାନଦଣ୍ଡ ସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର କହିଥିଲେ ଯେ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନ ଆମକୁ ଶିଖାଏ ଯେ ଦେଶସେବା ପାଇଁ ବଡ଼ ପଦ ନୁହେଁ, ବରଂ ଦୃଢ଼ ସଙ୍କଳ୍ପ, ସଚ୍ଚୋଟତା ଓ ତ୍ୟାଗର ଆବଶ୍ୟକତା ରହିଛି।

# ଭାରତୀୟ ମହିଳା ହକିର ସ୍ୱର୍ଣ୍ଣିମ ସଫଳତା: ଡ. ସତ୍ୟଜିତ ନାୟକ



କଟକ,୩।୧୦(ସଂଚାର ବ୍ୟୁରୋ): ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ହକି ଦଳର ସଂଘର୍ଷପୂର୍ଣ୍ଣ ବିଜୟ ଓ ସ୍ୱର୍ଣ୍ଣ ପଦକ ହାସଲ ପାଇଁ ଇନ୍ସପେକ୍ଟର ଜେନେରାଲ ଅଫ୍ ପୁଲିସ୍, ସେଣ୍ଟ୍ରାଲ ରେଞ୍ଜ ଡ. ସତ୍ୟଜିତ ନାୟକ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଭାରତୀୟ ମହିଳା ହକିର ଇତିହାସରେ ଏହି ବିଜୟ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଦଳର ଦକ୍ଷତା, ଧୈର୍ଯ୍ୟ, ଆତ୍ମବିଶ୍ୱାସ ଓ ଲଢ଼େଇ ମନୋଭାବ ଏହି ସଫଳତାର ପରିଚୟ ବୋଲି ସେ କହିଛନ୍ତି। ନିର୍ଣ୍ଣାୟକ ମୁହୂର୍ତ୍ତରେ ଲାଲରେମସିଆମି ହମାରଜୋଟେଙ୍କ ଗୁରୁତ୍ୱପୂର୍ଣ୍ଣ ଗୋଲ୍ ଓ ସବିତା ପୁନିଆଙ୍କ ଚମତ୍କାର ପେନାଲ୍ଟି ଷ୍ଟ୍ରୋକ୍ ସେଭ୍‌କୁ ମଧ୍ୟ ଡ. ନାୟକ ପ୍ରଶଂସା କରିଛନ୍ତି। ଡ. ନାୟକ କହିଛନ୍ତି ଯେ ୪୪ ବର୍ଷ ପରେ ଭାରତ ଏସିଆନ୍ ଗେମ୍ସ ମହିଳା ହକିର ସ୍ୱର୍ଣ୍ଣ ପଦକ ପୁଣିଥରେ ହାସଲ କରିବା ଏକ ଐତିହାସିକ ସଫଳତା। ଏହି ବିଜୟ ଦେଶର ଯୁବପିଢ଼ି, ବିଶେଷକରି ହକି ଖେଳ ପ୍ରତି ଆଗ୍ରହୀ ଯୁବତୀମାନଙ୍କୁ ନୂଆ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ଏହି ଐତିହାସିକ ବିଜୟ ଆଗାମୀ ପିଢ଼ିକୁ ଭାରତୀୟ ହକିର ଗୌରବମୟ ପରମ୍ପରାକୁ ଆହୁରି ଉଚ୍ଚତାକୁ ନେବା ପାଇଁ ନୂଆ ଆକାଂକ୍ଷା ଓ ଆତ୍ମବିଶ୍ୱାସ ଦେବ ବୋଲି ଡ. ନାୟକ କହିଛନ୍ତି। ଦଳର ଆଗାମୀ ଯାତ୍ରା ପାଇଁ ସେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

## 'କୃଷି ଉନ୍ନତ ସହଯୋଗୀ' କାର୍ଯ୍ୟକ୍ରମର ଶୁଭାରମ୍ଭ

# ସବୁ ବ୍ଲକରେ ନିଯୋଜିତ ହେବେ କୃଷି ଛାତ୍ର ସହଯୋଗୀ



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): କୃଷି ଶିକ୍ଷାକୁ କ୍ଷେତ୍ରସ୍ତରୀୟ ସମ୍ପ୍ରସାରଣ ସେବା ସହ ଯୋଡ଼ିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଅନନ୍ୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ 'କୃଷି ଉନ୍ନତ ସହଯୋଗୀ'ର ଶୁଭାରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ୨୦୨୩ରୁ ସଫଳତାର ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ ବ୍ୟାପକ ଭାବେ କାର୍ଯ୍ୟକାରୀ ହେଉଛି। ଖରିଫ ଫସଲ ସମୟରେ ରୋଗ-ପୋକ ସର୍ବେକ୍ଷଣ ଓ ସରକାରୀ ଯୋଜନା ବିଷୟରେ ସଚେତନତା ସୃଷ୍ଟି ପାଇଁ ଅକ୍ଟୋବରରୁ ଡିସେମ୍ବର ତିନି ମାସ ପାଇଁ ଛାତ୍ରଛାତ୍ରୀଙ୍କୁ ନିଯୋଜିତ କରାଯାଇଛି। ରାଜ୍ୟର ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର କୃଷି ଓ ଉଦ୍ୟାନ କୃଷି ଶାଖାର ଶେଷ ବର୍ଷର ୯୬୪ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ 'ସହଯୋଗୀ' ଭାବେ ମନୋନୀତ କରାଯାଇଛି। ପ୍ରତ୍ୟେକ ବ୍ଲକରେ ପ୍ରାୟ ୨ରୁ ୩ ଜଣ ଛାତ୍ର ସହଯୋଗୀ କାର୍ଯ୍ୟ କରିବେ। ତିନି ମାସର ଇଣ୍ଟର୍ନସିପ୍ ସଫଳତାର ସହ ଶେଷ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ୨୧,୦୦୦ ଟଙ୍କାର ଷ୍ଟାଇପେଣ୍ଡ ରାଶି ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ପକ୍ଷରୁ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରାଯିବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ରାଜ୍ୟରେ କୃଷିର ବିକାଶ କରିବା ସହ ଏକ ମଜବୁତ କୃଷି ସମ୍ପ୍ରସାରଣ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଛାତ୍ରଛାତ୍ରୀ ଅନୁଭୂତିରୁ ବହୁତ କିଛି ଶିଖିବେ ଯାହା ପରବର୍ତ୍ତୀ ପର୍ଯ୍ୟାୟରେ କାମରେ ସାହାଯ୍ୟ କରିବ। ସେ ମନୋନୀତ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ନମ୍ରତା ଓ ସେବା ମନୋଭାବ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ କୃଷି ବିଭାଗ, ବିଶ୍ୱବିଦ୍ୟାଳୟ ଓ କୃଷକ ସମ୍ପ୍ରଦାୟର ମିଳିତ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଉନ୍ନତ ପ୍ରଦର୍ଶନ କରିଥିବା ୫ ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତିକୁ ଲୋକଙ୍କ ସହ ବାଣ୍ଟିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସହଯୋଗୀମାନେ ସୋମବାରରୁ ଶୁକ୍ରବାର କ୍ଷେତ୍ର ସ୍ତରରେ କାର୍ଯ୍ୟ କରିବେ।

# ନବଗଠିତ ବିଜେଡି ମିଡିଆ ସେଲ୍ ଟିମ୍‌କୁ ନବୀନଙ୍କ ଗୁରୁମନ୍ତ୍ର

## କୁଶାସନରେ ଅତିଷ୍ଠ ରାଜ୍ୟବାସୀଙ୍କୁ ସଚେତନ କରିବ ଦଳ



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ବିଜେପି ସରକାରର କୁଶାସନ ଓ କୁପରିଚାଳନାରେ ଓଡ଼ିଶାବାସୀ ଅତିଷ୍ଠ ହୋଇଗଲେଣି। ସାରା ରାଜ୍ୟରେ ଲୋକେ ଏବେ ଏଭଳି ଲୋକବିରୋଧୀ ଶାସନରେ ତ୍ରାହି ତ୍ରାହି ଡାକୁଛନ୍ତି। ତେଣୁ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶାବାସୀଙ୍କୁ ଶାଣିତ ଓ ସଚେତନ କରିବା ଏବଂ ଓଡ଼ିଶାର ଲୋକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଆଜି ନବଗଠିତ ବିଜେଡି ମିଡିଆ ସେଲର ସଂଯୋଜକ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସନ୍ଧ୍ୟାରେ ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ଶ୍ରୀ ପଟ୍ଟନାୟକ ନବଗଠିତ ମିଡିଆ ସେଲର ସଂଯୋଜକ ଟିମ୍ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ବିଜେପିର କଳାକାରନାମା ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ବୈଦ୍ୟୁତିକ ଗଣମାଧ୍ୟମ, ମୁଦ୍ରିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବିଜେଡିର ସମସ୍ତ କାର୍ଯ୍ୟକ୍ରମ ଏବଂ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚାଯିବ। ବିଜେପି ଉପରେ ଜନସାଧାରଣଙ୍କ ମଧ୍ୟରେ ଯେଉଁ ତୀବ୍ର ଅସନ୍ତୋଷ ରହିଛି, ତାକୁ ଦୁର୍ବାର ଜନଆନ୍ଦୋଳନ ମାଧ୍ୟମରେ ତୋଳି ଧରିବାକୁ ନିଷ୍ପତ୍ତି ହୋଇଥିଲା। ଜନସାଧାରଣଙ୍କ ସାହାଯ୍ୟ, ସହଯୋଗ ଓ ଆଶୀର୍ବାଦରେ ଦଳ ଆଗକୁ ବଢ଼ିବ ଏବଂ ଓଡ଼ିଶାବାସୀଙ୍କ ସେବା ଜାରି ରଖିବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା।

ବୈଠକରେ ମିଡିଆ ସେଲର ବିଭିନ୍ନ ଗଣମାଧ୍ୟମ ସଂଯୋଜକ ଟିମର ଦାୟିତ୍ୱ ପାଇଥିବା ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଡ ଅରୁଣ କୁମାର ସାହୁ, ପ୍ରତାପ ଜେନା, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ ଲେନିନ ମହାନ୍ତି, ଡ ପ୍ରିୟବ୍ରତ ମାଝୀ, ସ୍ୱୟଂପ୍ରକାଶ ମହାପାତ୍ର ଓ ଅମରେଶ ପତ୍ରି ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗନଗରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗନଗର (କେ-୮)ର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କମ୍ୟୁନିଟି ହଲରେ ବୃନ୍ଦାବନ ବସ୍ତିଆଙ୍କ ସଭାପତିତ୍ୱରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ନିହାରିକା ମିଶ୍ରଙ୍କ ବେଦପାଠ ମଧ୍ୟରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଦାଶରଥି ସାହୁ ଚଳିତ ବର୍ଷର ପ୍ରସଙ୍ଗ 'ଦୀର୍ଘାୟୁର ଯୁଗ, ଦୀର୍ଘ ଜୀବନ ପାଇଁ ବ୍ୟବସ୍ଥାର ପୁନର୍ବିଚାର' ପ୍ରସଙ୍ଗରେ ସୂଚନା ଦେବା ସହ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଗିରିଜା ପ୍ରସାଦ ମହାପାତ୍ର ଓ ବିଦ୍ୟୁତପ୍ରଭା ତ୍ରିପାଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ୟାମସୁନ୍ଦର ଅଗ୍ରୱାଲ ' ନୂତନ ଯୁଗର ଆହ୍ୱାନ ଓ ବରିଷ୍ଠ ନାଗରିକ' ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ନିରଦ କୁମାର ମହାପାତ୍ର ବରିଷ୍ଠ ନାଗରିକମାନଙ୍କର ନ୍ୟାୟିକ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ପରିଶେଷରେ ସହସମ୍ପାଦକ ଚନ୍ଦ୍ରକାନ୍ତ ଦାସମହାପାତ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନାରେ ବିଜୟ ଶଙ୍କର ନାୟକ, ଭୀମସେନ ମୂଳିଆ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ବସ୍ତିଆ, ବିରଞ୍ଚି ନାରାୟଣ ଧଳ, ଗୋପୀନାଥ ରାଉତ, ପ୍ରହଲ୍ଲାଦ ପଣ୍ଡା, ପଦ୍ମନାଭ ମହାପାତ୍ର, ଉମେଶ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ଶତପଥୀ ଓ ସୁରେଶ କୁମାର ନାୟକ ସହଯୋଗ କରିଥିଲେ।



# ସ୍ୱାସ୍ଥ୍ୟବୀମା ଓ ସାପ୍ତାହିକ ଛୁଟି ପାଇଁ ପୁଲିସ ଅଫିସର ସଂଘର ଦାବି



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ପୁଲିସ ଅଫିସରମାନଙ୍କୁ ସ୍ୱାସ୍ଥ୍ୟବୀମା ଓ ସାପ୍ତାହିକ ଛୁଟି ପ୍ରଦାନ ଦାବିରେ ଓଡ଼ିଶା ପୁଲିସ ଅଫିସର୍ସ ସଂଘ ଗାନ୍ଧି ଜୟନ୍ତୀରେ ଏକ ଅଭିନବ ପ୍ରତିବାଦ କରିଛି। ସକାଳ ୮ଟା ୩୬ରୁ ୩୭ ପର୍ଯ୍ୟନ୍ତ ଗୋଟିଏ ମିନିଟ୍ ମୋବାଇଲ୍ ବନ୍ଦ କରି ପ୍ରତୀକାତ୍ମକ ବିରୋଧ କରିଛି। ଯଦି ରାଜ୍ୟ ସରକାର ଦାବି ନ ଶୁଣିବେ ଆଗାମୀ ଦିନରେ ରାଜ୍ୟର ସମସ୍ତ ଅଫିସରମାନେ କଳା ବ୍ୟାଚ ପିନ୍ଧିବେ ବୋଲି ସଂଘ ସଭାପତି ଅସିତ ଜେନା ସୂଚନା ଦେଇଛନ୍ତି।

ସୂଚନା ମୁତାବକ ରାଜ୍ୟରେ ଏବେ ୭,୫୦୦ ଅଫିସର ପୁଲିସ କାର୍ଯ୍ୟରତ। କିନ୍ତୁ ସେମାନଙ୍କର କୌଣସି ସ୍ୱାସ୍ଥ୍ୟ ବୀମାଟିଏ ନାହିଁ। ଫଳରେ କୌଣସି ପରିସ୍ଥିତିରେ କେହି ଅସୁସ୍ଥ ହେଲେ ନିଜ ସଞ୍ଚୟ ଟଙ୍କାରୁ ଖର୍ଚ୍ଚ କରିବାକୁ ପଡୁଛି। ପୁଲିସ ଚାକିରିରେ ଯେଉଁଭଳି ଦିନ ରାତି ୨୪ ଘଣ୍ଟା ଡ୍ୟୁଟି ରହୁଛି, ଏହି କାରଣରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଉଛି। ଅଧାରୁ ଅଧିକ ପୁଲିସ ଏବେ କହିବାକୁ ଗଲେ ରୋଗୀଣା। ସେହିପରି ଛୁଟିଟିଏ ମଧ୍ୟ ନାହିଁ। ଅତି କମରେ ସପ୍ତାହକୁ ଗୋଟିଏ ଛୁଟି ଦେବା ଜରୁରୀ। ଛୁଟି ନ ମିଳିବା କାରଣରୁ ଅନେକ ଅଫିସର ସେମାନଙ୍କ ଜରୁରୀ ଓ ବ୍ୟକ୍ତିଗତ କାମ ମଧ୍ୟ କରି ପାରୁନାହାନ୍ତି। ଏପରିକି ପୁଲିସ ବିଭାଗରେ ମଧ୍ୟ ନିଜ କାମ କରିବାକୁ ଯାଇପାରୁନାହାନ୍ତି। ଦେଶର ଅନ୍ୟ ରାଜ୍ୟ ଯେପରିକି ଉତ୍ତର ପ୍ରଦେଶ, ଆନ୍ଧ୍ର, ଦିଲ୍ଲୀ ଓ କୋଲକାତା ପୁଲିସରେ ଏସବୁ ସେବା ଓ ସୁବିଧା ସୁଯୋଗ ରହିଛି। କିନ୍ତୁ ଆମ ରାଜ୍ୟରେ ଏଭଳି ସୁବିଧା ସୁଯୋଗ ନାହିଁ ବୋଲି ସଂଘର ସମ୍ପାଦକ ବିକାଶ ପଲେଇ ଓ ସଦସ୍ୟ ବିଶ୍ୱଜିତ ବେହେରା କହିଛନ୍ତି। ରାଜ୍ୟ ସରକାର ପୁଲିସ ଅଫିସରମାନଙ୍କ ସମସ୍ୟା ସମ୍ପର୍କରେ ବିଚାର ବିମର୍ଶ କରିବାକୁ ସଂଘ ଦାବି କରିଛି।

# କାବ୍ୟା ପ୍ରିୟାଙ୍କୁ ମିଳିଲା ପିଏଚ୍‌ଡି ଡିଗ୍ରୀ

## ସେବା ଓ ଶିକ୍ଷା ବିକାଶ ପାଇଁ ଯୁବପିଢ଼ିଙ୍କ ପାଇଁ ପ୍ରେରଣା କାବ୍ୟା




ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ବିଶିଷ୍ଟ ସମାଜସେବୀ କାବ୍ୟା ପ୍ରିୟା ଧଳ ଓଡ଼ିଶାର ଏକ ଘରୋଇ ବିଶ୍ୱବିଦ୍ୟାଳୟର ପରିଚାଳନା ବିଭାଗରୁ ଡକ୍ଟର ଅଫ୍ ଫିଲୋସଫି (ପିଏଚ୍‌ଡି) ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ଡକ୍ଟରାଲ୍ ଗବେଷଣାର ବିଷୟବସ୍ତୁ ସମକାଳୀନ ଭାରତରେ ସମାବେଶୀ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ମାନବ ବିକାଶର ଏକ ତୁଳନାତ୍ମକ ଅଧ୍ୟୟନ ଉପରେ ଆଧାରିତ। ଏଥିରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ମାନବ ବିକାଶର ବିଭିନ୍ନ ପ୍ରମୁଖ ଦିଗକୁ ଅଧ୍ୟୟନ କରାଯାଇଛି।

ଏହି ଅବସରରେ ଡ. କାବ୍ୟା ପ୍ରିୟା ଧଳ ତାଙ୍କର ଗବେଷଣା ଯାତ୍ରାରେ ସହଯୋଗ, ମାର୍ଗଦର୍ଶନ ଓ ଉତ୍ସାହ ପାଇଁ ତାଙ୍କର ଶିକ୍ଷାଗୁରୁ, ପରିବାରବର୍ଗ ଓ ଶୁଭେଚ୍ଛୁଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଏହି ପିଏଚ୍‌ଡି ଡିଗ୍ରୀ ତାଙ୍କର ବୃତ୍ତିଗତ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଏକାଡେମିକ୍ ମାଇଲ୍‌ଷ୍ଟୋନ୍ ଭାବେ ପରିଗଣିତ ହୋଇଛି। ଏହା ତାଙ୍କର ସାମାଜିକ ପ୍ରସଙ୍ଗ ସମ୍ପର୍କିତ କାର୍ଯ୍ୟ ଓ ସମ୍ପୃକ୍ତତାକୁ ଏକ ଗବେଷଣାଭିତ୍ତିକ ନୂତନ ଦିଗ ପ୍ରଦାନ କରିଛି। କାବ୍ୟା ପ୍ରିୟା ଯୁବସମାଜ ପାଇଁ ଏକ ପ୍ରେରଣାଦାୟକ ବ୍ୟକ୍ତିତ୍ୱ। ଯାଜପୁରର ଦାଶରଥପୁରରୁ ଆସି ସେ କିଟ୍ ବିଶ୍ୱବିଦ୍ୟାଳୟରୁ ପିଏଚଡି ହାସଲ କରିଛନ୍ତି ଓ ସମାବେଶୀ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ମାନବ ବିକାଶ ଉପରେ ଗବେଷଣା କରିଛନ୍ତି। ବନ୍ୟା ସମୟରେ ସେ ନିଃସ୍ୱାର୍ଥପର ଭାବେ ଲୋକଙ୍କ ପାଖରେ ପହଞ୍ଚିଛନ୍ତି, ଆଉ ସହାୟତାର ହାତ ବଢ଼ାଇଛନ୍ତି। ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇ ସହାୟତା କରିଛନ୍ତି ଓ ସରକାରୀ ବିଦ୍ୟାଳୟମାନଙ୍କରେ ଶୁଦ୍ଧ ପାନୀୟ ଜଳ ପାଇଁ ପ୍ୟୁରିଫାୟର ଟ୍ୟାଙ୍କ ସ୍ଥାପନ କରିଛନ୍ତି। ଶିକ୍ଷାର ବିକାଶ ପାଇଁ ତାଙ୍କର ସମର୍ପଣ ବିଶେଷ ଉଲ୍ଲେଖଯୋଗ୍ୟ। ଭଗବାନଙ୍କ ପ୍ରତି ଗଭୀର ଭକ୍ତି ସହ ସେ ଯୁବପିଢ଼ିଙ୍କୁ ଶିଖାଉଛନ୍ତି ଯେ ଶିକ୍ଷା ଓ ସମାଜ ସେବା ଦ୍ୱାରା ଜୀବନକୁ ପରିବର୍ତ୍ତନ କରାଯାଇପାରେ। ତାଙ୍କ କାର୍ଯ୍ୟ ଯୁବମାନଙ୍କୁ ଆତ୍ମବିଶ୍ୱାସ ଓ ସେବା ମନୋଭାବ ଶିଖାଉଛି।

ଶିକ୍ଷା କେବଳ ଜଣେ ବ୍ୟକ୍ତିଙ୍କ ଜୀବନକୁ ପରିବର୍ତ୍ତନ କରେନାହିଁ, ଏହା ସମଗ୍ର ସମାଜକୁ ରୂପାନ୍ତରିତ କରି ସମୃଦ୍ଧ, ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ରାଷ୍ଟ୍ର ଗଢି ତୋଳେ। ସେହିଭଳି ଗୁରୁଙ୍କ ଆଶୀର୍ବାଦ ହେଉଛି ଜୀବନର ସବୁଠାରୁ ବଡ଼ ଶକ୍ତି। ତାଙ୍କର ଶିକ୍ଷା, ସ୍ନେହ ଓ ସଂସ୍କାର ଆମକୁ ଭଲ ମଣିଷ ହେବାର ପ୍ରେରଣା ଦିଏ। ସେ ଯୁବ ସମାଜ ଓ ଛାତ୍ରଛାତ୍ରୀଙ୍କୁ ଏଭଳି ବାର୍ତ୍ତା ମଧ୍ୟ ଦେଇଥାନ୍ତି।

# ସ୍ମାର୍ଟ ସିଟି, ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା ଫେଲ୍




ଭୁବନେଶ୍ୱର,୩।୧୦: ସ୍ମାର୍ଟ ସିଟି ଭୁବନେଶ୍ୱରର ଅଧିକାଂଶ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା ଅଚଳ। କେଉଁଠାରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ହାତରେ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି ତ ଆଉ କେଉଁଠି ଠିକଣା ଭାବେ ଜଳୁନାହିଁ। ସହରର ପ୍ରମୁଖ ଛକଗୁଡ଼ିକରେ ଲାଇଟ୍ ବ୍ୟବସ୍ଥା ଜରିଆରେ ଟ୍ରାଫିକ ପରିଚାଳନାର ବ୍ୟବସ୍ଥା ହୋଇଛି। ଖୁଣ୍ଟ ପୋତାଯିବା ସହ ଲାଇଟ୍ ବି ଲାଗିଛି। ଏ ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି। ହେଲେ କୌଣସିଠାରେ ନିୟମିତ ଭାବେ ଏହା କାର୍ଯ୍ୟ କରୁନାହିଁ। କେଉଁଠି ଦିନବେଳା ବନ୍ଦ ରହୁଛି ତ ଆଉ କେଉଁଠି ରାତି ବେଳା। ଟ୍ରାଫିକ କର୍ମଚାରୀମାନେ ହାତରେ ଲାଇଟ୍ ଧରି ଟ୍ରାଫିକ ପରିଚାଳନା କରୁଛନ୍ତି। ଫଳରେ ଯେଉଁମାନେ ସକାଳେ ଲାଇଟ୍ ଦେଖି ଛକ ଅତିକ୍ରମ କରିଥିଲେ ସଞ୍ଜରେ ସେମାନେ ହାତରେ ଦେଖାଯାଉଥିବା ସଙ୍କେତକୁ ସହଜରେ ଠଉରାଇ ପାରୁନାହାନ୍ତି। ସେହିଭଳି ଭିଆଇପି ଓ ଭିଭିଆଇପିମାନଙ୍କ ଗସ୍ତ ସମୟରେ ଦାୟିତ୍ୱରେ ଥିବା ଟ୍ରାଫିକ କର୍ମଚାରୀମାନେ ତୁରନ୍ତ ଟ୍ରାଫିକ ଲାଇଟ୍ ବନ୍ଦ କରି ଦେଉଛନ୍ତି। ଏଜି ଛକ, ରାଜଭବନ, ପାୱାର ହାଉସ୍, କମିଶନରେଟ ପୁଲିସ୍ ଆଦି ସ୍ଥାନରେ ଏହା ସାଧାରଣ କଥାରେ ପରିଣତ ହେଲାଣି।

ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା ଆରମ୍ଭରୁ ଯେଭଳି ସେନ୍ସର ବ୍ୟବସ୍ଥା ଥିଲା ତାହା ଆଉ କୌଣସି ସ୍ଥାନରେ କାର୍ଯ୍ୟ କରୁନାହିଁ। ଏହି ବ୍ୟବସ୍ଥାରେ ଯଦି କୌଣସି ପଟରେ ଗାଡ଼ିମୋଟର ନ ଥିବ ତେବେ ସେଠାରେ ନାଲିବତି ଛାଏଁ ଛାଏଁ ଜଳିବା ସହ ଅନ୍ୟପଟୁ ଗାଡ଼ିଗୁଡ଼ିକ ଯିବା ପାଇଁ ସଙ୍କେତ ମିଳୁଥିଲା। ସେହି ବ୍ୟବସ୍ଥା ଅଚଳ ପରଠାରୁ ଗୋଟିଏ ପଟେ ଗାଡ଼ିମୋଟର ନଥିଲେ ମଧ୍ୟ ଅନ୍ୟପଟର ଲୋକଙ୍କୁ ଅପେକ୍ଷା କରିବାକୁ ପଡୁଛି। ସେହିଭଳି ରାଜଧାନୀର ଟ୍ରାଫିକ ଛକଗୁଡ଼ିକରେ ବାମପଟକୁ ଖାଲି କରିବା ପାଇଁ ଯେତେ ପ୍ରକାର ଉଦ୍ୟମ ହେଲେ ବି ତାହାକୁ ସୁଧାରାଯାଇପାରୁନାହିଁ। ଲୋକଙ୍କୁ ସଚେତନ କରିବା ପାଇଁ ପୁଲିସ୍ ପକ୍ଷରୁ ପୋତାଯାଇଥିବା ପ୍ଲାଷ୍ଟିକ ଖୁଣ୍ଟଗୁଡ଼ିକୁ ଲୋକେ ଗାଡ଼ି ଚଢ଼ାଇ ଭାଙ୍ଗିସାରିଲେଣି। ବାମପଟରେ ଗାଡ଼ିମୋଟର ଗଦା ହୋଇ ରହିବା ଫଳରେ ଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଟ୍ରାଫିକ ଛକଗୁଡ଼ିକରେ ଟ୍ରାଫିକ ପୁଲିସ୍ ସହ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଉଛି। ଏହା ସତ୍ତ୍ୱେ ବି ସହରର ଟ୍ରାଫିକ ବ୍ୟବସ୍ଥା ସୁଧୁରିବା ବଦଳରେ ବିଗିଡ଼ିବାରେ ଲାଗିଛି। ସହରରେ ଏବେ ଟ୍ରାଫିକ ପରିଚାଳନା ପାଇଁ ପିସିଆର ସମେତ ଦୁଇଚକିଆ ପିସିଆର ବି ନିୟୋଜିତ ହୋଇଛି। କର୍ମଚାରୀମାନେ ସହର ସାରା ପଇଁତରା ମାରୁଛନ୍ତି। ହେଲେ ସହରରେ ଯେଉଁ ହାରରେ ଗାଡ଼ିମୋଟରଠାରୁ ଜରିମାନା ଆଦାୟ ହେଉଛି ସେହି ଅନୁପାତରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆସୁନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆଉ ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ



# ବିବାଦ ଘେରରେ ନିର୍ବାଚନ ଆୟୋଗ

ଭାରତୀୟ ନିର୍ବାଚନ ଆୟୋଗ ଏକ ଅସୁବିଧାଜନକ ପରିସ୍ଥିତିରେ ରହିଛି। ନିର୍ବାଚନୀ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଉପରେ ଗଭୀର ଆଭ୍ୟନ୍ତରୀଣ ମତଭେଦର ଖବର ପ୍ରକାଶ ପାଇବାର କିଛି ସପ୍ତାହ ପରେ ଆୟୋଗ ସ୍ପଷ୍ଟୀକରଣ ଜାରି କରିଛି, ପୂର୍ଣ୍ଣ ଆୟୋଗ ବୈଠକ ଆୟୋଜନ କରିଛି ଏବଂ କିଛି ପ୍ରଶାସନିକ ସଂଶୋଧନ ଘୋଷଣା କରିଛି। ତଥାପି ଏସଆଇଆର ବିବାଦ ଶେଷ ହେଉନାହିଁ। ଜନସାଧାରଣଙ୍କ ବିଶ୍ୱାସ ପୁନଃସ୍ଥାପନ କରିବା ପରିବର୍ତ୍ତେ ନିର୍ବାଚନ ଆୟୋଗର ପ୍ରତିକ୍ରିୟା କେବଳ ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ପ୍ରତିଷ୍ଠାନିକ କାର୍ଯ୍ୟପ୍ରଣାଳୀ ବିଷୟରେ କେତେ ଅସମାଧାନ ରହିଛି ତାହାକୁ ଆହୁରି ସ୍ପଷ୍ଟ କରିଛି।

୨୦୨୫ ମଧ୍ୟଭାଗରେ ବିହାରରୁ ଆରମ୍ଭ ହୋଇ ପରେ ସମଗ୍ର ଦେଶରେ ବିସ୍ତାରିତ ହୋଇଥିବା ଏସଆଇଆରକୁ ମୃତ, ସ୍ଥାନାନ୍ତରିତ ଏବଂ ନକଲି ଭୋଟରମାନଙ୍କୁ ନିର୍ବାଚନୀ ତାଲିକାରୁ ବାହାର କରିବାର ଏକ ଆବଶ୍ୟକ କାର୍ଯ୍ୟ ଭାବେ ଉପସ୍ଥାପନ କରାଯାଇଥିଲା। ବ୍ୟବହାରିକ କ୍ଷେତ୍ରରେ ଏହା ସାମ୍ପ୍ରତିକ ଦଶନ୍ଧିରେ ସବୁଠାରୁ ବଡ଼ ଓ ବିବାଦୀୟ ଭୋଟର ତାଲିକା ଅଭିଯାନ ମଧ୍ୟରୁ ଗୋଟିଏ ହୋଇପଡ଼ିଥିଲା। ଡ୍ରାଫ୍ଟ ତାଲିକାରୁ ୧୩ କୋଟିରୁ ଅଧିକ ନାମ ବାହାର କିମ୍ବା ଚିହ୍ନିତ ହୋଇଥିଲା। ଅନେକ ରାଜ୍ୟରେ "ଯୁକ୍ତିଯୁକ୍ତ ବିସଙ୍ଗତି" ଭଳି ବର୍ଗରେ ଲକ୍ଷ ଲକ୍ଷ ନାମ ବିଲୋପ ହୋଇଥିଲା। ଆପିଲ ପ୍ରକ୍ରିୟାରେ ବହୁ ସଂଖ୍ୟକ ନାମ ପୁନଃସ୍ଥାପିତ ହୋଇଥିଲା, କେତେକ କ୍ଷେତ୍ରରେ ନିର୍ବାଚନ ମାସ ମାସ ପରେ, ଯାହା ପ୍ରାରମ୍ଭିକ କାର୍ଯ୍ୟର ଗୁଣବତ୍ତା ଏବଂ ସାଧାରଣ ନାଗରିକଙ୍କ ଉପରେ ନିଜ ଯୋଗ୍ୟତା ପୁଣି ପ୍ରମାଣିତ କରିବାର ଭାର ବିଷୟରେ ପ୍ରଶ୍ନ ଉଠାଇଥିଲା। ଯାହା ବୈଷୟିକ ସମାଲୋଚନାକୁ ଏକ ପୂର୍ଣ୍ଣାଙ୍ଗ ପ୍ରତିଷ୍ଠାନିକ ସଙ୍କଟରେ ପରିଣତ କଲା ତାହା ହେଉଛି ନିର୍ବାଚନ ଆୟୁକ୍ତ ସୁଖବୀର ସିଂ ସନ୍ଧୁ ଓ ବିବେକ ଯୋଶୀଙ୍କ ଦ୍ୱାରା ପ୍ରାୟ ଦଶ ମାସ ମଧ୍ୟରେ ଅତି କମରେ ୧୪ ଥର ଔପଚାରିକ ଆପତ୍ତି ଲିପିବଦ୍ଧ ହୋଇଥିବାର ଖବର। ସେମାନଙ୍କ ଆଶଙ୍କା ଭୋଟର ଯୋଗ ଓ ବିଲୋପର ଢଙ୍ଗ, ଫର୍ମ-୬ରେ ନୂତନ ପଞ୍ଜୀକରଣକୁ ପୂର୍ବ ତୀବ୍ର ସଂଶୋଧନ ସହ ଯୋଡ଼ିବା, ନିର୍ବାଚନୀ ପଞ୍ଜୀକରଣ ଅଧିକାରୀଙ୍କୁ ଡିଜିଟାଲ ଡାଟାବେସର ପ୍ରବେଶ ସୀମିତ କରିବା ଏବଂ ପୂର୍ଣ୍ଣ ଆୟୋଗର ଜ୍ଞାନ ବିନା ନିଷ୍ପତ୍ତି ନେବା ଆଦି ଉପରେ ଥିଲା। ଇସିଆଇନେଟ/ଇରୋନେଟ ଭଳି ସଫ୍ଟୱେର ମାଧ୍ୟମରେ ନିୟନ୍ତ୍ରଣର କେନ୍ଦ୍ରୀକରଣ ଏକ ବିଶେଷ ବିବାଦର କାରଣ ହୋଇଥିଲା, ଯେଉଁଠାରେ ସ୍ଥାନୀୟ ଅଧିକାରୀମାନେ ନିଜର ଯୁକ୍ତିଯୁକ୍ତ ନିଷ୍ପତ୍ତି ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିପାରୁନଥିବାର ଖବର ଆସିଥିଲା। ସେପ୍ଟେମ୍ବର ୨୬ର ପ୍ରେସ ନୋଟରେ ଆୟୋଗ ଏକତା ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲା। ଏଥିରେ କୁହାଯାଇଥିଲା ଯେ ଏସଆଇଆର ଆରମ୍ଭ ସହିତ ସମସ୍ତ ପ୍ରମୁଖ ଆଦେଶ ତିନି ସଦସ୍ୟ ବିଶିଷ୍ଟ ଆୟୋଗର ଏକମତରେ ଅନୁମୋଦିତ ହୋଇଥିଲା, ସୁପ୍ରିମକୋର୍ଟର ପୂର୍ବ ସମର୍ଥନକୁ ଉଲ୍ଲେଖ କରାଯାଇଥିଲା ଏବଂ ଇସିଆଇନେଟର ସ୍ୱାଧୀନ ସମୀକ୍ଷା, ବୁଥ ଲେଭଲ ଅଫିସରଙ୍କ ଦ୍ୱାରା ଘରେ ଘରେ ଯାଞ୍ଚ, ଦୁର୍ବଳ ବର୍ଗ ପାଇଁ ସହାୟତା କେନ୍ଦ୍ର ଏବଂ ଫର୍ମ-୬ରେ ଅତିରିକ୍ତ ଏସଆଇଆର ଘୋଷଣା କେବଳ ସଂଶୋଧନ ଅବଧିରେ ପ୍ରଯୁଜ୍ୟ ହେବ ବୋଲି ସ୍ପଷ୍ଟୀକରଣ ଦିଆଯାଇଥିଲା। ଯେଉଁ ରାଜ୍ୟରେ ଏସଆଇଆର ସମାପ୍ତ ହୋଇସାରିଛି, ସେଠାରୁ ସେହି ଘୋଷଣା ଅନଲାଇନ ଫର୍ମରୁ ହଟାଇ ଦିଆଯାଇଛି। ଏହି ପଦକ୍ଷେପଗୁଡ଼ିକ ଅର୍ଥହୀନ ନୁହେଁ। ଏଗୁଡ଼ିକ ଆଭ୍ୟନ୍ତରୀଣ ଭାବେ ଉଠାଯାଇଥିବା ଅନେକ ଆପତ୍ତିର ଯଥାର୍ଥତାକୁ ନୀରବ ସ୍ୱୀକାରୋକ୍ତି ଭଳି। ତଥାପି ଏହା ଏକ ପୂର୍ଣ୍ଣ ହିସାବ ଦେବାରୁ ବହୁତ କମ। ପ୍ରେସ ନୋଟରେ ୧୪ଟି ନିର୍ଦ୍ଦିଷ୍ଟ ଆପତ୍ତି ଉପରେ ବିନ୍ଦୁବାର ଆଲୋଚନା ହୋଇନାହିଁ। ଆଇନ ଅନୁସାରେ ତାଲିକା ରକ୍ଷାର ଦାୟିତ୍ୱରେ ଥିବା ବୈଧାନିକ ଅଧିକାରୀମାନେ କିପରି କେନ୍ଦ୍ରରୁ ନିୟନ୍ତ୍ରିତ ସଫ୍ଟୱେର ଅନୁମତି ଦ୍ୱାରା ସେମାନଙ୍କ ପ୍ରଭାବଶାଳୀ ନିୟନ୍ତ୍ରଣ ହ୍ରାସ ପାଇଥିଲା ତାହା ବ୍ୟାଖ୍ୟା କରାଯାଇନାହିଁ। ଲକ୍ଷ ଲକ୍ଷ ଭୋଟରଙ୍କୁ ଚିହ୍ନିତ କରିଥିବା ଆଲଗୋରିଦମର ସ୍ୱଚ୍ଛ ଅଡିଟ କିମ୍ବା ଶ୍ରେଣୀ ଓ ଆପିଲ ପରେ କେତେ ବିଲୋପ ଭୁଲ ପ୍ରମାଣିତ ହୋଇଥିଲା ତାହାର ସ୍ପଷ୍ଟ ହିସାବ ଦିଆଯାଇନାହିଁ। ଲିଖିତ ମତଭେଦର ଦସ୍ତାବିଜ ସହିତ ଅବିଚ୍ଛିନ୍ନ ଏକମତର ଦାବି ମେଳ ଖାଉନାହିଁ। ଗଭୀର ସମସ୍ୟା ହେଉଛି ପ୍ରତିଷ୍ଠାନିକ। ଏକ ସ୍ୱାଧୀନ ନିର୍ବାଚନ ଆୟୋଗ କେବଳ ସାମ୍ବିଧାନିକ ବ୍ୟବସ୍ଥାରୁ ନୁହେଁ, ବରଂ ସାମୂହିକ ବିଚାର, ପ୍ରକ୍ରିୟାଗତ ନ୍ୟାୟ ଏବଂ ଯାଞ୍ଚ ପ୍ରତି ଖୋଲାମନୋଭାବର ଧାରଣାରୁ ନିଜ କର୍ତ୍ତୃତ୍ୱ ଆଣେ। ଯେତେବେଳେ ତିନି ଜଣ ମଧ୍ୟରୁ ଦୁଇ ଜଣ ବାରମ୍ବାର କେନ୍ଦ୍ରୀକରଣ, ସଫ୍ଟୱେରର ଅସ୍ୱଚ୍ଛତା ଏବଂ ଭୋଟରଙ୍କ ଉପରେ ପ୍ରମାଣର ଭାର ସ୍ଥାନାନ୍ତର ବିଷୟରେ ଆଶଙ୍କା ଉଠାନ୍ତି ଏବଂ ଜନସାଧାରଣ ପ୍ରତିକ୍ରିୟା କ୍ଷତି ନିୟନ୍ତ୍ରଣ ଭାଷା ଓ ଚୟନିତ ଛାଡ଼ ମାତ୍ରରେ ସୀମିତ ରହେ, ବିଶ୍ୱାସ କ୍ଷୟିତ ହୁଏ। ଧାରା ୩୨୪ ଅଧୀନରେ ଆୟୋଗର ଅବଶିଷ୍ଟ କ୍ଷମତା ପ୍ରତି ସୁପ୍ରିମକୋର୍ଟର ପୂର୍ବ ସମ୍ମାନ କାର୍ଯ୍ୟକାରିତାର ନ୍ୟାୟ ଓ ଜବାବଦିହିତାର ପ୍ରଶ୍ନରୁ ମୁକ୍ତି ଦିଏ ନାହିଁ। ନିର୍ବାଚନ ଆୟୋଗ ଏସର୍ଯ୍ୟନ୍ତ ଏହି ବିବାଦରୁ ବାହାରି ପାରିନାହିଁ କାରଣ ଏହା ମୁହୂର୍ତ୍ତ ଯେଉଁ କାଳାକାନୋଭାବ ଦାବି କରୁଛି ସେଥିରେ ଏହାର ମୂଳ ଉପାଦାନଗୁଡ଼ିକୁ ସାମନା କରିନାହିଁ। ଆଂଶିକ ଗତିପଥ ସଂଶୋଧନ ଓ ସାମୂହିକ ମାଲିକାନାର ଦାବି ଯଥେଷ୍ଟ ନୁହେଁ ଯେତେବେଳେ ବିଲୋପର ପରିମାଣ, ସଫ୍ଟୱେର ବ୍ୟବସ୍ଥାର ଅସ୍ୱଚ୍ଛତା ଏବଂ ଲିଖିତ ଆଭ୍ୟନ୍ତରୀଣ ମତଭେଦ ଯଥେଷ୍ଟ ଭାବେ ସମାଧାନ ହୋଇନାହିଁ। ବିଶ୍ୱସନୀୟତା ପୁନଃସ୍ଥାପନ ପାଇଁ ଆଉ ଏକ ପ୍ରେସ ନୋଟ ଯଥେଷ୍ଟ ନୁହେଁ। ଏହା ପାଇଁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ପ୍ରକୃତ ସ୍ୱଚ୍ଛତା, ବ୍ୟବହୃତ ବ୍ୟବସ୍ଥାର ସ୍ୱାଧୀନ ବୈଷୟିକ ଅଡିଟ, ନିର୍ବାଚନୀ ପଞ୍ଜୀକରଣ ଅଧିକାରୀଙ୍କୁ ଅର୍ଥପୂର୍ଣ୍ଣ କାର୍ଯ୍ୟକାରୀ ସ୍ୱାୟତ୍ତତା ପୁନଃପ୍ରଦାନ ଏବଂ ଆୟୋଗ ଏକ ସହଯୋଗୀ ନିକାୟ ଭାବେ କାର୍ଯ୍ୟ କରୁଛି ବୋଲି ଜନସାଧାରଣ ସମକ୍ଷରେ ପ୍ରଦର୍ଶନ ଆବଶ୍ୟକ, ଯେଉଁଠାରେ ଗୁରୁତ୍ୱପୂର୍ଣ୍ଣ ଆପତ୍ତି ଲିପିବଦ୍ଧ ହୋଇ ପରେ ପ୍ରାୟ ଅଣଦେଖା କରାଯାଏ ନାହିଁ।

# ସହରରେ ଆଲୋକର ଉତ୍ସବ: ଗାଁରେ ଅଶ୍ରୁର ତୋରଣ

ବଂଶୀଧର ପଣ୍ଡା



ଶରତର ନୀଳ ଆକାଶ ଆଉ ଶୀତଳ ପବନରେ ଏବେ ଉତ୍ସବର ଆଗମନୀ ଶବ୍ଦ। ମା' ଦୁର୍ଗାଙ୍କ ପୂଜାକୁ ଆଉ ମାତ୍ର ଦୁଇ ସପ୍ତାହ ବାକି। ସହରର ଗଳିକନ୍ଦି ଓ ପ୍ରମୁଖ ଛକମାନଙ୍କରେ ସଜେଇ ହେଉଛି ଆକାଶଛୁଆଁ, ଆକର୍ଷଣୀୟ ମଣ୍ଡପ ଓ ତୋରଣ। ବାଜିଉଠେ ଜୋରରେ ସବୁବାଜା ହେଲେ ସହରରୁ କିଛି କିଲୋମିଟର ଦୂରରେ ଥିବା ଆମ ଗାଁ ଗଣ୍ଡାର କାହାଣୀ ଆଜି ସମ୍ପୂର୍ଣ୍ଣ ଅଲଗା। ଯେଉଁ ବାର୍ତ୍ତାରେ ସହରରେ ଆକର୍ଷଣୀୟ ପୂଜା ତୋରଣ ଛିଡ଼ା ହେଉଛି, ସେହି ବାର୍ତ୍ତାରେ ଗଡ଼ା ଗାଁର ଛୋଟ ଛୋଟ ଚାଳଘରଗୁଡ଼ିକ ଆଜି ନଈର କୂର ଗୋଲିଆ ପାଣିରେ ଭାସିଯାଉଛି। **ଗୋଲିଆ ପାଣିରେ ହଜିଯାଉଛି ଜୀବନ:** ଏହି ବିଷାଦମୟ ବନ୍ୟା ଘେରରେ ଗଣେଶ ପୂଜା ଆସିଲା ଆଉ ଚାଲିଗଲା। ଗୋଲିଆ ପାଣିର ବଳୟ ଭିତରେ ବିଶ୍ୱକର୍ମା ପୂଜା ବି ବିତିଗଲା। ଉତ୍ସବ ପରେ ଉତ୍ସବ ଆସୁଛି, ହେଲେ ଗାଁ ଛାଡ଼ି ଯିବାର ନାଁ ନେଉନି ଏହି ନିଷ୍ଠୁର କଳା ଜଳ। ଦିନ ନୁହେଁ, ସପ୍ତାହ ସପ୍ତାହ ଧରି ଗୋଳିଆ ପାଣି ଭିତରେ ହଜିଯାଉଛି ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ। ବତୁରା ଦେହ, ବତୁରା ଘର, ଆଉ ପାଣିରେ ଭିଜି ଭିଜି **ଶୀତଳେଇ ଯାଇଥିବା ଏକ ବତୁରା ମନ:** ଯେଉଁ ଦୁଆର ମୁହଁରେ ଆଜି ଖଡ଼ି, ଝୋଟି ଆଉ ମନଲୋଭା ରଙ୍ଗ ବୋଳି ହେବା କଥା, ସେଠି ଆଜି ନିଷ୍ଠୁର ପାଣି ଆଙ୍କି ଦେଇଯାଉଛି କାଦୁଅର କାନ୍ଦଣା। ଯେଉଁ ଚୁଲିରୁ ଆଜି ପୂଜା ଆସିଲେ ପିଠାପଣାର ମହକ ଆସିବା କଥା, ସେଠି ଆଜି ନିଆଁ ଜଳୁନି; କେବଳ ବାହାରୁଛି ଓଦା କାଠର ଅସହାୟ ଧୂଆଁ। **ଉତ୍ସବର ସ୍ୱର ବଦଳରେ ଶୁଣାଯାଉଛି ଆର୍ତ୍ତଚିତ୍କାର:** ସହରର ମଣ୍ଡପରେ ଯେଉଁଠି ମାଙ୍ଗଳିକ ଶଙ୍ଖ ଗୁଞ୍ଜରିତ ହେବା କଥା, ଗାଁରେ ଶୁଣାଯାଉଛି କୂଳ ଲଙ୍ଘିଥିବା ନଦୀର ଗର୍ଜନ ଆଉ ଭୋକିଲା ବାଛୁରୀର ଆର୍ତ୍ତଚିତ୍କାର। ବର୍ଷସାରା କଠିନ ପରିଶ୍ରମରେ ହସୁଥିବା ସୁନା ଫସଲ ଆଜି ପଚିଯାଉଛି ପାଣି ତଳେ। ଚାଷୀର ଆଖିରୁ ଲୁହ ନୁହେଁ, ତା'ର ସ୍ୱପ୍ନ ଭାସିଯାଉଛି। ସହରର ପ୍ରତ୍ୟେକ ମଣ୍ଡପରେ ଗୁଞ୍ଜରିତ ହେଉଛି ଆନନ୍ଦର କୋଳାହଳ, ହେଲେ ନଦୀବନ୍ଧ ଓ ଛାତ ଉପରେ ପଳିଥିନ୍ ତଳେ ଅଳ୍ପ ଟିକିଏ ଶୁଖିଲା ଆଶ୍ରୟ ପାଇଁ ଲଢୁଥିବା ଗାଁ ମଣିଷର ଛାତିତଳୁ ବାହାରୁଛି କେବଳ ଶୁଷ୍କ ଆର୍ତ୍ତନାଦ।

ସହରିଆ ଆଜି ମଣ୍ଡପରେ ମା'ଙ୍କ ଚରଣରେ ପଦ୍ମ ଫୁଲର ଅଞ୍ଜଳି ଢାଳିବାକୁ ସଜ ହେଉଥିବା ବେଳେ, ବନ୍ୟା ଘେରରେ ଗାଁର ଅସହାୟ ମଣିଷ ନିଜ ଆଖିର ଲୁହକୁ ଅଞ୍ଜଳି କରି ବନ୍ୟା ପାଣିରେ ବିସର୍ଜନ କରୁଛି। ଶରତର କାଶତଣ୍ଡି ଯେମିତି ଫୁଟିବା ପୂର୍ବରୁ ପାଣିରେ ନଇଁପଡ଼ିଛି, ଏ ଗାଁର ଜିଜୀବିଷାର ଆଶା ବି ସେମିତି କିଛି ସମୟ ପାଇଁ ଥମିଯାଇଛି। ଯେଉଁ ଶିଶୁଟି ନୂଆ ଲୁଗା ପିନ୍ଧି ହସିଉଠିବା କଥା, ସିଏ ଆଜି ଓଦା କନାରେ କୋଳେଇ ହୋଇ ଆଉ ଶୁଖିଲା ଖାଦ୍ୟ ପାଇଁ ହାତ ବଢ଼ାଉଛି। ହେଲେ ଇତିହାସ ସାକ୍ଷୀ, ଗାଁର ମଣିଷ ଜୀବନର କୌଣସି ବିପତ୍ତି ଆଗରେ କେବେ ହାରିନି। ଶିଶିନାହିଁ। ନିଷ୍ଠୁର ଜଳରାଶି ପଛରେ ଲୁଚି ରହିଛି ଏହି ଦୁଃଖର ସମୟ ଚିରସ୍ଥାୟୀ ନୁହେଁ। ମା' ଦୁର୍ଗା ତ ଦୁର୍ଗତିନାଶିନୀ-ସିଏ ସଙ୍କଟହାରିଣୀ ଅନ୍ଧକାର ଯେତେ ଗହନ ହୁଏ, ପ୍ରଭାତର ଆଲୋକ ସେତେ ପାଖେଇ ଆସେ। ବନ୍ୟାର ଏହି ଗୋଳିଆ ପାଣି ଦିନେ ଶେଷ ହେବ। କୋଉଠି ନା କୋଉଠି ଧାରେ ଧାରେ ଥମିବ, ପାଣି ଛାଡ଼ିବ, ଆଉ କାଦୁଅ ଶୁଖିଲା ପରେ ସହ ଗାଁର ମାଟି ପୁଣିଥରେ ଜାଗ୍ରତ ହୋଇଉଠିବ। ଗାଁର ଚାଷୀ ପୁଣିଥରେ ହାତରେ ଲଙ୍ଗଳ ଧରି ମାଟିରେ ସୁନା ଫଳାଇବ, ପିଲାଙ୍କ ଆଖିରେ ପୁଣି ହସ ଓ ଖୁସି ଫେରିଆସିବ। ଓଦା ହୋଇଯାଇଥିବା ଚୁଲିରେ ପୁଣି ନିଆଁ ଜଳିବ ଆଉ ପିଠାପଣାର ମହକରେ ଗାଁ ବସ୍ତି ମହକି ଉଠିବ। ଆଖିର ଲୁହ ପୋଛି ଗାଁର ମଣିଷ ପୁଣି ନୂଆ ସାହସ ଓ ଶକ୍ତିରେ ଛିଡ଼ା ହେବ। ମା'ଙ୍କ ଆଗମନ ସହ କେବଳ ଉତ୍ସବ ଆସିବନି, ବରଂ ବନ୍ୟାର ଦୁର୍ଗତି ନାଶ ହୋଇ ଏକ ଆଲୋକିତ ସକାଳର ସୂର୍ଯ୍ୟୋଦୟ ହେବ— ଯେଉଁଠି ପ୍ରତ୍ୟେକଟି ଓଦା ମନରେ ପୁଣିଥରେ ଆଶାର ପ୍ରଦୀପ ପ୍ରଜ୍ୱଳିତ ହେବ, ଆଉ ସମସ୍ତ ଅନୁଭିତିକୁ ପଛରେ ପକାଇ ପୁଣିଥରେ ହସିଉଠିବ ଆମ ଗାଁ।

**ଅବସରପ୍ରାପ୍ତ ଶିକ୍ଷକ, ବାଲିକୁଦା**

**ମୋବାଇଲ:୬୩୭୦୭୬୫୫୧୯**



# ଡେଙ୍ଗା ମୁଣ୍ଡରେ ଠେଙ୍ଗା



ଡ. ସୀତାକାନ୍ତ ତ୍ରିପାଠୀ

ଗୋଟିଏ ରୋଚକ ଖବର ପଢ଼ି ମନ ଯେତିକି ଆନ୍ଦୋଳିତ ହେଲା ପରିବର୍ତ୍ତିତ ସମୟରେ ପିଲାମାନଙ୍କର ମାନସିକତା, ସାମାଜିକ ଚଳଣି ତଥା ଶୃଙ୍ଖଳା ରକ୍ଷା କରିବା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଲା। ଶ୍ରେଣୀରେ ଛାତ୍ରଟି ଭଲ ପାଠ ପଢ଼େ ନାହିଁ, ତା'ର ବ୍ୟବହାର ମଧ୍ୟ ଭଲ ନୁହେଁ ଏ କଥାକୁ ଦେଖି ଜଣେ ଶିକ୍ଷକ ଶ୍ରେଣୀରେ କହିଲେ, ତୋ ବାପା-ମା'ଙ୍କ ଶିକ୍ଷା ଓ ସଂସ୍କାର କ'ଣ ଏୟା? ତୁମଭଳି ପିଲା ଏ ସ୍କୁଲ ପାଇଁ କଳଙ୍କ! ତୁମେ ସବୁ କ'ଣ ସ୍କୁଲ ଆସି କୁଳ ଉଦ୍ଧାର କରୁଛ ନା' ଏ ପରିବେଶକୁ ନଷ୍ଟ କରିବାକୁ ବସିଛ ? ଏ କଥା ଶୁଣି ଛାତ୍ରଟି କହିଲା ସାର୍! ଆପଣ ତ' ମୋତେ ଯାହା କହିଲେ କିନ୍ତୁ ମୋ ବାପା-ମା'ଙ୍କ ବଂଶ ବୁନିଆଦି ଆଦି କଥା କହିବା କ'ଣ ଠିକ୍ ହେଲା ! ଧିରେଧିରେ ଏଇ କଥାଟି ଯାଇ ମ୍ୟାନେଜମେଣ୍ଟରେ ପଡ଼ିଲା। ଶେଷରେ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଅନୁଯାୟୀ ଶିକ୍ଷକ ସ୍କୁଲରୁ ବହିଷ୍କୃତ ହେଲେ। ସମସ୍ତଙ୍କ ମୁହଁରେ ଗୋଟିଏ କଥା'ଡେଙ୍ଗା ମୁଣ୍ଡରେ ଠେଙ୍ଗା' ଉଭୟ ଛାତ୍ର ଏବଂ ଶିକ୍ଷକ ଭୁଲ୍ କଲେ କିନ୍ତୁ ଦଣ୍ଡ ପାଇଲେ ଜଣେ, ବାପାଙ୍କୁ ଦୁଷ୍ଟାମି ସାଙ୍ଗରେ ଯୋଡ଼ିବା କଥା ମଧ୍ୟ ତଦ୍ରୂପ କଥା।

ପରିବାର, ଅଫିସ୍ ରାଜନୀତି ସବୁଠି ତଦ୍ରୂପ ଅବସ୍ଥା। ଯଦି କୌଣସି ଗାଁରେ କେହି ମାରପିଟ୍ ହୋଇ ମରି ଯାଆନ୍ତି ତାହେଲେ ମୁଖ୍ୟମନ୍ତ୍ରୀଙ୍କର ଇସ୍ତଫା ଦାବି କରାଯାଉଥାଏ। ଯଦି ଆବାସିକ ବିଦ୍ୟାଳୟରେ ରହୁଥିବା ଅନ୍ତେବାସୀଟିଏ ଗର୍ଭବତୀ ହୋଇ ଯାଆନ୍ତି ତାହେଲେ ପ୍ରଧାନଶିକ୍ଷକ, ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କୁ ବହିଷ୍କାର କରିବା ପାଇଁ ଦାବି ହେବା ସହିତ ବିଭାଗୀୟ ମନ୍ତ୍ରୀ ଇସ୍ତଫା ଦାବି କରାଯିବା ସହିତ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସୁପାରିଶ କରାଯାଉଥାଏ। ପିଲାଟି ଘରେ ଗର୍ଭବତୀ ହୋଇଥାଏ କିମ୍ବା ଆଉ କେଉଁଠି ହୋଇଥାଏ ତାହାର ବିଚାର କରିବା ପୂର୍ବରୁ ଏସବୁ ଦାବି କରାଯିବା କେତେ ମାତ୍ରାରେ ଯୁକ୍ତିଯୁକ୍ତ। ବିଭିନ୍ନ ଅଧିକାରୀମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପାଦନରେ ଅବହେଳାର ତଦନ୍ତ ଏବଂ ବିଚାର ହେବା ପୂର୍ବରୁ ସମ୍ମାନହାନୀ କେଉଁ ମତେ ମନ୍ତବ୍ୟ ଦେବା କିମ୍ବା ଗଣମାଧ୍ୟମ ମାନଙ୍କ ଦ୍ୱାରା ବିଚାର କରିବା ବା ମିଡିଆ ଟ୍ରାଏଲ କେତେ ମାତ୍ରାରେ ବିଭ୍ରାନ୍ତି କରେ ତାହା ବିଚାର୍ଯ୍ୟ। ତେଣୁ ସମାଜରେ ଡେଙ୍ଗା ବା କେନ୍ଦ୍ରସ୍ଥାନୀୟ ବ୍ୟକ୍ତିମାନଙ୍କ ଉପରେ ସବୁ ପ୍ରକାର ଅଭିଯୋଗ ଏବଂ ଆକ୍ରୋଶ ଥାଏ ତେଣିକି ତାହା ସତ୍ୟ-ମିଥ୍ୟା, ଭୁଲ୍-ଠିକ୍ ହେଉ ସେଥିପାଇଁ ପରବାୟ ନ ଥାଏ। ଲୋକମାନେ କିପରି ଆକର୍ଷକ ହୋଇପାରିବେ ସେଥିପାଇଁ ବିଭିନ୍ନ ପ୍ରକାର ଖାଦ୍ୟ, ଔଷଧ, ବ୍ୟାୟାମ ଗୃହିକର ମାର୍ଗଦର୍ଶନ ଦିଆଯାଉଥାଏ। ମୁଖ୍ୟତଃ ଏହି ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛି ଉଚ୍ଚତା, ମୋଟେଇ ବା ଓଜନ ଏବଂ ରଙ୍ଗ, ଯାହାକୁ ଆଧାର କରି ବିଭିନ୍ନ ବିଜ୍ଞାପନ ମଧ୍ୟ ଦିଆଯାଏ। କ'ଣ ଖାଇଲେ, କେମିତି ଖାଇଲେ, କେଉଁ ସମୟରେ ଏବଂ କିପରି ଖାଇଲେ ତାହା ବିଶେଷ ଫଳପ୍ରଦ ହେବ ସେଥିପାଇଁ ମଧ୍ୟ ଅନେକ ପରାମର୍ଶଦାତା ଏବଂ ବିପଣନ କାର୍ଯ୍ୟ ନିର୍ବାହୀମାନେ ଆମ ସମାଜରେ ଉପଲବ୍ଧ। ଏ ଭିତରୁ ନିଜକୁ ଡେଙ୍ଗା ଦେଖାଇବା ପାଇଁ ପିଲାଠାରୁ ଯୁବକମାନଙ୍କ ପର୍ଯ୍ୟନ୍ତ ଅନେକ ଚେଷ୍ଟା କରିଥାଆନ୍ତି। ବିଭିନ୍ନ ଚାକିରୀ ପାଇଁ ଆବେଦନ କରିବା ସମୟରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ସ୍ଥିର କରାଯାଇଥାଏ। ଡେଙ୍ଗା ବ୍ୟକ୍ତିମାନେ ପରିବେଶ ପରିସ୍ଥିତିକୁ ସହଜରେ ଆକଳନ କରିବାର କ୍ଷମତା ରଖିଥାଆନ୍ତି ବୋଲି ବିଶ୍ୱାସ ଏବଂ ଏହାକୁ ଆଧାର କରି ଯଦି ଶରୀରର ଓଜନ ଠିକ ରହିଲା ତାହେଲେ ସେମାନେ କଠିନ କାର୍ଯ୍ୟ କରିବା ପାଇଁ ସମର୍ଥ ବୋଲି ବିଚାର କରାଯାଉଥାଏ। ପୂର୍ବରୁ ଲୋକମାନେ ଡେଙ୍ଗା ହେଲେ ବଡ଼ ଅସୁବିଧା ହେଉଥିଲା। ଦୁଆରବନ୍ଧରେ ମୁଣ୍ଡ ବାଜେ, ଯାନବାହାନରେ ଯିବାବେଳେ ମଧ୍ୟ ଅସୁବିଧା ହେବାକୁ ପଡ଼ୁଥିଲା। ତେବେ ଅନ୍ୟ କିଛି ଲୋକଙ୍କର ଯୁକ୍ତି ହେଲା ଘରର ଏଠୁଣ୍ଡି ବନ୍ଧ ଗୁଡ଼ିକୁ ଜାଣିଶୁଣି ନିଚା ରଖାଯାଉଥିଲା ଯାହା ଫଳରେ ମଣିଷ ନିଜକୁ ପରିବେଶ ଏବଂ ପରିସ୍ଥିତିକୁ ଦେଖି ନଇଁଯିବାର କଳା ଶିଖିବେ। ଅନ୍ୟ କିଛି ଜଣଙ୍କ ମତରେ ଅନୁଚ୍ଚ ଘର ଏବଂ ଦୁଆରବନ୍ଧ ଗାଁଗିରି ଲକ୍ଷଣ କିମ୍ବା ବଣୁଆ ଜୀବଜନ୍ତୁଙ୍କ ଦାଉରୁ ରକ୍ଷା କରିବାର ଏକ ମାଧ୍ୟମ ଥିଲା। ସମୟ କ୍ରମେ ସେସବୁରେ ପରିବର୍ତ୍ତନ ଆସିଛି। ଡେଙ୍ଗା ହେବା ପାଇଁ ପ୍ରତିଯୋଗିତା ବାଢ଼ୁଛି। ପ୍ରଥମେ ଚେଙ୍ଗାଟି ହୁଏତ ଡେଙ୍ଗା ମୁଣ୍ଡରେ ବାଜିଯାଉଛି କିନ୍ତୁ ଡେଙ୍ଗା ଲୋକଟି ଯଦି ଟାଳାଖ ଦତ୍ତୁର ନଇଁ ରହିଥାନ୍ତି ତାହେଲେ ସେମାନେ ଟିକେ ନଇଁଗଲେ ଠେଙ୍ଗା ନିଶ୍ଚିତ ଭାବେ ବାଙ୍ଗରା ଲୋକଙ୍କ ଉପରେ ବାଜିବା କିନ୍ତୁ ଅନେକ ଲୋକ ଠେଙ୍ଗା ପାହାର ଖାଇବାକୁ ନରହି ଡେଙ୍ଗା ହେବାର ପରମ୍ପରାଧାରା କରିବା ପାଇଁ କିମ୍ବା ବଜାୟ ରଖିବାକୁ ଚାହିଁ ଥାଆନ୍ତି ମୂଳବୀ ପ୍ରାକୀୟ ଲୋକ ହେବା କ'ଣ ଛୋଟିଆ କଥା ?

**ତଳଗୋଜିଷଣ୍ଡୀ, ଅର୍ଣ୍ଣପାଳ, ଭଦ୍ରକ**



**ମୋବାଇଲ:୯୭୭୮୭୬୪୩୯୪**

# ବିଶ୍ୱମାତାଙ୍କ ପାଇଁ ଦିନଟିଏ

ଅଲେଖ ଚନ୍ଦ୍ର ସାମଲ



ଆଜି ବିଶ୍ୱ ପଶୁମଙ୍ଗଳ ଦିବସ। ସଚରାଚର ବ୍ରହ୍ମାଣ୍ଡରେ ପଶୁମାନଙ୍କ ସୁରକ୍ଷା ଓ ସେମାନଙ୍କର ମଣିଷ ସମାଜ ପ୍ରତି ଅବଦାନ ପାଇଁ ସ୍ମରଣୀୟ ଦିନଟିଏ ହେଉଛି ଆଜି। ଆମ ଆଖପାଖରେ ଦେଖୁଛୁ ଯେ ଆମମାନଙ୍କ ପାଇଁ ନିଜ ତମାମ୍ ଜୀବନକୁ ଉତ୍ସର୍ଗ କରିଥିବା ମୂକ ପ୍ରାଣୀ ପଶୁମାନଙ୍କ ପ୍ରତି ଆମର ଦରଦ କିଛି ନାହିଁ କହିଲେ ଚଳେ। ସ୍ୱାର୍ଥପର ଭାବରେ ଆମ୍ଭେମାନେ ସାରା ଜୀବନ ଗାଈଟିଏ ଠାରୁ କ୍ଷୀର ଖାଇବା ପରେ ବୁଢ଼ୀ ହୋଇଗଲା ପରେ ତାକୁ କଂସେଇ ହାତରେ ବିକ୍ରି କରିଦେଉଥାଉ। ସାରା ଜୀବନ ଚାଷ କାମ କରି ଚାଷୀ ବାପୁଡ଼ା ମୁହଁରେ ହସ ଫୁଟାଇ ଜୟ କିଶାନ ସ୍ଲୋଗାନକୁ ସତ୍ୟରେ ପରିଣତ କରୁଥିବା ବଳଦଟି ହଟ। ହୋଇଗଲେ ଗୋରୁ ହାଟରେ ପହଞ୍ଚ ହୋଇଯାଏ। ମାଲିକର ବୋଝ ବୋହି ବୋହି କୁଜା ହୋଇଯାଉଥିବା ଗଧଟିର ଶେଷ ଜୀବନ ବଡ଼ ଯନ୍ତ୍ରଣା ଦାୟକ ଥାଏ। କେବଳ ସେତିକି ନୁହେଁ ଘୋଡ଼ା ଠାରୁ ଓଟ ଜାତୀୟ ପଶୁ ମହାବଳ ବାଘଠାରୁ ଗଜରାଜ ହାତୀ ସମସ୍ତଙ୍କର ଜୀବନ ଆଜି ଅତ୍ୟନ୍ତ ଶୋଚନୀୟସ୍ଥିତିରେ। ପ୍ରଶ୍ନ ଉଠୁଛି ଏହା ପାଇଁ ଦାୟୀ କିଏ ? ଆମେ ମାନେ ସମସ୍ତେ ଦାୟିତ୍ୱର ବାହାନା, କର୍ତ୍ତବ୍ୟବୋଧର ଚାପ ଓ ନିୟତିର ଧାରଣାର ବଶବର୍ତ୍ତୀ ହୋଇ ନିଜେ ନିୟମକୁ ମୋଡ଼ିମାଡ଼ି ଶ୍ରେଷ୍ଠପ୍ରାଣୀ ମଣିଷ ହୋଇଥିବାରୁ ଏହି ହତଭାଗ୍ୟ ମୂକ ମାନଙ୍କ ବେଦନାକୁ ସିନା ବୁଝିପାରି ନଥାଉ ସେମାନଙ୍କର କୋହ ଓ ଲୁହ ନିଶ୍ଚିତ ଭାବରେ ଆମ୍ଭ ମାନଙ୍କୁ ବିଶ୍ୱାସଘାତକ ଭାବେ ପ୍ରମାଣିତ କରୁଛୁ। ଏହି ଲେଖକ ଗତବର୍ଷ ଭୟାବହ ବନ୍ୟାରେ ତାହା ଭୁଗୋଳ ପୋଥିପତ୍ରରେ ନାଁ ନଥିବା ଛୋଟିଆ ଗାଁ ରାଜନଗର ସନ୍ନିକଟ ନିଜ ଜନ୍ମସ୍ଥାନକୁ ଯାଇଥିବାବେଳେ ମୂକ ପଶୁମାନଙ୍କ ମୁହଁରେ ଦାନା ଦେବାପାଇଁ ଲୋକମାନଙ୍କୁ ଅନୁରୋଧ ପ୍ରାର୍ଥନାକୁ ପ୍ରତ୍ୟକ୍ଷ ଭାବରେ ନିଜେ ଦେଖିଥିଲା। କୃତ୍ୟାକୃତ୍ୟ ହୋଇପଡ଼ିଥିଲା ଯେ ତାହା ଜନ୍ମ ସ୍ଥାନର ଲୋକମାନେ ପଶୁମାନଙ୍କ ଠାରୁ ପାଉଥିବା ସେବାର ପ୍ରତିବଦଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଖାଇବାକୁ ପଛରେ ପକାଇ ଗୋରୁ ଗାଈଙ୍କ ପାଇଁ ଦାନା ଯୋଗାଡ଼ରେ ବ୍ୟସ୍ତ ରହିଥିଲେ।

ମଣିଷ ହେଉଛି ଏ ସୃଷ୍ଟିର ଅମୃତସ୍ୟ ପୁତ୍ରା। ଶାସ୍ତ୍ର ଭାଷାରେ ସେ ହେଉଛି ଅମୃତର ସନ୍ତାନ। ଏହି ଅମୃତର ସନ୍ତାନର ଶରୀର ଗଠନର ସବୁଠାରୁ ବଡ଼ ଭୂମିକା ତୁଲାଇଥାଏ କ୍ଷୀର। ଗୋମାତା ଏହି କ୍ଷୀର ପ୍ରଦାନ କରିଥାଏ। ସିଏ ଦିନେ ତା ପ୍ରତିବଦଳରେ ମଣିଷକୁ କିଛି ବି ମାଗିନଥାଏ। ନିଃସ୍ୱାର୍ଥପର ଭାବରେ କ୍ଷୀର ପ୍ରଦାନ କରି ଶରୀର ଗଠନ କରିବାରେ ସେ ତା'ର କ୍ରାନ୍ତିକାରୀ ଭୂମିକା ତୁଲାଇଥାଏ। ଯାହାପାଇଁ ସେ ହେଉଛି ବିଶ୍ୱମାତା ଗୋମାତା। ବଳଦ ସେହିପରି ମୂକ ପ୍ରାଣୀଟିଏ। ସିଏ ଚାଷ କ୍ଷେତ୍ରରେ ସୁନା ଫସଲ ପ୍ରଦାନ କରିଥାଏ। ତାହାରି ଭାରର ସାହାରାରେ ଜୟ କିଶାନର ସ୍ଲୋଗାନ ସତ୍ୟରେ ପରିଣତ ହୋଇଥାଏ। ହେଲେ ହଟା ବଳଦର କାହାଣୀ ପରି ସେ ବାର୍ଦ୍ଧକ୍ୟରେ ପହଞ୍ଚିଲେ ତାହାର ଶେଷ ଜୀବନ କଂସେଇ ହାତରେ ଦେବାବେଳେ ଆମେ ତାହା ପ୍ରତି କୃତଜ୍ଞ ହୋଇନଥାଉ। ବିଭିନ୍ନ ସମୟରେ ଦୁର୍ଘଟଣାରେ ପଶୁପକ୍ଷୀମାନଙ୍କର ଅଭାବନୀୟ ମୃତ୍ୟୁ ଆମ୍ଭେମାନେ ଦେଖିଥାଉ। ସେମାନେ ଜଙ୍ଗଲ ବା ଚାଷ କ୍ଷେତ୍ରରେ ପଡ଼ି ଛଟପଟ ହେଉଥିଲେ ବି ଆମେ ସେମାନଙ୍କର ଚିକିତ୍ସାର ଦୂରର କଥା ପାଣି ମୁନ୍ଦାଏ ନଦେଇ ନିଜ କର୍ତ୍ତବ୍ୟ ବ୍ୟସ୍ତତାର ବାହାନାରେ ବାଟ କାଟିଥାଉ। ନିୟତିର ଚକ୍ରରେ ମଣିଷ ସମାଜ ପାଇଁ ପଶୁମାନଙ୍କର ତ୍ୟାଗ ପ୍ରାତଃସ୍ମରଣୀୟ। ସେମାନଙ୍କର ମୁହଁ ଫିଟିନଥାଏ କାହାକୁ ନିଜର ଦୁଃଖ, ଯନ୍ତ୍ରଣା, ଅଭାବ କହିବାର ସୁଯୋଗ ବି ନଥାଏ। ନିଃସ୍ୱାର୍ଥପର ଭାବରେ ଅବିରତ ଖାଇବା ଓ ବିଶ୍ରାମକୁ ପଛରେ ପକାଇ ମଣିଷ ସମାଜର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଏହି ନିରୀହ ପଶୁମାନଙ୍କୁ ଆମ୍ଭେମାନେ ନିଜ ସ୍ୱାର୍ଥରେ ବଳି ଦେଉଥାଉ କିନ୍ତୁ ପ୍ରତିବଦଳରେ କିଛି ନାହିଁ। ଏମିତି ପଶୁଟିଏ ଫିଟିଗଲେ କ'ଣ ଖାଇବାକୁ ପାଉନି, ସେ ଯାଇ କିଛି ଆମ କରିଥାଉ ଯେ ଏମାନଙ୍କୁ କ'ଣ ଆମେ ଖାଇବାକୁ ପିଇବାକୁ ଦେଉନି ବା ଦେହବାଧକ ହେଲେ ଔଷଧପାଣି ନଦେଉଥାଉ? ସବୁ ଦେଉଥାଉ ସତ କିନ୍ତୁ ଏହାର ଭିତରେ ରହିଛି ସ୍ୱାର୍ଥ। ଗାଈଟିଏ ଭଲ ହୋଇଗଲେ କ୍ଷୀର ଦେବ ଯାହା ଆମ ପିଲାମାନେ ଖାଇବେ, ବଜାରରେ ବିକ୍ରି ହେଲେ ତେଲଲୁଣ ସଉଦା କିଣାହେବ। ଠିକ୍ ସେହିପରି ବଳଦର ଦେହ ଭଲ ହେଲେ ସେ ହଳକୁ ଯିବ, ନଡ଼ା ବିଲରୁ ବୁହାଯିବ। ନିତିଦିନିଆ ଜୀବନରେ ସାଧାରଣ କୁକୁରଟିର ଭୂମିକା ବି କମ୍ ପ୍ରେରଣା ଦାୟକ ନୁହେଁ। ବିଶ୍ୱସ୍ତ କୁହାଯାଉଥିବା କୁକୁରଟି ମାଲିକର ଧନଜୀବନ ସୁରକ୍ଷା ପାଇଁ ନିଜ ଜୀବନକୁ ବଳୀ ଦେଇଥାଏ କିନ୍ତୁ ପ୍ରତିବଦଳରେ ପାଉଛିଟିଏ ସାରା ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ଅନୁଯାୟୀ ମହାବଳ ବାଘଠାରୁ ଗଜରାଜ ହାତି ସମସ୍ତଙ୍କର ଜୀବନ ଆଜି ବିପନ୍ନ। ଶିକାରୀମାନେ ସେମାନଙ୍କୁ ମାରି ଦାନ୍ତ ଓ ଛାଲ, ନଖ ଲୁଟ କରି ଲକ୍ଷ ଲକ୍ଷ ଟଙ୍କା ପାଉଥାନ୍ତି। ତେଣୁ ଆଜି ବିଶ୍ୱ ପଶୁମଙ୍ଗଳ ଦିବସରେ ସମସ୍ତଙ୍କର ଅନୁଚିନ୍ତା ଏହା ହେଉ ଆମର ଆଖପାଖ ହାତପାହାନ୍ତାର ପରିବେଶରେ ଥିବା ପଶୁମାନଙ୍କ ଦାୟିତ୍ୱ ଓ ସେବାର ପ୍ରତିବଦଳରେ କୃତଜ୍ଞତା ସ୍ୱରୂପ ସେମାନଙ୍କର ଖାଇବା ଓ ବିଶ୍ରାମ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ଶେଷ ଜୀବନକୁ କେତେଟା ଟଙ୍କା ପାଇଁ କାହା ହାତରେ ବିକ୍ରି ନକରି ଅନ୍ତତଃ ଆମରି ମାନଙ୍କ ପାଖରେ ସେହିପରି ରଖିଲେ କ'ଣ ଖରାପ ହୁଅନ୍ତା ? ବେଶି କିଛି ଖର୍ଚ୍ଚ ହୁଅନ୍ତା ନି ବରଂ ଭଗବାନ ଖୁସି ହୁଅନ୍ତେ। ଦୁନିଆରେ ଜଣେ ଭଲ ମଣିଷ ଭାବରେ ପରିଚୟ ମିଳନ୍ତା। ଆଜିପରି ପବିତ୍ର ଦିବସରେ ଏହି ମୂକ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା ପୂର୍ବକ ସେମାନଙ୍କ ସେବାରେ କିଛି ସମୟ ତ କାଢ଼ିପାରିବା ଏହା ହେଉ ମଣିଷ ସମାଜର ମାନବିକତାର ଧର୍ମ।

**ପୂର୍ବତନ ଡିଏଫ୍ଓ, ପଲାଶ, ବାଲିଚନ୍ଦ୍ରପୁର, ଯାଜପୁର,**

**ମୋବାଇଲ:୯୪୩୭୨୫୬୭୨୩**



ହର୍ମୁଜରେ କୁଓ୍ୱେତ ତୈଳଟ୍ୟାଙ୍କର ଉପରେ ଆକ୍ରମଣ

# ୫ ଭାରତୀୟ ନାବିକ ସୁରକ୍ଷିତ ଉଦ୍ଧାର



ମସ୍କଟ,୩।୧୦: ହୋର୍ମୁଜ ପ୍ରଣାଳୀ ମଧ୍ୟ ଦେଇ ଅତିକ୍ରମ କରୁଥିବା ଏକ କୁଓ୍ୱେତ ପତାକାବାହୀ ତୈଳଟ୍ୟାଙ୍କର 'ଏମଟି କାଜିମାହ ୩' ଉପରେ ଏକ ପ୍ରୋଜେକ୍ଟାଇଲ୍ ମାଡ଼ ହେବା ପରେ ସେଥିରେ ଥିବା ପାଞ୍ଚ ଜଣ ଭାରତୀୟ ନାବିକଙ୍କୁ ସଫଳତାର ସହ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ କୂଳକୁ ଅଣାଯାଇଛି। ଓମାନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ସୂଚନା ଦିଆଯାଇଛି। ଆକ୍ରମଣର ଶିକାର ହୋଇଥିବା ଏହି କ୍ରୁଡ୍ ଅଏଲ୍ ଟ୍ୟାଙ୍କରଟି ଟୋଗୋର ଲୋମେ ବନ୍ଦର ଆଡ଼କୁ ଯାଉଥିଲା। ଏହି ବିପଦପୂର୍ଣ୍ଣ ପରିସ୍ଥିତିରେ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଥିବାରୁ ଭାରତୀୟ ଦୂତାବାସ ଓମାନ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛି।

ଏହି ଘଟଣା ପରେ ବିଶ୍ୱର ବିଭିନ୍ନ ସାମୁଦ୍ରିକ କରିଡର ଯଥା- ପାରସ୍ୟ ଉପସାଗର, ଲୋହିତ ସାଗର ଓ କଳା ସାଗରରେ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷା ଓ ସମୁଦ୍ରରେ କାର୍ଯ୍ୟରତ ଭାରତୀୟ ନାବିକମାନଙ୍କ ସୁରକ୍ଷା ପ୍ରସଙ୍ଗ ପୁଣିଥରେ ଆଲୋଚନାକୁ ଆସିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ଗଣମାଧ୍ୟମକୁ କହିଛନ୍ତି ଯେ ବର୍ତ୍ତମାନ ଏହି ଅଞ୍ଚଳରେ ବିଭିନ୍ନ ବାଣିଜ୍ୟିକ ଜାହାଜରେ ୪,୫୦୦ରୁ ଅଧିକ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି। ଏଥିରେ ଭାରତୀୟ ପତାକାବାହୀ ୬ଟି ଓ ଭାରତ ପାଇଁ କାର୍ଗୋ ନେଇଯାଉଥିବା ୬ଟି ବିଦେଶୀ ପତାକାବାହୀ ଜାହାଜ ସହିତ ମୋଟ ୧୨ଟି ସକ୍ରିୟ ଜାହାଜରେ ୧୬୩ ଜଣ ଭାରତୀୟ ନାବିକ ଅଛନ୍ତି। ଜାହାଜଗୁଡ଼ିକର ଗତିବିଧି ଓ ନାବିକମାନଙ୍କ କଲ୍ୟାଣ ନିମନ୍ତେ ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଭାରତୀୟ ଦୂତାବାସ ଓ ସ୍ଥାନୀୟ ଅଂଶୀଦାରମାନେ ମିଳିତ ଭାବେ ନିରୀକ୍ଷଣ ଜାରି ରଖିଛନ୍ତି।

ସମ୍ପ୍ରତି ବିଶ୍ୱ ସମୁଦ୍ର ପଥରେ ବାଣିଜ୍ୟିକ ଜାହାଜ ଓ ନାବିକଙ୍କ ଉପରେ ବାରମ୍ବାର ହେଉଥିବା ଆକ୍ରମଣକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଜାତିସଂଘ ମହାସଭାର ୮୧ତମ ଅଧିବେଶନରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ ସ୍ପଷ୍ଟ ଭାବେ କହିଥିଲେ ଯେ ଗଲ୍ଫ ଅଞ୍ଚଳରୁ ଆରମ୍ଭ କରି ଲୋହିତ ସାଗର ଓ କଳା ସାଗର ପର୍ଯ୍ୟନ୍ତ ବାଣିଜ୍ୟିକ ଜାହାଜ ଓ ନାବିକଙ୍କ ଉପରେ ହେଉଥିବା ଆକ୍ରମଣରେ ଅନେକ ନାବିକ ପ୍ରାଣ ହରାଇଛନ୍ତି, ଯାହା ସମ୍ପୂର୍ଣ୍ଣ ଅଗ୍ରହଣୀୟ। ସାମୁଦ୍ରିକ ମାର୍ଗ ଓ ଜାହାଜରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା କ୍ଷେତ୍ରରେ କୌଣସି ପ୍ରକାରେ ଆପୋଷ କରାଯାଇପାରିବ ନାହିଁ ବୋଲି ଦର୍ଶାଇ ଭାରତ ଲାଇବେରିଆ ଏବଂ ଅନ୍ୟ ୨୩ଟି ଦେଶ ସହ ମିଶି ଏକ ଆନ୍ତର୍ଜାତିକ ମେଣ୍ଟରେ ସାମିଲ ହୋଇଛି। ଏହା ସହିତ ସାଧାରଣ ନାଗରିକ କ୍ରୁ'ଙ୍କ ସୁରକ୍ଷା, ଶକ୍ତି ଯାନବାହନ ଏବଂ ବିଶ୍ୱ ବାଣିଜ୍ୟର ନିରନ୍ତରତା ଜାରି ରଖିବା ପାଇଁ ଗଲ୍ଫ ଅଞ୍ଚଳରେ ତୁରନ୍ତ ସଂଯମତା ଓ ଶାନ୍ତି ରକ୍ଷା କରିବାକୁ ସେ ଆହ୍ୱାନ କରିଛନ୍ତି।

ସିଜେପି ପ୍ରତିବାଦ ସଭା ବେଳେ ଅଘଟଣ

## ହୃଦ୍‌ଘାତରେ ଆନ୍ଦୋଳନକାରୀଙ୍କ ମୃତ୍ୟୁ

ମୁମ୍ବାଇ,୩।୧୦: ମୁମ୍ବାଇର ଐତିହାସିକ ଶିବାଜୀ ପାର୍କଠାରେ ଆୟୋଜିତ କାକରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ସଭା ସମୟରେ ଜଣେ ୭୫ ବର୍ଷୀୟ ବୃଦ୍ଧଙ୍କ ହୃଦଘାତ ଯୋଗୁଁ ମୃତ୍ୟୁ ଘଟିଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନରେ ଅନିୟମିତତା ଅଭିଯୋଗ ଆଣି ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଶୁକ୍ରବାର ଦିନ ଏହି ବିକ୍ଷୋଭ ପ୍ରଦର୍ଶନ ଆୟୋଜିତ ହୋଇଥିଲା। ଶିବାଜୀ ପାର୍କ ପୁଲିସ ଷ୍ଟେସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଜଣକ ପଡ଼ୋଶୀ ଠାଣେର ଗୋପାଳକୃଷ୍ଣ ସୁବ୍ରମଣ୍ୟମ ପିଲ୍ଲାଈ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ସିଜେପି ପକ୍ଷରୁ ଆୟୋଜିତ ଏହି ପ୍ରତିବାଦ ସଭାରେ ଯୋଗଦେବା ପାଇଁ ଅପରାହ୍ଣ ପ୍ରାୟ ୪ଟା ୩୦ ମିନିଟ୍ ସମୟରେ ପିଲ୍ଲାଈ ଶିବାଜୀ ପାର୍କରେ ପହଞ୍ଚିଥିଲେ। ତେବେ ବିକ୍ଷୋଭ ଚାଲିଥିବା ବେଳେ ଅପରାହ୍ଣ ୫ଟା ସମୟରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ସାଙ୍ଗସାଥୀ ଓ ପୁଲିସ କର୍ମଚାରୀମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ ସୁଦ୍ଧା ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ



ଘୋଷଣା କରିଥିଲେ।

ପୁଲିସର ବିନା ଅନୁମତିରେ ଅପରାହ୍ଣ ୪ଟାରୁ ଆରମ୍ଭ ହୋଇଥିବା ଏହି ପ୍ରତିବାଦ ସଭାରେ ଅତ୍ୟାଧିକ ଖରା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଲୋକ ଶିବାଜୀ ପାର୍କ ଅଞ୍ଚଳରେ ଏକାଠି ହୋଇଥିଲେ। ଏହି ବିଶାଳ ଜନସମାଗମ ଓ ପ୍ରତିକୂଳ ପାଣିପାଗ ମଧ୍ୟରେ ଏହି ଦୁଃଖଦ ଘଟଣା ଘଟିଛି।

## ଏଲଓସି ନିକଟରେ ଧରାପଡ଼ିଲେ ପିଓଜେକେ ଯୁବତୀ



ଶ୍ରୀନଗର,୨।୧୦: ଜମ୍ମୁ ଓ କାଶ୍ମୀରର ନୌଶେରାର ଲାମ୍ ସବ୍-ସେକ୍ଟରରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ପାକିସ୍ତାନ ଅଧିକୃତ ଜମ୍ମୁ ଓ କାଶ୍ମୀର(ପିଓଜେକେ)ର ଜଣେ ୧୭ ବର୍ଷୀୟା ଯୁବତୀଙ୍କୁ ସେନା ଅଟକ ରଖିଛି। ପଚରାଉଚରା ସମୟରେ ଯୁବତୀ ଜଣକ ଦାବି କରିଛନ୍ତି ଯେ ସେ ଭୁଲବଶତଃ ନିୟନ୍ତ୍ରଣ ରେଖା ପାର ହୋଇ ଭାରତୀୟ ଅଞ୍ଚଳରେ ପ୍ରବେଶ କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକ ତାଙ୍କ ଦାବି ଏବଂ ସୀମା ପାର କରିବାର କାରଣ ତଦନ୍ତ କରୁଛନ୍ତି। ପ୍ରାଥମିକ ପଚରାଉଚରା ପରେ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ସୂତ୍ର ଅନୁସାରେ, ନିୟନ୍ତ୍ରଣ ରେଖା ନିକଟରେ କାର୍ଯ୍ୟରତ ଏକ ସେନା ପାଟ୍ରୋଲିଂ ପାର୍ଟି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଥିଲେ। ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ସନ୍ଧ୍ୟା ପାଟ୍ରୋଲିଂ ସମୟରେ, ସେନା ଯବାନମାନେ ଜଣେ ଯୁବତୀଙ୍କୁ ଦେଖିଥିଲେ। ସନ୍ଦେହଜନକ ଭାବରେ ସେ ବୁଲୁଥିବାରୁ ସେମାନେ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପ୍ରାରମ୍ଭିକ ପଚରାଉଚରା ସମୟରେ ଯୁବତୀ ଜଣକ ନିଜକୁ ପାକିସ୍ତାନ ଅଧିକୃତ ଜମ୍ମୁ ଏବଂ କାଶ୍ମୀରର ଖୁଇରେଟା ନିବାସୀ ମହମ୍ମଦ ଆଜିମଙ୍କ ଝିଅ ୧୭ ବର୍ଷୀୟା ସାମିଆ ଆଜିମ ବୋଲି ପରିଚୟ ଦେଇଥିଲେ।

## ସମୁଦ୍ରରେ ଭାସିଯାଇ ୩ ଛାତ୍ର ମୃତ



ବିଶାଖାପାଟଣା, ୩।୧୦: ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ରୁଷିକୋଣ୍ଡା ବେଳାଭୂମିରେ ଏକ ହୃଦୟବିଦାରକ ଘଟଣା ଘଟିଯାଇଛି। ସମୁଦ୍ରର ପ୍ରବଳ ଲହଡ଼ିରେ ଭାସିଯାଇ ୩ ଜଣ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍କୁଲ ଛୁଟି ଥିବାରୁ ଏହି ଛାତ୍ରମାନେ ବୁଲିବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଯାଇଛି। ମୃତ ଛାତ୍ରମାନେ ହେଲେ ମଧୁରୱାଡା ଅଞ୍ଚଳର ପିଲ୍ଲା ପ୍ରଶାନ୍ତ, ସତ୍ତାରୁଭୁ ସୂର୍ଯ୍ୟପ୍ରକାଶ ଓ ସବବାବରପୁ ରିତେଶ (ସମସ୍ତଙ୍କ ବୟସ ପ୍ରାୟ ୧୪ ବର୍ଷ)। ପୁଲିସର ସୂଚନାନୁସାରେ, ମଧୁରୱାଡାର ଏକ ବେସରକାରୀ ସ୍କୁଲରେ ପଢ଼ୁଥିବା ୬ ଜଣ ଛାତ୍ର ଅପରାହ୍ଣ ପ୍ରାୟ ୩ଟା ସମୟରେ ରୁଷିକୋଣ୍ଡା ନିକଟସ୍ଥ ଭୀମିଲି ବିଚ୍ ରୋଡରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ସମୁଦ୍ର ଭିତରକୁ ଗାଧୋଇବାକୁ ଓହ୍ଲାଇଥିବା ବେଳେ ଅନ୍ୟ ୨ ଜଣ କୂଳରେ ଠିଆ ହୋଇଥିଲେ। ଗୋଡ଼ ବୁଡ଼ୁଥିବା ପାଣିରେ ଠିଆ ହୋଇଥିବା ସମୟରେ ହଠାତ୍ ଏକ ବିଶାଳ ସମୁଦ୍ର ଲହଡ଼ି ଆସି ସେମାନଙ୍କୁ ଟାଣି ନେଇଥିଲା। ହେମନ୍ତ ନାମକ ଜଣେ ଛାତ୍ର କୌଣସି ମତେ କୂଳକୁ ଫେରିବାରେ ସଫଳ ହୋଇଥିବା ବେଳେ ପ୍ରଶାନ୍ତ, ସୂର୍ଯ୍ୟପ୍ରକାଶ ଓ ରିତେଶ ଗଭୀର ପାଣିକୁ ଭାସିଯାଇଥିଲେ। ଘଟଣାର ଖବର ପାଇବା ପରେ ବିଶାଖାପାଟଣା ସିଟି ପୁଲିସ କମିଶନର ଶଙ୍ଖବ୍ରତ ବାଗଚୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଭାରତୀୟ କୋଷ୍ଟଗାର୍ଡର ହେଲିକପ୍ଟର, ମେରାଇନ୍ ପୁଲିସ, ସ୍ଥାନୀୟ ପୁଲିସ, ଲାଇଫଗାର୍ଡ ଏବଂ ମତ୍ସ୍ୟଜୀବୀମାନଙ୍କୁ ନେଇ ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା।

## ଡ୍ରଗ୍ସ କିଙ୍ଗପିନ୍ ନବପ୍ରୀତ ସିଂହର ପ୍ରତ୍ୟର୍ପଣ ସମ୍ପନ୍ନ



ନୂଆଦିଲ୍ଲୀ,୩।୧୦: ତୁର୍କୀରୁ ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ଚାଲାଣକାରୀ ନବପ୍ରୀତ ସିଂହଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି। ଗୃହମନ୍ତ୍ରୀ ଅମିତ ଶାହଙ୍କ ଅନୁଯାୟୀ, ନବପ୍ରୀତ ନବାବ ଭିରକ ନାମରେ ମିଥ୍ୟା ପରିଚୟ ଦେଇ ତୁର୍କୀର ନାଗରିକତା ହାସଲ କରିଥିଲେ ଏବଂ ଆଫଗାନିସ୍ତାନରୁ ଭାରତକୁ ହେରୋଇନ୍ ଏବଂ ମେଥାମ୍ଫେଟାମାଇନ୍ ଚୋରା ଚାଲାଣରେ ଜଡ଼ିତ ଏକ ନେଟୱାର୍କ ପରିଚାଳନା କରୁଥିଲେ। ଭାରତୀୟ ଏଜେନ୍ସିଗୁଡ଼ିକ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପରେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି। ଅମିତ ଶାହ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏନେଇ ସୂଚନା ପ୍ରଦାନ କରି କହିଛନ୍ତି, ଭାରତୀୟ ଏଜେନ୍ସିଗୁଡ଼ିକ ସଫଳତାର ସହ ତାଙ୍କର ପରିଚୟ ଏବଂ ରହୁଥିବା ସ୍ଥାନର ଠିକଣା ସମ୍ପର୍କରେ ଜାଣି ତାଙ୍କୁ ଭାରତ ଫେରାଇ ଆଣିଛନ୍ତି। ଶାହ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ନିଶାଦ୍ରବ୍ୟ ବିରୋଧରେ ଶୂନ୍ୟ ସହନଶୀଳ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଉଲ୍ଲେଖ କରିଛନ୍ତି। ଅମିତ ଶାହ ତାଙ୍କ ପୋଷ୍ଟରେ ଭାରତୀୟ ଏଜେନ୍ସିଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ ହେଉଛି ବିଦେଶରେ ଲୁଚି ରହିଥିବା ଡ୍ରଗ୍ସ ଚାଲାଣକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସମଗ୍ର ଡ୍ରଗ୍ସ ନେଟୱାର୍କକୁ ଭାଙ୍ଗି ଦେବା। ଶାହ ଏହା ମଧ୍ୟ କହିଛନ୍ତି ଯେ, ମୋଦୀ ସରକାର ଡିସେମ୍ବର ୨୦୨୯ ସୁଦ୍ଧା ପ୍ରତ୍ୟେକ ନାର୍କୋ-କାର୍ଟେଲକୁ ସମାପ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଗୃହ ମନ୍ତ୍ରଣାଳୟ ଏବଂ ନାର୍କୋଟିକ୍ସ ନିୟନ୍ତ୍ରଣ ବ୍ୟୁରୋ ବିଦେଶରେ ୱାଣ୍ଟେଡ୍ ଡ୍ରଗ୍ସ ଚାଲାଣକାରୀଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଭାରତ ଫେରାଇ ଆଣିବା ଏବଂ ସେମାନଙ୍କ ନେଟୱାର୍କକୁ ଭାଙ୍ଗିବା ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି।

## ରୁଷ୍ ସେନାରେ ଏବେ ବି ଅଛନ୍ତି ୫୫ ଭାରତୀୟ ଯୋଦ୍ଧା

ନୂଆଦିଲ୍ଲୀ,୩।୧୦: ୟୁକ୍ରେନ ବିରୋଧରେ ଯୁଦ୍ଧରେ ରୁଷ୍ ସେନା ଭିତରେ ରହି ଅନେକ ଭାରତୀୟ ଯୋଦ୍ଧା ଲଢ଼ୁଛନ୍ତି। ନୂଆଦିଲ୍ଲୀର ହସ୍ତକ୍ଷେପ ପରେ ରୁଷ୍ ସେନାରେ ନିଯୁକ୍ତି ପାଇଥିବା ପାଖାପାଖି ୧୪୦ ଜଣ ଭାରତୀୟଙ୍କୁ ଚାକିରି ଛାଡ଼ିବାକୁ ଅନୁମତି ଦିଆଯାଇଛି। ଭାରତ-ରୁଷ୍ ପରାମର୍ଶଦାତା କମିଟି ବୈଠକର ବିବରଣୀ ଅନୁସାରେ, ରୁଷ୍ ସଶସ୍ତ୍ର ବାହିନୀରେ



କାର୍ଯ୍ୟରତ ଅନ୍ୟ ୫୫ ଜଣଙ୍କ ସୂଚନା ଭାରତ ମାଗିଛି। ଏପରି ସମସ୍ତ ବ୍ୟକ୍ତିଙ୍କୁ ଶୀଘ୍ର ମୁକ୍ତ କରିବା ପାଇଁ ନୂଆଦିଲ୍ଲୀ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଛି।ଗତ ମାସରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସଦ୍ୟତମ ସଂଖ୍ୟା ସହିତ ଏହା ସମାନ ଅଛି। ମିଶ୍ରି କହିଥିଲେ ଯେ, ରୁଷ୍ ସଶସ୍ତ୍ର ବାହିନୀରେ ନିଯୁକ୍ତି ପାଇଥିବା ୨୨୭ ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ ୧୩୯ ଜଣଙ୍କୁ ଡିସଚାର୍ଜ କରାଯାଇଛି ଓ ୫୧ ଜଣଙ୍କର ମୃତ୍ୟୁ ହୋଇଛି।

ଫ୍ଲାଏଦୁବାଇ ବିମାନ ଆକ୍ରମଣ ଘଟଣା

## କୋ-ପାଇଲଟ୍ ଅଲ୍-କାଏଦା ସହ ସମ୍ପୃକ୍ତ



ଆବୁଧାବି,୩।୧୦: ୟୁଏଇରୁ ଇସ୍ରାଏଲ ଯାଉଥିବା ଫ୍ଲାଏଦୁବାଇ ବିମାନର କକ୍‌ପିଟରେ ଭାରତୀୟ କ୍ୟାପଟେନ ସ୍ମିତ୍ ମଚ୍ଛାରଙ୍କୁ ଆକ୍ରମଣ କରିଥିବା ଓ ବିମାନକୁ କ୍ରାସ କରିବାକୁ ଆତଙ୍କବାଦୀ ପ୍ରୟାସ କରିଥିବା କୋ-ପାଇଲଟଙ୍କ ପରିଚୟ ପ୍ରକାଶ ପାଇଛି। ସାଉଦି ଖବରକାଗଜ ଅଲ ଆରବିଆ ମିଳିଥିବା ସୂଚନା ଆଧାରରେ ପ୍ରକାଶ କରିଛି ଯେ, କୋ-ପାଇଲଟଙ୍କୁ ଓମାନର ହମାମ୍ ଆଲହାମାମି ଭାବରେ ଚିହ୍ନଟ କରାଯାଇଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ହମାମ୍‌ଙ୍କୁ ତାଙ୍କର ମୌଳବାଦୀ ଚିନ୍ତାଧାରା ଯୋଗୁଁ ଓମାନରେ ବିମାନ ଉଡ଼ାଣ କରିବାକୁ ବାରଣ କରାଯାଇଥିଲା। ଏହାପରେ ସେ ଓମାନ ଛାଡି ସିରିଆରେ ରହୁଥିଲେ।

ସୂତ୍ର ଅନୁଯାୟୀ, ହମାମ୍ ତାଙ୍କ ଜୀବନର ଅଧିକାଂଶ ସମୟ ଓମାନ ବାହାରେ ରହିଥିଲେ। ୟୁଏଇ ଆସିବା ପୂର୍ବରୁ ସେ ସିରିଆରେ ବହୁ ବର୍ଷ ବିତାଇଥିଲେ। ସେଠାରେ ସେ ମୌଳବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ। ଆମେରିକୀୟ ସମ୍ବାଦ ସଂସ୍ଥା ସିଏନଏନ ରିପୋର୍ଟ କରିଛି ଯେ, ଫ୍ଲାଏଦୁବାଇର ଓମାନୀ କୋ-ପାଇଲଟଙ୍କୁ ଗତବର୍ଷ ଓମାନର ଜାତୀୟ ବିମାନ ସେବାରୁ ବହିଷ୍କାର କରାଯାଇଥିଲା। କିନ୍ତୁ ପରେ ତାଙ୍କୁ ଏୟାରଲାଇନ୍ସ ଭିତରେ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଅନ୍ୟ ଏକ ସୂତ୍ର ସିଏନଏନକୁ କହିଛି ଯେ ହମାମ୍‌ଙ୍କ ପିତା ଓମାନର ଏବଂ ତାଙ୍କ ମାଆ ସିରିଆର, କିନ୍ତୁ ସେ ସଂଯୁକ୍ତ ଆରବ ଏମିରେଟ୍ସରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ଜୀବନର ଅନେକ ବର୍ଷ ସେଠାରେ ବିତାଇଥିଲେ।

ଇସ୍ରାଏଲର ଚ୍ୟାନେଲ ୧୨ ରିପୋର୍ଟ କରିଛି ଯେ, ତଦନ୍ତକାରୀମାନେ ଜାଣିପାରିଛନ୍ତି, କୋ-ପାଇଲଟଙ୍କର ଅଲ୍-କାଏଦାର ଚିନ୍ତାଧାରା ଥିଲା। ସେ ଅନେକ ଧାର୍ମିକ ନେତାଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ। ଏହି ନେତାମାନଙ୍କର ପରିଚୟ ପ୍ରକାଶ କରାଯାଇ ନାହିଁ। ଇସ୍ରାଏଲୀ ଗଣମାଧ୍ୟମ ଆଇ-୨୪ ନ୍ୟୁଜ୍ ଏମିରାତି ସୂତ୍ର ଆଧାରରେ ରିପୋର୍ଟ କରିଛି, ଓମାନ କୋ-ପାଇଲଟଙ୍କ ଲଗେଜରୁ ପାମ୍ଫଲେଟ୍ ଏବଂ ଫ୍ରି ପାଲେଷ୍ଟାଇନ୍ ଗୋଷ୍ଠୀର ପ୍ରକାଶନ ସମେତ ପାଲେଷ୍ଟାଇନ ସମର୍ଥକ ସାମଗ୍ରୀ ମଧ୍ୟ ମିଳିଛି।

## ଭାରତ ପାଇଁ ଆବଶ୍ୟକ ପଞ୍ଚମ ପିଢ଼ିର ଫାଇଟର ଜେଟ୍

### ପାକ୍-ଚୀନ୍ ସମ୍ପର୍କକୁ ନେଇ ଚିନ୍ତା ବ୍ୟକ୍ତକଲେ ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୩।୧୦: ଭାରତୀୟ ବାୟୁସେନା ମୁଖ୍ୟ ମାର୍ଶଲ ଅମରପ୍ରୀତ ସିଂହ ଶନିବାର କହିଛନ୍ତି ଯେ ପଞ୍ଚମ ପିଢ଼ି ବା ଫିଫ୍‌ଥ ଜେନେରେସନ୍ ଯୁଦ୍ଧ ବିମାନ ନିର୍ମାଣ ପାଇଁ ପାକିସ୍ତାନ ଓ ଚୀନ ମଧ୍ୟରେ ସହଯୋଗ ଭାରତ ଲାଗି ଚିନ୍ତାର ବିଷୟ। ଏୟାର ମାର୍ଶଲ ସିଂହ କହିଛନ୍ତି ଯେ ଏବେ ଆଇଏଏଫକୁ ଏହି ବିପଦର ସମ୍ମୁଖୀନ ହେବାକୁ ପଡ଼ିପାରେ। ତେବେ ଭାରତକୁ ଖୁବ୍ ଶୀଘ୍ର ପଞ୍ଚମ ପିଢ଼ିର ବିମାନ ସାମିଲ କରିବାକୁ ପଡ଼ିବ। ସେ କହିଛନ୍ତି ଯେ ଏହା ଚିନ୍ତାର ବିଷୟ ନିଃସନ୍ଦେହ କୁହାଯାଇପାରେ, ହେଲେ ଏହା ମାନେ ନୁହେଁ ଯେ ଆମେ ମୁକାବିଲା କରି ପାରିବୁନି। ଆମପାଖରେ କ୍ଷମତା ଅଛି, ଏପରି ନୁହେଁ କି ଏକ ପ୍ଲାଟଫର୍ମ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।



ତେବେ ଅସଲ କଥା ହେଉଛି ପ୍ଲାଟଫର୍ମକୁ ଆମ ପ୍ରଣାଳୀରେ ସାମିଲ କରିବା। ଗତ ଅପରେସନ ସିନ୍ଦୂର କାଳରେ ପାକିସ୍ତାନ ନିକଟରେ ଅନ୍ୟ ପ୍ଲାଟଫର୍ମ ଥିଲା; ହେଲେ ଆମର ଅପରେଶନ କାଳରେ ସେମାନେ ଅଧିକାଂଶ ପ୍ଲାଟଫର୍ମକୁ ଚଳାଇ ପାରିନଥିଲେ। ଏଣୁ ଆମେ ଯେତେବେଳେ ବି ଅଲଗା ଅଲଗା ପ୍ଲାଟଫର୍ମ କ୍ରୟ କରୁ ସେତେବେଳେ ଆମେ ନିଶ୍ଚିତ କରୁ ତାହା ଯେପରି ଆମ ପ୍ଲାଟଫର୍ମରେ ଠିକ୍ ଭାବେ ସାମିଲ ହୁଏ।

ଏଣୁ ଆମେ ଏବେ ସେହି ବିପଦର ସାମ୍ନା କରି ପାରନ୍ତି ଯେଉଁ ପର୍ଯ୍ୟନ୍ତ ସେମାନେ ଏହାକୁ ନିଜ ସିଷ୍ଟମରେ ଭଲ ଭାବେ ସାମିଲ ନ କରିଛନ୍ତି। ସେ କହିଛନ୍ତି ଯେ ଭବିଷ୍ୟତ ଲାଗି ଆମକୁ ଆଗକୁ ବିଚାର କରିବାକୁ ପଡ଼ିବ। ଆମକୁ ଖୁବ୍ ଶୀଘ୍ର ପଞ୍ଚମ ପିଢ଼ୀର ଯୁଦ୍ଧ ବିମାନ ସାମିଲ କରିବାକୁ ପଡ଼ିବ। ଆମକୁ ଏଏମସିଏ ପ୍ରୋଗ୍ରାମକୁ ଆଗକୁ ବଢ଼ାଇବାକୁ ପଡ଼ିବ। ଏଥିରେ ଯଦି ବିଳମ୍ବ ହୁଏ ତେବେ ଆମକୁ ଅନ୍ୟ ପନ୍ଥା ଦେଖିବାକୁ ପଡ଼ିବ। ସେ କହିଛନ୍ତି ଯେ ଭାରତୀୟ ବାୟୁ ସେନା ନିକଟରେ ୪୨ ମଞ୍ଜୁର ସଂଖ୍ୟା ତୁଳନାରେ ୨୯ଟି ଫାଇଟର ସ୍କ୍ୱାଡ୍ରନ ରହିଛି।

## ୪୩ତମ ମହଲାରୁ ଡେଇଁଲେ ଯୁବକ

ଖଣ୍ଡ ଖଣ୍ଡ ହୋଇଗଲା ଶରୀର



ନୋଏଡ଼ା, ୩।୧୦: ନୋଏଡ଼ାରୁ ଛାତି ଥରାଇ ଦେବା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ୩୫ ବର୍ଷୀୟ ଯୁବକ ନୋଏଡାର ସେକ୍ଟର ୯୪ ସ୍ଥିତ ସୁପରନୋଭା ସୋସାଇଟିରେ ୪୩ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଯୁବକ ଏତେ ଉଚ୍ଚରୁ ଡେଇଁବା ଫଳରେ ତାଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଯାଇଛି। ରକ୍ତ ଛିଟା କୋଠାର ପରିସର ଚାରି ଅଡ଼େ ପଡ଼ିଛି। ମୃତକ ଯୁବକ ହେଉଛନ୍ତି ସମ୍ଭବ ଜୈନ। ସେ ଗୁରୁଗ୍ରାମର ମାନେସର କ୍ଷେତ୍ରର ବାସିନ୍ଦା। ଯୁବକଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡ଼ିନି। ଘଟଣାର ସୂଚନା ମିଳିବା ମାତ୍ରେ ସେକ୍ଟର ୧୨୬ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରି ଦେଇଛି। ପୋଲିସ ଅନୁସାରେ, ସମ୍ଭବ ଜୈନ ସ୍କାୟରା ବିଲ୍ଡିଂରେ ଗୋଟିଏ ଦିନ ରହିବା ପାଇଁ ଏକାକୀ ଆସିଥିଲେ। ସେ ଅନଲାଇନରେ ରୁମ୍ ବୁକ୍ କରିବା ପରେ ଶୁକ୍ରବାର ଦିନ ଅପରାହ୍ଣ ପ୍ରାୟ ୩ଟା ସମୟରେ ସେଠାରେ ପହଞ୍ଚିଥିଲେ। ଏହି ଘଟଣା ଘଟିବା ପୂର୍ବରୁ ଏସି ମରାମତି କରୁଥିବା ଏକ ଟିମ୍ ପାଖ ଫ୍ଲାଟରେ କାମ କରୁଥିଲେ।

## ଜେନ୍-ଜି ଆନ୍ଦୋଳନକୁ ମମତାଙ୍କ ସମର୍ଥନ

### ୧୦ରେ ଦିଲ୍ଲୀ ଚଲୋ ଆହ୍ୱାନ ଦେଲା ସିଜେପି




ନୂଆଦିଲ୍ଲୀ, ୩।୧୦: ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ 'କକରୋଚ ଜନତା ପାର୍ଟି' ଦ୍ୱାରା ଚାଲିଥିବା ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ଶୁକ୍ରବାର ଦିଲ୍ଲୀରୁ ଫେରିବା ପରେ କୋଲକାତା ବିମାନବନ୍ଦରରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ ଯୁବପିଢ଼ିଙ୍କ ସହ ଦୃଢ଼ ଭାବରେ ଛିଡ଼ା ହୋଇଥିବା ପ୍ରକାଶ କରିଛନ୍ତି ଏବଂ ଏଭଳି କଥିତ ଅତ୍ୟାଚାର ବା ଅନିୟମିତତା ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀ ଏବଂ ମୁମ୍ବାଇରେ ଯୁବବର୍ଗଙ୍କ ଦ୍ୱାରା ଆୟୋଜିତ ବିକ୍ଷୋଭ ସମ୍ପର୍କରେ ମମତା ବାନାର୍ଜୀଙ୍କୁ ପ୍ରଶ୍ନ କରାଯାଇଥିଲା, ଯେଉଁଥିରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଉଛି। ଏହା ପୂର୍ବରୁ ଅଗଷ୍ଟ ମାସରେ ନିଟ୍ ମେଡିକାଲ ପ୍ରବେଶିକା ପରୀକ୍ଷାରେ କଥିତ ଅନିୟମିତତାକୁ ନେଇ ଦିଲ୍ଲୀରେ ହୋଇଥିବା ଯୁବ ଆନ୍ଦୋଳନକୁ ମଧ୍ୟ ସେ ସମର୍ଥନ କରିଥିଲେ। ଉଲ୍ଲେଖନୀୟ ଯେ, ମମତାଙ୍କ ସହିତ ଶିବସେନା ଏବଂ ଆମ ଆଦମୀ ପାର୍ଟି ମଧ୍ୟ ଏହି ଯୁବ ଆନ୍ଦୋଳନକୁ ନିଜର ସମର୍ଥନ ଜଣାଇଛନ୍ତି। ଅନ୍ୟପକ୍ଷରେ, 'କକରୋଚ ଜନତା ପାର୍ଟି' ବର୍ତ୍ତମାନ ଘୋଷଣା କରିଛି ଯେ ଯଦି ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ କମିଶନର ପଦରୁ ଇସ୍ତଫା ନ ଦିଅନ୍ତି, ତେବେ ଆଗାମୀ ଅକ୍ଟୋବର ୧୦ ତାରିଖରେ ଦିଲ୍ଲୀର ଜନ୍ତର ମନ୍ତରଠାରେ ଏକ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହେବ। ଶୁକ୍ରବାର ରାତିରେ ମୁମ୍ବାଇର ଶିବାଜୀ ପାର୍କରେ ଅନୁଷ୍ଠିତ ବିକ୍ଷୋଭ ପରେ ସଂଗଠନର ପ୍ରତିଷ୍ଠାତା ଅଭିଜିତ ଦିପକେ ଏହି ଚେତାବନୀ ଦେଇଥିଲେ।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଦୀପକେ କହିଛନ୍ତି ଯେ ଯଦି ଜ୍ଞାନେଶ କୁମାର ଇସ୍ତଫା ନ ଦିଅନ୍ତି, ତେବେ ଦେଶର ବିଭିନ୍ନ ସ୍ଥାନରୁ ସମର୍ଥକମାନେ ଦିଲ୍ଲୀ ଆସିବେ ଏବଂ ଅକ୍ଟୋବର ୧୦ରେ ଜନ୍ତର ମନ୍ତର ଠାରେ ବିକ୍ଷୋଭ ପ୍ରଦର୍ଶନ କରିବେ।

## ୨୦୨୬ ନୋବେଲ ଦୌଡ଼ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର

ଓସଲୋ,୩।୧୦: ମହାକାଶରେ ଶତ୍ରୁ ଓ ମିତ୍ର ରାଷ୍ଟ୍ରର ମହାକାଶଚାରୀମାନଙ୍କୁ ଏକାଠି ମିଶାଇ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କାମ କରିବାର ସୁଯୋଗ ଦେଇଥିବା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ବା ଆଇଏସଏସ୍ (ଆଇଏସଏସ) କୁ ନେଇ ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ଚର୍ଚ୍ଚା ଜୋର ଧରିଛି। ନୋବେଲ ଫାଉଣ୍ଡେସନର ସୂଚନା ଅନୁଯାୟୀ, ନରୱେଜିଆନ୍ ନୋବେଲ କମିଟି ଚଳିତ ବର୍ଷର ଶାନ୍ତି ପୁରସ୍କାର ପାଇଁ ୭୯ଟି ସଂଗଠନ ସମେତ ମୋଟ ୨୮୭ ଜଣ ପ୍ରାର୍ଥୀଙ୍କୁ ଗ୍ରହଣ କରିଛି। ତେବେ କମିଟି ପକ୍ଷରୁ ପ୍ରାର୍ଥୀମାନଙ୍କୁ ନେଇ କୌଣସି ସରକାରୀ ସର୍ଟଲିଷ୍ଟ ପ୍ରକାଶ କରାଯାଉ ନଥିବାରୁ, ଆଗାମୀ ଅକ୍ଟୋବର ୯ ତାରିଖରେ ଓସଲୋରେ



ହେବାକୁଥିବା ପୁରସ୍କାର ଘୋଷଣା ପୂର୍ବରୁ ବିଶେଷଜ୍ଞଙ୍କ ମହଲରେ ବିଭିନ୍ନ ନାମକୁ ନେଇ ଆକଳନ ଜାରି ରହିଛି। ଆସୋସିଏଟେଡ୍ ପ୍ରେସ୍ (ଏପି) ରିପୋର୍ଟ ଅନୁଯାୟୀ, ଆଇଏସଏସ୍ ଏହି ପ୍ରତିଷ୍ଠିତ ପୁରସ୍କାର ପାଇଁ ଏକ ପ୍ରମୁଖ ଦାବିଦାର ଭାବେ ଉଭା ହୋଇଛି। ଆମେରିକା, ରୁଷିଆ, ୟୁରୋପ, ଜାପାନ ଓ କାନାଡ଼ାର ମିଳିତ ସହଯୋଗରେ ଏହି ମହାକାଶ କେନ୍ଦ୍ର ପରିଚାଳିତ ହେଉଛି। ପୃଥିବୀ ପୃଷ୍ଠରେ ଏହି ଦେଶଗୁଡ଼ିକ ମଧ୍ୟରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଉଥିଲେ ମଧ୍ୟ ମହାକାଶଚାରୀ ଓ କୋସମୋନାଟ୍‌ମାନେ ମିଳିତ ଭାବେ ମହାକାଶରେ ଗବେଷଣା ଜାରି ରଖିଛନ୍ତି ଏବଂ କେନ୍ଦ୍ରର ରକ୍ଷଣାବେକ୍ଷଣ କରୁଛନ୍ତି। ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଓସଲୋର ନିର୍ଦ୍ଦେଶକ ତଥା ନୋବେଲ ଶାନ୍ତି ପୁରସ୍କାର ଭବିଷ୍ୟବାଣୀ ବିଶେଷଜ୍ଞ ହାକୋନ୍ ଗଜରଲୋ ଏପିକୁ କହିଛନ୍ତି ଯେ ଆଇଏସଏସ୍ ହେଉଛି ମହାକାଶରେ ବିଶ୍ୱସ୍ତରୀୟ ସହଯୋଗର ଏକ ଅନନ୍ୟ ପ୍ରତୀକ। କେବଳ ବ୍ୟକ୍ତିବିଶେଷ ନୁହେଁ, ସଂଗଠନଗୁଡ଼ିକ ମଧ୍ୟ ଏହି ପୁରସ୍କାର ପାଇପାରୁଥିବାରୁ ଏବଂ ଚଳିତ ବର୍ଷର ପ୍ରାର୍ଥୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶରୁ ଅଧିକ ସଂଗଠନ ଥିବାରୁ ଆଇଏସଏସ୍‌ର ଦାବିକୁ ଅଧିକ ଦୃଢ଼ କରୁଛି। ତେବେ ଏହି ପ୍ରତିଯୋଗିତାରେ ଅନ୍ୟ କିଛି ଚର୍ଚ୍ଚିତ ନାମ ଓ ସଂଗଠନ ମଧ୍ୟ ରହିଛନ୍ତି। ବିଶେଷଜ୍ଞମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନେ, ୟୁକ୍ରେନର ଶିଶୁ ଅଧିକାର କର୍ମୀ ମାଇକୋଲା କୁଲେବା, ସେଭ୍ ଦି ଚିଲ୍ଡ୍ରେନ୍, ସୁଦାନର ଏମରଜେନ୍ସି ରେସପନ୍ସ ରୁମ୍ସ ଏବଂ କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟ୍ ଆଦିଙ୍କ ନାମ ମଧ୍ୟ ସାମିଲ କରିଛନ୍ତି। ଏହାସହ ଅନ୍ତର୍ଜାତୀୟ ବିଚାରାଳୟ (ଆଇସିଜେ) ଏବଂ ଅନ୍ତର୍ଜାତୀୟ ଅପରାଧ କୋର୍ଟ (ଆଇସିସି) ମଧ୍ୟ ଚର୍ଚ୍ଚାରେ ଅଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଗିରଫଦାରୀ ପରୱାନା ଜାରି କରି ଆଇସିସି ଆନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିଥିଲା।

### ବିଶ୍ୱ କେବଳ ବିପଦ ନୁହେଁ, ବରଂ ଅନିଶ୍ଚିତତାର ସାମ୍ନା କରୁଛି

# ଆର୍ଥିକ ସୁରକ୍ଷା ଆତ୍ମନିର୍ଭରଶୀଳତା ଓ ଜଗତୀକରଣରେ ନିହିତ



**ଘରୋଇ କ୍ଷମତା ଓ ବିବିଧତା ଉପରେ ଦେଶର ଆର୍ଥିକ ଦୃଢ଼ତା ନିର୍ଭରଶୀଳ**

ନୂଆଦିଲ୍ଲୀ,୩।୧୦: ଆର୍ଥିକ ବିପଦର ପ୍ରକୃତି ଉଲ୍ଲେଖନୀୟ ଭାବେ ବଦଳିଛି। ସମ୍ପ୍ରତି ବିଶ୍ୱ କେବଳ ସାଧାରଣ ଆକଳନଯୋଗ୍ୟ ବିପଦର ସାମ୍ନା କରୁନାହିଁ, ବରଂ ଏପରି ଅନିଶ୍ଚିତତାର ସାମ୍ନା କରୁଛି ଯାହାର ନିର୍ଦ୍ଦିଷ୍ଟ ସମ୍ଭାବନା ଉପରେ ଭରସା କରିହେବ ନାହିଁ। ମହାମାରୀ, ଭୂରାଜନୈତିକ ସଂଘର୍ଷ, ଯୋଗାଣ ଶୃଙ୍ଖଳ ବାଧା, ବାଣିଜ୍ୟିକ କଟକଣା ଏବଂ ଦ୍ରୁତ ଗତିରେ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଏହି ସମସ୍ୟାକୁ ଅଧିକ ସ୍ପଷ୍ଟ ରୂପେ ଉଜାଗର କରିଛି ବୋଲି ପଞ୍ଚମ କୌଟିଲ୍ୟ ଆର୍ଥିକ ସମ୍ମିଳନୀରେ ଉଦବୋଧନ ଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ର।

ଡକ୍ଟର ମିଶ୍ର କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ଆସିବା ଫଳରେ ଭୂଗୋଳର ସ୍ଥିତି ଅପ୍ରାସଙ୍ଗିକ ହୋଇପଡ଼ିଛି ବୋଲି ଏକଦା ବିଚାର କରାଯାଉଥିଲା। ସମ୍ପ୍ରତି ଏହା ଆର୍ଥିକ ନିଷ୍ପତ୍ତି ପ୍ରକ୍ରିୟାର କେନ୍ଦ୍ରକୁ ଚାଲିଆସିଛି। ଜାହାଜ ଚଳାଚଳ ମାର୍ଗରେ ପ୍ରତିବନ୍ଧକ ହଜାର ହଜାର କିଲୋମିଟର ଦୂରରେ ଇନ୍ଧନ ମୂଲ୍ୟକୁ ପ୍ରଭାବିତ କରିପାରେ। ଅନ୍ୟପଟେ ଗୋଟିଏ ଜାଗାରେ ଗୁରୁତ୍ୱପୂର୍ଣ୍ଣ ଖଣିଜ କେନ୍ଦ୍ରୀତ ହେବା ଏବଂ ସେଗୁଡ଼ିକର ପ୍ରକ୍ରିୟାକରଣ ନୂଆ ବିପଦ ସୃଷ୍ଟି କରିଛି। ଏଥିସହିତ ଅନିଶ୍ଚିତତା ଆର୍ଥିକ ଆଚରଣରେ ପରିବର୍ତ୍ତନ ଆଣିଛି। ଫାର୍ମଗୁଡ଼ିକ ଭିନ୍ନ ଭିନ୍ନ ଯୋଗାଣକାରୀଙ୍କ ଉପରେ ନିର୍ଭର କରୁଛନ୍ତି, ମହଜୁଦ ସାମଗ୍ରୀର ହିସାବ ବଜାୟ ରଖୁଛନ୍ତି ଏବଂ ବିକଳ୍ପ ଉତ୍ପାଦନ କ୍ଷମତା ବିକଶିତ କରୁଛନ୍ତି। ଅନ୍ୟପଟେ ସରକାର ଭଣ୍ଡାର, ବିତ୍ତୀୟ ସଞ୍ଚୟ ଏବଂ ରଣନୀତିକ କ୍ଷମତାକୁ ମଜବୁତ କରୁଛନ୍ତି। ଦୃଢ଼ତା ମାଗଣାରେ ଆସେ ନାହିଁ। ସମ୍ଭାବ୍ୟ ବ୍ୟାଘାତକୁ ଏଡ଼ାଇବା ଲାଗି ଦୃଢ଼ତା ବଜାୟ ରଖିବା ନିମନ୍ତେ ଦିଆଯାଉଥିବା ପ୍ରିମିୟମ ବା ଅତିରିକ୍ତ ମୂଲ୍ୟ ଯଥାର୍ଥ କି ବୋଲି ଡକ୍ଟର ମିଶ୍ର ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ସାରା ବିଶ୍ୱରେ ଯେଉଁ ପ୍ରତିକ୍ରିୟା ବର୍ତ୍ତମାନ ଦେଖିବାକୁ ମିଳୁଛି ତାହାକୁ ଜଗତିକରଣଠାରୁ ପଛଘୁଞ୍ଚା ବୋଲି କୁହାଯାଇପାରିବ ନାହିଁ, ବରଂ ଅଧିକ ଅସ୍ଥିର ବିଶ୍ୱରେ ଏହାକୁ କିଭଳି ପୁଣିଥରେ ବ୍ୟବସ୍ଥିତ କରାଯାଇପାରିବ ସେଥିପାଇଁ ଚିନ୍ତା କରିବା ଲାଗି ସୁଯୋଗ ଆସିଛି।

**ଦିନିକିଆ ସିରିଜ୍**

## ହୋପ୍ ଦେଲେ ସାନ୍ତ୍ୱନାମୂଳକ ବିଜୟ

ନ୍ୟୁ ଚଣ୍ଡିଗଡ଼,୩।୧୦: ଚଳିତ ଭାରତ ବିପକ୍ଷ ୱେଷ୍ଟଇଣ୍ଡିଜ୍‌ର ଦିନିକିଆ ସିରିଜ୍ ଆଜି ଉଦ୍‌ଯାପିତ ହୋଇଛି। ପୂର୍ବରୁ ସିରିଜ୍‌ରେ ପରାସ୍ତ ହୋଇସାରିଥିବା ୱେଷ୍ଟଇଣ୍ଡିଜ୍ ଆଜି ଅଧିନାୟକ ସାଇ ହୋପ୍‌ଙ୍କ ଶତକୀୟ ଇନିଂସ ମାଧ୍ୟମରେ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ୧୭ ଚୌକା ଓ ୩ଟି ଛକା ମାଧ୍ୟମରେ ୧୬୨ ରନ୍‌ରେ ଅପରାଜିତ ଥିବା ହୋପ୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟ୍‌ରେ ୩୫୧ ରନ୍ କରିଥିଲା। ଦଳ ପକ୍ଷରୁ ଲୋକେଶ ରାହୁଲ୍ ୧୦ ଚୌକା ଓ ୬ ଛକା ମାଧ୍ୟମରେ ୧୨୯ ରନ୍ କରିବା ସହ ଦିନିକିଆରେ ତାଙ୍କର ନବମ ଶତକ ସହ କ୍ୟାରିଅର୍‌ର ସର୍ବଶ୍ରେଷ୍ଠ ଇନିଂସ ଖେଳିଥିଲେ। ଏହାଛଡ଼ା ରୋହିତ ଶର୍ମା ୧୦ଟି ଚୌକା ଓ ୩ଟି ଛକା ସହ ୯୨ ରନ୍ କରିଥିବା ବେଳେ ଋତୁରାଜ ଗାଏକ୍ୱାଡ୍ ୫୭ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜାଡେନ୍ ସିଲ୍ସ ୩ଟି ଓ କୀମୋ ପଲ୍ ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ହୋପ୍‌ଙ୍କ ବ୍ୟତୀତ ଆମୀର୍ ଜାଙ୍ଗୁ ୬୭ ଓ ପଲ୍ ୪୪ ରନ୍ କରିଥିଲେ। ଦଳ ୪୮.୨ ଓଭର୍‌ରେ ମାତ୍ର ୪ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। କିନ୍ତୁ ଭାରତ ୨-୧ରେ ସିରିଜ୍ ବିଜୟୀ ହୋଇଛି।

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

### କ୍ରିକେଟ୍ ଓ ହକିରେ...

୫୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ଥିଲେ। ତାଙ୍କ ବ୍ୟତୀତ ଶୁଭମ୍ ଦୁବେ ମଧ୍ୟ ୨ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ପାକିସ୍ତାନ ପକ୍ଷରୁ ଅହମ୍ମଦ ଦନିୟାଲ୍ ଓ ଆରାଫତ୍ ମିନ୍‌ହାସ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୩୯ ରନ୍ ମଧ୍ୟରେ ଦୁଇ ଓପନରଙ୍କ ସମେତ ମୋଟ ୩ ଜଣ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇସାରିଥିଲା। କିନ୍ତୁ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ହସନ୍ ନୱାଜ୍ ୯୬ ରନ୍ କରିବା ସହ ତିନିଟି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରୀ ମାଧ୍ୟମରେ ଦଳକୁ ୨୦୦ ନିକଟତର କରାଇଥିଲେ। କିନ୍ତୁ ସେ ୯୬ ରନ୍ କରିଥିଲେହେଁ ଦଳକୁ ବିଜୟୀ କରାଇ ପାରିନଥିଲେ। ଭାରତ ପକ୍ଷରୁ ଅକ୍ଷର ପଟେଲ୍, ୱାଶିଂଟନ୍ ସୁନ୍ଦର ଓ ଶିବମ୍ ଦୁବେ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ସେହିପରି କାକାମିଗହରାଠାରେ ଖେଳାଯାଇଥିବା ହକି ଫାଇନାଲ୍‌ରେ ଭାରତ ମାଲେସିଆକୁ ୫-୧ ଗୋଲ୍‌ରେ ପରାସ୍ତ କରି ଏକତରଫା ବିଜୟ ହାସଲ କରିଛି। ଏଥିସହ ଦଳ ପ୍ରଥମ ଥର ପାଇଁ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକକୁ ବଜାୟ ରଖିଛି। ଆଜିର ମ୍ୟାଚ୍‌ରେ ଭାରତ ପକ୍ଷରୁ ଅଧିନାୟକ ହରମନ୍‌ପ୍ରୀତ୍ ଏକାଦଶ ଓ ୫୭ତମ ମିନିଟ୍‌ରେ ଦୁଇଟି, ଯୁବରାଜ ସିଂହ ୨୩ତମ ମିନିଟ୍‌ରେ, ହାର୍ଦ୍ଦିକ ସିଂହ ୪୨ତମ ମିନିଟ୍‌ରେ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ୫୪ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଏହି ବିଜୟ ସହ ଭାରତ ଆସନ୍ତା ୨୦୨୮ରେ ଖେଳାଯିବାକୁ ଥିବା ଅଲିମ୍ପିକ୍ସରେ ଭାଗ ନେବାର ଯୋଗ୍ୟତା ମଧ୍ୟ ହାସଲ କରିଛି। ଅନ୍ୟପକ୍ଷରେ ଆର୍ଚେରୀରେ ୧୭ ବର୍ଷୀୟା କୁମ୍‌କୁମ୍ ଅନୀଲ ମୋହୋଦ୍ ଐତିହାସିକ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ରିକର୍ଭ ମହିଳା ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ସହ ଆଗାମୀ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଗତକାଲି ରିକର୍ଭ ମହିଳା ଟିମ୍ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ, ଯେଉଁଥିରେ ଅଙ୍କିତା ଭକତ ଓ କୀର୍ତ୍ତି ସହଯୋଗୀ ଭାବେ ରହିଥିଲେ।

### ଅମିତ ଓ ଶିଳାନନ୍ଦଙ୍କ...

ସେ କହିଥିଲେ। ଆଜି ସମଗ୍ର ଓଡ଼ିଶା ଆପଣମାନଙ୍କ ପାଇଁ ଗର୍ବ ଅନୁଭବ କରୁଛି, ଆପଣମାନେ ଆଗକୁ ଆହୁରି ବିଜୟ ଲାଭ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଥିଲେ। ସେହିଭଳି ଏସିଆନ୍ ଗେମ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ମହିଳା ହକି ଦଳ ପାଇଁ ଆଜି ମୁଖ୍ୟମନ୍ତ୍ରୀ ବଡ଼ ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ବିଜୟୀ ଦଳର ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କା ଓ ସହାୟକ କର୍ମଚାରୀ (ସପୋର୍ଟ ଷ୍ଟାଫ୍)ଙ୍କ ପାଇଁ ୫.୫ ଲକ୍ଷ ଟଙ୍କା ଲେଖାଏଁ କ୍ୟାସ୍ ଆୱାର୍ଡ ଘୋଷଣା କରାଯାଇଛି। ମହିଳା ହକି ଦଳର ଏହି ଅସାଧାରଣ ପ୍ରଦର୍ଶନ, ନିଷ୍ଠା ଓ ଆନ୍ତରିକତାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସମଗ୍ର ଟିମକୁ ସାଧୁବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଖେଳାଳିମାନଙ୍କର ଏହି ଭରପୂର ପ୍ରୟାସ ଓ ବିଜୟ ସାରା ଦେଶ ପାଇଁ ଗୌରବ ଓ ଗର୍ବ ଆଣିଦେଇଛି।

### ଓଡ଼ିଶା ହେବ...

ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବା ବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୬ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରୀ ଦିଆଯାଇଛି, ଯାହାଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି। ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି।

### ନଭେମ୍ବର ସୁଦ୍ଧା...

ଓଡ଼ିଶା ଲୋକଭବନକୁ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନ୍‌ସିଲ୍ ପକ୍ଷରୁ ପ୍ଲାଟିନମ୍ ସାର୍ଟିଫିକେସନ୍ ମିଳିଥିବା ଉଦାହରଣ ଦେଇ ରାଜ୍ୟପାଳ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ଗ୍ରୀନ୍ ସାର୍ଟିଫିକେସନ୍ ହାସଲ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଅଧିକାଂଶ ବିଶ୍ୱବିଦ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ସବୁଜିମା ରହିଛି। ଆଉ କିଛି ଅତିରିକ୍ତ ପଦକ୍ଷେପ ନେଲେ ସେମାନେ ଏହି ସାର୍ଟିଫିକେସନ୍ ହାସଲ କରିପାରିବେ ବୋଲି ସେ ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ମଧ୍ୟ ରାଜ୍ୟପାଳ ଆହ୍ୱାନ ଦେଇଥିଲେ।

### ଡିସେମ୍ବର ୩୧...

ଧାରା ୧୧.୫ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଏହି ନୀତିର ଅବଧିକୁ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଇଭି ଗାଡ଼ି ଉପରେ ମିଳୁଥିବା ନଗଦ ସବସିଡି ପୂର୍ବବତ୍ ଜାରି ରହିବ। କେବଳ ଏହି ନଗଦ ପ୍ରୋତ୍ସାହନ ନୁହେଁ, ବରଂ ଇଭି ଗାଡ଼ି କ୍ରେତାଙ୍କୁ ଆହୁରି ସହାୟକ ହେବା ଲାଗି ଶତପ୍ରତିଶତ ମୋଟର ଯାନ ଟିକସ ଓ ପଞ୍ଜିକରଣ ଫି' ଛାଡ଼ ବ୍ୟବସ୍ଥା ମଧ୍ୟ ଅପରିବର୍ତ୍ତିତ ରହିବ। ଏଥିସହ ରାଜ୍ୟ ସରକାରୀ କର୍ମଚାରୀମାନେ ଇଭି କିଣିବା ପାଇଁ ପାଉଥିବା ସୁଧମୁକ୍ତ ଅଗ୍ରୀମ ଋଣ ସୁବିଧା ମଧ୍ୟ ପୂର୍ବ ନିୟମ ଅନୁସାରେ ଉପଲବ୍ଧ ହେବ। ସୂଚନାଯୋଗ୍ୟ, ରାଜ୍ୟ କ୍ୟାବିନେଟ୍ ୨୦୨୧ ଅଗଷ୍ଟରେ ଏହି ଓଡ଼ିଶା ଇଲେକ୍ଟ୍ରିକ ଯାନ ନୀତିକୁ ଅନୁମୋଦନ କରିଥିଲେ ଓ ଏହାର ମୂଳ ବୈଧତା ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ୫ବର୍ଷ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ଏହାର କାର୍ଯ୍ୟକାଳକୁ ପର୍ଯ୍ୟାୟ କ୍ରମେ ୨୦୨୬ ମାର୍ଚ୍ଚ ୩୧, ପରେ ଜୁନ୍ ୩୦ ଓ ଶେଷଥର ପାଇଁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଥିଲା।

### ୨ ଲକ୍ଷ ଦିଅ...

ଉପଖଣ୍ଡ ମେଲଛାମୁଣ୍ଡା ଅଞ୍ଚଳରୁ ସାମ୍ନାକୁ ଆସିଛି ଏହି ଘଟଣା। ମୃତକଙ୍କ ନାମ କମଳ, ରୋଜଗାର ପାଇଁ ସେ ଦାଦନ ଖଟିବାକୁ ଯାଇଥିଲେ ତାମିଲନାଡୁ। ସେଠାରେ ଏକ ହଳଦୀ କମ୍ପାନୀରେ ଚାକିରି କରୁଥିଲେ। ହେଲେ ଗତକାଲି କମ୍ପାନୀ ପକ୍ଷରୁ ପରିବାର ଲୋକଙ୍କୁ ଏକ ଫୋନ୍ କଲ୍ ଆସିଥିଲା। ଉକ୍ତ କଲ୍‌ରେ କମଳଙ୍କର ମୃତ୍ୟୁ ହୋଇଯାଇଥିବା କୁହାଯାଇଥିଲା। ଏହା ଶୁଣି ଦୁଃଖରେ ଭାଙ୍ଗି ପଡ଼ିଥିଲା ପୂରା ପରିବାର। ଏବେ ପରିବାର ଅପେକ୍ଷା କରିଛି କମଳଙ୍କ ମୃତଦେହ କେବେ ଫେରିବ? ପୁଅକୁ ଶେଷଥର ପାଇଁ ଦେଖିବାକୁ ଚାହୁଁଛି ପରିବାର। ନିଜ ମାଟିରେ ଶେଷକୃତ୍ୟ କରିବାକୁ ଚାହୁଁଛନ୍ତି ପରିବାର ଓ ବନ୍ଧୁ ପରିଜନ। କିନ୍ତୁ ଅର୍ଥର ଅଭାବ ଏଥିରେ ବାଧକ ସାଜିଛି। ଏଭଳି ସମୟରେ କମ୍ପାନୀ ମଧ୍ୟ ଅସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିଛି। ଦୁଇ ଲକ୍ଷ ଟଙ୍କା ପଠାଇଲେ କମଳଙ୍କ ମୃତଦେହ ଘରକୁ ପଠାଇଦେବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। କିନ୍ତୁ ଏତେ ଟଙ୍କା କମଳଙ୍କ ପରିବାର ଲୋକଙ୍କ ପାଇଁ ଯୋଗାଡ଼ କରିବା ଅସମ୍ଭବ। ତେଣୁ ମୃତଦେହ ଘରକୁ ଫେରାଇ ଆଣିବା ପାଇଁ ସରକାରଙ୍କ ସହାୟତା ଲୋଡ଼ିଛନ୍ତି କମଳଙ୍କ ପରିବାର। ତୁରନ୍ତ ପଦକ୍ଷେପ ନେଇ ମୃତଦେହକୁ ଘରକୁ ଫେରାଇ ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ଏଥିସହ କମଳଙ୍କର ମୃତ୍ୟୁ କେମିତି ହେଲା ସେନେଇ ମଧ୍ୟ ସ୍ପଷ୍ଟ ସୂଚନା ପାଇପାରିନାହାନ୍ତି ତାଙ୍କ ପରିବାର। ଏହି ଘଟଣାକୁ ନେଇ ଜିଲ୍ଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ କହିଛନ୍ତି ଯେ କମଳଙ୍କ ମୃତଦେହ କିଭଳି ତାଙ୍କ ଘରକୁ ଫେରିପାରିବ, ସେନେଇ ବ୍ୟବସ୍ଥା କରାଯାଉଛି। ଏନେଇ ଶ୍ରମ କମିଶନରଙ୍କୁ ଅବଗତ କରାଯାଇଛି। ତାମିଲନାଡୁ ପ୍ରଶାସନ ଓ କମ୍ପାନୀ ସହ ଯୋଗାଯୋଗ କରି କିଭଳି ଭାବେ ମୃତଦେହ ଶୀଘ୍ର ଫେରିବ, ସେନେଇ ପ୍ରୟାସ ଜାରି ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

### ବାଦ୍ ଭୋଟରଙ୍କ...

ଏସଆଇଆର ପରେ ବାଦ୍ ପଡ଼ିଥିବା ନାଗରିକ, ନୂଆ ଭୋଟର ଓ ଯୁବ ଭୋଟରଙ୍କୁ ତାଲିକାଭୁକ୍ତ କରିବା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ କରିବାକୁ କହିଛନ୍ତି। ବିଏଲଓମାନେ ପ୍ରଥମେ ପ୍ରି-ଏସଆଇଆର ଭୋଟର ତାଲିକା ସହ ବର୍ତ୍ତମାନର ତାଲିକାକୁ ମିଳାଇବେ ଓ ଯେଉଁମାନଙ୍କ ନାମ ପୂର୍ବରୁ ଥିଲା କିନ୍ତୁ ଏବେ ବାଦ୍ ପଡ଼ିଛି, ସେମାନଙ୍କର ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିବେ। ଏହାପରେ ବିଏଲଓମାନେ ସେହି ଚିହ୍ନଟ ବ୍ୟକ୍ତିବିଶେଷଙ୍କ ଘରକୁ ଯାଇ ବର୍ତ୍ତମାନର ସ୍ଥିତି ଯାଂଚ କରିବେ ଓ ଯୋଗ୍ୟ ବିବେଚିତ ହେଲେ ତୁରନ୍ତ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜିକରଣ କରାଇବେ। ଏହି କାର୍ଯ୍ୟକୁ ଆସନ୍ତା ଏକ ମାସ ମଧ୍ୟରେ ଶେଷ କରିବା ପାଇଁ ପ୍ରତ୍ୟେକ ବିଏଲଓ ସପ୍ତାହକୁ ଅତି କମରେ ୨୦ରୁ ୨୫ ଜଣ ଏଭଳି ଭୋଟରଙ୍କ ନିକଟରେ ପହଞ୍ଚିବାକୁ ଟାର୍ଗେଟ୍ ଦିଆଯାଇଛି। ଏଥିସହ ଘରକୁ ଘର ବୁଲି ବାଦ୍ ପଡ଼ିଥିବା ନାଗରିକ ଓ ନୂତନ ଯୁବ ଭୋଟରଙ୍କୁ ମଧ୍ୟ ଫର୍ମ-୬ ପୂରଣ କରାଇ ନୂଆ ଭୋଟର ଭାବେ ସାମିଲ କରାଇବେ। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ବିଏଲଓମାନେ ପ୍ରସ୍ତୁତ କରିଥିବା ଏହି ତାଲିକାକୁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ବୁଥସ୍ତରୀୟ ଏଜେଣ୍ଟମାନଙ୍କ ସହ ଶେୟାର କରିବେ।

### ଦୁଷ୍କର୍ମ ଅଭିଯୁକ୍ତକୁ...

ଥାନାରେ ମାମଲା ରହିଛି। ସେ ଅନେକ ସମୟରେ ଲୋକଙ୍କ ଘରେ ପଶି ଚୋରି କରୁଥିଲା। ତେବେ ଗତ ବୁଧବାର ସେ ନୟାପଲ୍ଲୀରେ ପୀଡ଼ିତାଙ୍କ ଘରକୁ ଚୋରି ଉଦ୍ଦେଶ୍ୟରେ ପଶିଥିଲା, କିନ୍ତୁ ସୁଯୋଗ ପାଇ ମହିଳାଙ୍କୁ ଦୁଷ୍କର୍ମ କରିଥିଲା। ବଡ଼ କଥା ହେଲା ଅଭିଯୁକ୍ତ ପାଖରେ କୌଣସି ବନ୍ଧୁକ ନଥିଲା ବରଂ ସେ ଏକ ଲାଇଟର ରଖିଥିଲା ଯାହା ବନ୍ଧୁକ ଭଳି। ଆଉ ଏହାକୁ ଦେଖାଇ ସେ ସେଦିନ ମହିଳାଙ୍କୁ ଡରାଇଥିଲା। ଯେଉଁଥିରେ ମହିଳା ଜଣକ ଡରିଯାଇଥିଲେ ବୋଲି ସୂଚନା ଦେଇଛନ୍ତି ସିପି। ତେବେ ଚନ୍ଦକା ଥାନା ଅଞ୍ଚଳରେ ଅଭିଯୁକ୍ତକୁ କାବୁ କରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ପୁଲିସ ଚଢ଼ଉ କରିଥିଲେ। ଏହି ସମୟରେ ଅଭିଯୁକ୍ତ ସନ୍ତୋଷ ଉଗ୍ର ରୂପ ଧାରଣ କରି ନୟାପଲ୍ଲୀ ଥାନାର ସବ୍-ଇନ୍ସପେକ୍ଟରଙ୍କୁ ଏକ ସ୍କ୍ରୁ-ଡ୍ରାଇଭରରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଆତ୍ମରକ୍ଷା ପାଇଁ ପୋଲିସ ପକ୍ଷରୁ ୨ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ଏହି ଗୁଳିଚାଳନାରେ ଅଭିଯୁକ୍ତର ଡାହାଣ ଗୋଡ଼ରେ ଗୁଳି ବାଜିବାରୁ ସେ ଆହତ ହୋଇଛି। ଆହତ ଅଭିଯୁକ୍ତକୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

### ସବୁ ଦଳ ଦାବି...

ସମ୍ଭାବ୍ୟ ନିର୍ବାଚନ ନେଇ ସୂଚନା ଦିଆଯାଇଥିବା ଜଣାପଡ଼ିଛି। ତେଣୁ ଆସନ୍ତା ସପ୍ତାହରେ ଯେକୌଣସି ସମୟରେ ସମ୍ଭବତଃ ସୋମବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଲିଙ୍ଗଡୋ କମିଶନଙ୍କ ସୁପାରିସ ଆଧାରରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ପୂରା ପ୍ରକ୍ରିୟା ଶେଷ ହେବ। ଏହାକୁ ଦୃଷ୍ଟିରେ ରଖି ୧୭ ତାରିଖ ପୂର୍ବରୁ ନିର୍ବାଚନ କରିବାକୁ ଯୋଜନା କରାଯାଉଛି। କାରଣ ୧୭ରୁ ପୂଜାଛୁଟି ଆରମ୍ଭ ହୋଇଯିବ। ମିଳୁଥିବା ସୂଚନା ଅନୁଯାୟୀ ଆଜି ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ର ସଂସଦ ନିର୍ବାଚନ ନେଇ ଆଲୋଚନା ହୋଇଥିଲା। ପ୍ରାୟ ସବୁ କୁଳପତି ନିର୍ବାଚନ ନକରିବାକୁ କହିଥିଲେ। ଏହାଦ୍ୱାରା କଲେଜରେ ହିଂସାର ଭୟ ରହିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ରାଜ୍ୟପାଳଙ୍କ ନିଷ୍ପତ୍ତି ଉପରେ ଛାଡ଼ିଦେଇଥିବା ଜଣାପଡିଛି।

### ଅଗ୍ନିଦଗ୍ଧ ବାଇରନ୍ ବିଶ୍ୱାସ

କୋଲକାତା,୩।୧୦(ସଂଚାର ବ୍ୟୁରୋ): ଅଗ୍ନିଦଗ୍ଧ ରୀତବ୍ରତ ପନ୍ଥୀ ତୃଣମୂଳ କଂଗ୍ରେସ ବିଧାୟକ ବାଇରନ୍ ବିଶ୍ୱାସ। ଧୁଲିଆନସ୍ଥିତ ନିଜ ବାସଭବନରେ ଅଗ୍ନିଦଗ୍ଧ ହୋଇଛନ୍ତି ସାଗରଦିଘିର ଏହି ବିଧାୟକ। ପ୍ରାଥମିକ ଅଭିଯୋଗ ଅନୁଯାୟୀ, ଘରଭିତରେ ନିଆଁ ଲଗାଇ ଦିଆଯାଇଥିଲା ଓ ସେହି ଅଗ୍ନିକାଣ୍ଡରେ ସେ ପୋଡ଼ି ଯାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

### ଜିଲ୍ଲା ଅଦାଲତ ଭିତ୍ତିଭୂମି ଯାଞ୍ଚକଲେ ଆଇନ ମନ୍ତ୍ରୀ

କୋଲକାତା, ୩।୧୦(ସଂଚାର ବ୍ୟୁରୋ): ରାଜ୍ୟ ଆଇନ ମନ୍ତ୍ରୀ ବିରାଜ ବିଶ୍ୱାସ ନଦିଆ ଜିଲ୍ଲା ଓ ସେସନ୍ସ କୋର୍ଟର ଭିତ୍ତିଭୂମି ଯାଞ୍ଚ କରିବା ପାଇଁ ସେଠାରେ ପହଞ୍ଚିଥିଲେ। ତାଙ୍କ ସହିତ କୋଲକାତା ହାଇକୋର୍ଟର ଜଣେ ବିଚାରପତି ଏବଂ କୋନାଳ ବିଚାରପତି ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରତିନିଧି ଦଳ ଶନିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ କୋର୍ଟ ପରିସରରେ ପହଞ୍ଚିଥିଲେ। ସେମାନେ କୋର୍ଟ କକ୍ଷ, ଓକିଲ ସଂଘର କକ୍ଷ (ଲୟର୍ସ ବାର୍) ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାଗୁଡ଼ିକ ଯାଞ୍ଚ କରିଥିଲେ। ଆଇନ ମନ୍ତ୍ରୀ ଲକ୍ଷ୍ୟ କରିଥିଲେ ଯେ, କୋର୍ଟଟି ବହୁ ପୁରୁଣା ହୋଇଥିଲେ ମଧ୍ୟ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏବେ ମଧ୍ୟ ଅନେକ ସମସ୍ୟା ରହିଛି। ସେ ଆଶ୍ୱାସନା ଦେଇଛନ୍ତି ଯେ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ।

### ବେଆଇନ ଶାଳ କାଠ ଜବତ

କୋଲକାତା,୩।୧୦(ସଂଚାର ବ୍ୟୁରୋ): ଖଡ଼ଗପୁର ଷ୍ଟେସନ୍ ନିକଟବର୍ତ୍ତୀ ଏକ ଅଞ୍ଚଳରୁ ବହୁ ପରିମାଣର ବେଆଇନ ଶାଳକାଠ ଜବତ କରାଯାଇଛି। ଏକ ଗୁପ୍ତ ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋଲବାଜାର ଥାନାର ପୁଲିସ ଦଉର ପାର୍ଶ୍ୱ ଟିକେଟ୍ କାଉଣ୍ଟର ନିକଟରେ ଛିଡ଼ା ହୋଇଥିବା ଏକ ଗାଡ଼ିରୁ ଏହି କାଠ ଜବତ କରିଥିଲା। ଗୋଲବାଜାର ପୁଲିସ ଅନୁଯାୟୀ, ଉକ୍ତ ଗାଡ଼ିରେ ୧୪ କ୍ୱିଣ୍ଟାଲ ଶାଳ କାଠ ପରିବହନ କରାଯାଉଥିଲା। ଜବତ କରାଯାଇଥିବା କାଠକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। କୌଣସି କାଗଜପତ୍ର ବିନା କିପରି ଏହି କାଠ ପରିବହନ କରାଯାଉଥିଲା, ସେନେଇ ତଦନ୍ତ କରାଯିବ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

### ଜଳସେଚନ ବିଭାଗ ଅଧିକାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋଲକାତା, ୩।୧୦(ସଂଚାର ବ୍ୟୁରୋ): ଶନିବାର ଦିନ ଦୁର୍ଗାପୁରସ୍ଥିତ ଜଳସେଚନ ବିଭାଗର 'ଦାମୋଦର ଅଫିସ୍'ରୁ ରାଜସ୍ୱ ଅଧିକାରୀ ଅଲୋକ ଦାସ (୫୩)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ଗାନ୍ଧୀ ଜୟନ୍ତୀ ଛୁଟିଦିନ ଅର୍ଥାତ୍ ଅକ୍ଟୋବର ୨ ତାରିଖରେ ମଧ୍ୟ କାର୍ଯ୍ୟାଳୟରେ କାମ କରୁଥିଲେ। ସୂଚନା ଅନୁଯାୟୀ, ସେହି ରାତିରେ ସେ ଆତ୍ମହତ୍ୟା କରିଥିଲେ। ଲଟେରୀ ନିଶା ଏବଂ ଋଣ ଭାର ଯୋଗୁଁ ସେ ଏଭଳି ଚରମ ପଦକ୍ଷେପ ନେଇଥାଇପାରନ୍ତି ବୋଲି ପୁଲିସ ପ୍ରାଥମିକ ଭାବେ ସନ୍ଦେହ କରୁଛି, ତେବେ ଘଟଣାର ଅନ୍ୟ ଦିଗଗୁଡ଼ିକର ମଧ୍ୟ ତଦନ୍ତ କରାଯାଉଛି।

### ସିପିଏମ୍ କାର୍ଯ୍ୟାଳୟ ଭଙ୍ଗାରୁଜା

କୋଲକାତା,୩।୧୦(ସଂଚାର ବ୍ୟୁରୋ): ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଦତ୍ତପୁକୁର ଥାନା ଅଞ୍ଚଳରେ ସିପିଆଇ-ଏମ୍‌ର ପାଞ୍ଚଟି ଦଳୀୟ କାର୍ଯ୍ୟାଳୟରେ ଏକାସାଙ୍ଗରେ ଭଙ୍ଗାରୁଜା କରାଯାଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଶୁକ୍ରବାର ରାତି ୧୧ଟାରୁ ରାତି ୧୨ଟା ମଧ୍ୟରେ ଦୁର୍ବୃତ୍ତମାନେ ବିଭିନ୍ନ ଦଳୀୟ କାର୍ଯ୍ୟାଳୟରେ ପଶି ବ୍ୟାପକ ଭଙ୍ଗାରୁଜା ଓ ଉତ୍ପାତ ଚଳାଇଥିଲେ। ଏହି ଘଟଣା ସହ ଜଡ଼ିତ ଥିବା ଅଭିଯୋଗରେ ଆରକ୍ଷୀ କର ନାମକ ଜଣେ ଏସ୍‌ଏଫ୍‌ଆଇ ନେତାଙ୍କୁ ଗିରଫ କରାଯାଇଛି। ତେବେ, ବାମପନ୍ଥୀ ଦଳଗୁଡ଼ିକର ମୁଖପାତ୍ର ଏଥିପାଇଁ ବିଜେପିକୁ ଦାୟୀ କରିଛନ୍ତି।

### ଦଶହରା ପରେ ତୁରନ୍ତ ହଟିବ ହୋର୍ଡିଂ

କୋଲକାତା,୩।୧୦(ସଂଚାର ବ୍ୟୁରୋ): କୋଲକାତା ମ୍ୟୁନିସିପାଲ କର୍ପୋରେସନ୍‌ର ବିଜ୍ଞାପନ ବିଭାଗ ସହରର ପୂଜା କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଯେ ଦଶହରା ପରେ ତୁରନ୍ତ ବିଜ୍ଞାପନ ହୋର୍ଡିଂ, ବ୍ୟାନର ଓ ଫ୍ଲେକ୍ସଗୁଡ଼ିକୁ ହଟାଇବାର ବ୍ୟବସ୍ଥା କରାଯାଉ। ପୂଜା ଉତ୍ସବ ଶେଷ ହେବାର ଦିନ ଦିନ ପରେ ମଧ୍ୟ ଏହି ବିଜ୍ଞାପନ ଓ ବୋର୍ଡଗୁଡ଼ିକ ଏପଟେ ସେପଟେ ପଡ଼ିରହିବା ଏକ ସାଧାରଣ ଦୃଶ୍ୟ ହୋଇଯାଇଛି। ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଦଶହରା ପରେ ତୁରନ୍ତ ସମସ୍ତ ବିଜ୍ଞାପନ ହଟାଇବା ବର୍ତ୍ତମାନ ବାଧ୍ୟତାମୂଳକ ଅଟେ।

# ଓଡ଼ିଶାରେ ଖୋଲିବ ଶାସ୍ତ୍ରୀୟ ପାଲି ଭାଷାର ଉତ୍କର୍ଷ କେନ୍ଦ୍ର



ନୂଆଦିଲ୍ଲୀ,୩।୧୦: ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ୫ଟି ଶାସ୍ତ୍ରୀୟ ଭାଷା ପାଇଁ ଉତ୍କର୍ଷ କେନ୍ଦ୍ର ଖୋଲିବାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଅହମିୟା, ବଙ୍ଗଳା, ମରାଠୀ, ପାଲି ଏବଂ ପ୍ରାକୃତ ଭାଷା ଅଧ୍ୟୟନ ପାଇଁ ଏହି ଉତ୍କର୍ଷ କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବେ। ଆଜି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଓଡ଼ିଶାରେ ଶାସ୍ତ୍ରୀୟ ପାଲି ଭାଷାର ଉତ୍କର୍ଷ କେନ୍ଦ୍ର ଖୋଲିବ। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏହି କେନ୍ଦ୍ର ଖୋଲାଯିବାକୁ ଅନୁମୋଦନ ମିଳିଥିବା ଏଥିରେ କୁହାଯାଇଛି। ଉଚ୍ଚତର ଶାସ୍ତ୍ରୀୟ ଗବେଷଣା, ଭାଷାଗତ ଓ ସାହିତ୍ୟିକ ଐତିହ୍ୟର ସଂରକ୍ଷଣ ଏବଂ ଡିଜିଟାଇଜେସନ୍, ଓ ଏହି ଶାସ୍ତ୍ରୀୟ ଭାଷାଗୁଡ଼ିକର ସମୃଦ୍ଧ ଜ୍ଞାନର ବ୍ୟାପକ ପ୍ରସାର ପାଇଁ ସମ୍ପୃକ୍ତ ଭାଷାର ଉତ୍କର୍ଷ କେନ୍ଦ୍ରଗୁଡ଼ିକ ନିର୍ଦ୍ଦିଷ୍ଟ ଅନୁଷ୍ଠାନିକ ସହାୟତା ଯୋଗାଇଦେବ।

## ଏଡ୍ସ ସଚେତନତା ପାଇଁ 'ରେଡ୍ ରନ୍ ୨.୦'



କଟକ,୩।୧୦(ସଂଚାର ବ୍ୟୁରୋ): ଏଡ୍ସ ଓ ଯୌନ ସଂକ୍ରମିତ ରୋଗ ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ଏହାର ପ୍ରତିରୋଧ ବାର୍ତ୍ତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ରେଡ୍ ରନ୍ ୨.୦ ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ୍‌ରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏଡ୍ସ ସମ୍ପର୍କରେ ସଠିକ୍ ତଥ୍ୟ ଜାଣିବା, ଅନ୍ଧବିଶ୍ୱାସ ଦୂର କରିବା ଏବଂ ସଂକ୍ରମଣ ପ୍ରତିରୋଧ ଦିଗରେ ସମାଜର ପ୍ରତ୍ୟେକ ବର୍ଗ ବିଶେଷକରି ଯୁବପିଢ଼ି ସଚେତନ ହେବା ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଏସ୍‌ସିବି ମେଡିକାଲ କଲେଜର ଡାକ୍ତରୀ ଛାତ୍ରଛାତ୍ରୀମାନେ ଏଡ୍ସ ସଚେତନତାକୁ ନେଇ ଫ୍ଲାସ୍‌ମବ୍ ଓ ଷ୍ଟ୍ରିଟ୍ ପ୍ଲେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ମେୟର ସୁବାଷ ଚନ୍ଦ୍ର ସିଂହ, କଟକ ମହାନଗର ନିଗମ କମିଶନର କିରଣଦୀପ କୌର ସହୋତା ପ୍ରମୁଖ ଯୋଗ ଦେଇଥିଲେ।

## ଡ୍ରେନ୍ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

କଟକ, ୩।୧୦(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (କେଏମ୍‌ସି) ୱାର୍ଡ ନମ୍ବର ୪୬ ଅନ୍ତର୍ଗତ କାଳିଆବୋଦା ସ୍ଥିତ ଗୁରୁକ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଡ୍ରେନ୍ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର କଟକ ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ସ୍ଥାନୀୟ କର୍ପୋରେଟର ପ୍ରମୟ ବେହେରାଙ୍କ ସମେତ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ମହିଳା, ଯୁବକ ଓ ନାଗରିକମାନେ ଉପସ୍ଥିତ ଥିଲେ। ଦୀର୍ଘଦିନର ସମସ୍ୟା ପରେ ଡ୍ରେନର ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଞ୍ଚଳର ବାସିନ୍ଦା ଓ ମୁରବୀମାନେ ଗଭୀର ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ଜଳନିଷ୍କାସନ ଓ ପରିମଳ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ ବୋଲି ସ୍ଥାନୀୟ ଲୋକେ ଆଶା ବ୍ୟକ୍ତ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ସାନ୍ତାଳୀ ବିଶେଷଜ୍ଞ କମିଟି

- ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସରକାର ପ୍ରତିବଦ୍ଧ
- ଏନଇପି ଲାଗୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାନ୍ତାଳୀ ଭାଷା ବିଶେଷଜ୍ଞ କମିଟିର ସଦସ୍ୟ ଓ ବିଭିନ୍ନ ସଂଗଠନର ସଂଯୋଜକମାନେ ସାକ୍ଷାତ କରି ସାନ୍ତାଳୀ ଭାଷାର ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସାନ୍ତାଳୀ ଭାଷାକୁ ଅଲଚିକି ଲିପି ମାଧ୍ୟମରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଓ ଶୈକ୍ଷିକ ସୁବିଧା ପ୍ରଦାନ ନିମନ୍ତେ ପ୍ରତିନିଧିମଣ୍ଡଳ ସ୍ମାରକପତ୍ର ପ୍ରଦାନ କରିବା ପରେ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରତ୍ୟେକଟି ଦାବିକୁ ଅତ୍ୟନ୍ତ ଗମ୍ଭୀରତା ଓ ସହାନୁଭୂତିର ସହ ଶୁଣିଥିଲେ। ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଆମ ଦେଶର ସର୍ବୋଚ୍ଚ ପଦବୀ ଅର୍ଥାତ୍ ରାଷ୍ଟ୍ରପତି ଆସନରେ ଜଣେ ସାନ୍ତାଳୀ ନାରୀ- ଦ୍ରୌପଦୀ ମୁର୍ମୁ ଅଳଙ୍କୃତ ହୋଇଛନ୍ତି, ଯାହାକି ସମଗ୍ର ସାନ୍ତାଳୀ ସମାଜ ସମେତ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଏହାଦ୍ୱାରା ସାନ୍ତାଳୀ ଭାଷା, ସଂସ୍କୃତି ଓ ଜନଜାତିର ପରିଚୟ ଆଜି ବିଶ୍ୱ ସ୍ତରରେ ଅଧିକ ପ୍ରଭାବଶାଳୀ ଓ ଗରିମାମୟ ବୋଲି ସେ ମତ ଦେଇଥିଲେ। ସାନ୍ତାଳୀ ଭାଷାକୁ ଏନଇପି-୨୦୨୦ରେ ତ୍ରିଭାଷୀ ସୂତ୍ର ଅନ୍ତର୍ଗତ ପ୍ରଥମରୁ ଦଶମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଏମଆଇଏଲ ତଥା ଇଲେକ୍ଟିଭ୍ ଭାବେ ପ୍ରଚଳନ କରିବା, ଶିକ୍ଷକ ନିଯୁକ୍ତି ଓ ବାରିପଦା, ବାଲେଶ୍ୱର ଓ ଆନନ୍ଦପୁରର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ବିଇଡି ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ନେଇ ରହିଥିବା ଦାବିଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇ କହିଥିଲେ ଯେ ରାଜ୍ୟ ସରକାର ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସର୍ବଦା ପ୍ରତିବଦ୍ଧ। ବିଶେଷଜ୍ଞ କମିଟିର ସୁପାରିସ୍ ଓ ସାନ୍ତାଳୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସମସ୍ତ ଯଥୋଚିତ ତଥା ସକାରାତ୍ମକ ପଦକ୍ଷେପ ଖୁବ୍‌ଶୀଘ୍ର ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ସଂଯୋଜକ ଚୈତନ୍ୟ ମାଝୀ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦ୍ରା ସୋରେନ, ପୂର୍ବତନ ଆଇଏଏସ ଧନଞ୍ଜୟ ହେମ୍ବ୍ରମ, ଡଃ ନାକୁ ହାଁସଦା, ପୂର୍ବତନ ଆଇଆରଏସ ଉଦୟନାଥ ମାଝୀ ଓ ସୋମନାଥ ହାଁସଦାଙ୍କ ସମେତ ଅନେକ ସାନ୍ତାଳୀ ଭାଷା ବିଶେଷଜ୍ଞ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଆଲୋଚନା କରିଥିଲେ।

# ଛେଳି ଚାଷ, ଲୋକେ ଆଗ୍ରହୀ ନୁହନ୍ତି



ଭୁବନେଶ୍ୱର,୩।୧୦: ଛେଳି ପାଳନ ଲାଗି ରାଜ୍ୟ ସରକାର ସହାୟତା ରାଶି ବଢାଇ ଚାଲିଥିବାବେଳେ ଲୋକେ କିନ୍ତୁ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଛେଳି ପାଳନ ଲାଗି ସରକାରୀ ସହାୟତା ନେଉଥିବା ହିତାଧିକାରୀଙ୍କ ସଂଖ୍ୟା ବର୍ଷକୁ ବର୍ଷ କମିବାରେ ଲାଗିଛି। ବଜାରରେ ଛେଳି ମାଂସର ଚାହିଦା ବେଶ୍ ଭଲ ରହିଥିବାରୁ ଅଧିକରୁ ଲୋକେ କିଭଳି ଛେଳି ପାଳନ କରିବେ, ସେଥିପାଇଁ ସରକାର ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ୨୦୨୨-୨୩ରେ ଏ ବାବଦରେ ସରକାର ପାଖାପାଖି ୩୦ କୋଟି ଟଙ୍କା ଯୋଗାଇ ଦେଇଥିଲେ। ସେହିବର୍ଷ ୨୬ ହଜାର ଲୋକ ଛେଳି ଚାଷ ପ୍ରତି ଆଗ୍ରହ ପ୍ରକାଶ କରି ଏହି ସରକାରୀ ଯୋଜନାର ଲାଭ ଉଠାଇଥିଲେ। ଏହା ପରବର୍ଷ ଅର୍ଥାତ୍ ୨୦୨୩-୨୪ ବର୍ଷରେ ପ୍ରୋତ୍ସାହନ ରାଶି ପରିମାଣ ୫୦ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ଚାଷୀଙ୍କ ସଂଖ୍ୟା ବି ୩୧ ହଜାରକୁ ଟପିଯାଇଥିଲା। ହେଲେ ଏହା ପରଠାରୁ ଆଉ ସରକାରୀ ପ୍ରୋତ୍ସାହନ ଜରିଆରେ ଛେଳି ଚାଷ କରୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ଛେଳି ଚାଷ ପ୍ରୋତ୍ସାହନ ରାଶି ବାବଦରେ ୩୪ କୋଟି ୪୯ ଲକ୍ଷ ଟଙ୍କା ଯୋଗାଇ ଦେଇଥିବା ବେଳେ ଏଥିରେ ମାତ୍ର ୧୧,୮୭୫ ଜଣ ଲୋକେ ଉପକୃତ ହୋଇଥିଲେ। ୨୦୨୫-୨୬ ବର୍ଷରେ ପ୍ରୋତ୍ସାହନ ରାଶି ପରିମାଣ ୪୦ କୋଟି ଟଙ୍କାରୁ ଅଧିକ ଥିବା ବେଳେ ହିତାଧିକାରୀଙ୍କ ସଂଖ୍ୟା ୮୭୩୦ ଜଣଙ୍କୁ ହ୍ରାସ ପାଇଥିଲା। ଚଳିତ ଆର୍ଥିକ ବର୍ଷରେ ହିତାଧିକାରୀଙ୍କ ସଂଖ୍ୟା ୨ହଜାର ତଳକୁ ଖସି ଆସିଛି। ଅନ୍ୟ ପକ୍ଷରେ କିନ୍ତୁ ଘୁଷୁରୀ ପାଳନ ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରେ ଲାଗିଛି। ୨୦୨୨-୨୩ ବର୍ଷରେ ରାଜ୍ୟରେ ସରକାରୀ ପ୍ରୋତ୍ସାହନ ପାଇଥିବା ଘୁଷୁରୀ ଚାଷୀଙ୍କ ସଂଖ୍ୟା ଶହେଜଣ ଥିବାବେଳେ ୨୦୨୫-୨୬ ବର୍ଷରେ ଏହି ଚାଷୀଙ୍କ ସଂଖ୍ୟା ୩୨୯ରେ ପହଞ୍ଚିଛି। ସରକାରୀ ପ୍ରୋତ୍ସାହନ ରାଶି ବି ଘୁଷୁରୀ ଚାଷ ପାଇଁ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ରାଜ୍ୟରେ ଖାସି ମାଂସର ଚାହିଦା ବଢ଼ି ବଢ଼ି ଚାଲିଥିବା ବେଳେ ଓଡ଼ିଶାର ମାଂସ ବ୍ୟବସାୟୀମାନେ ଏବେ ପଶ୍ଚିମବଙ୍ଗ ଭଳି ରାଜ୍ୟ ଉପରେ ଏଥିପାଇଁ ନିର୍ଭର କରୁଛନ୍ତି। ଅନ୍ୟ ରାଜ୍ୟରୁ ଦୈନିକ ଶହ ଶହ ଛେଳି ଓଡ଼ିଶାକୁ ଆସୁଥିବା ବେଳେ ଓଡ଼ିଶାରେ କିନ୍ତୁ ବ୍ୟବସାୟଭିତ୍ତିକ ଛେଳି ଚାଷ ପାଇଁ ଲୋକେ ଆଗକୁ ନ ଆସିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟ ପକ୍ଷରେ ରାଜ୍ୟରେ ଘୁଷୁରୀ ମାଂସର ସେଭଳି ବ୍ୟବସାୟକରଣ ହୋଇ ନ ଥିବା ବେଳେ ଲୋକେ କିନ୍ତୁ ଏଥିପାଇଁ ଆଗ୍ରହ ପ୍ରକାଶ କରିବାରେ ଲାଗିଛନ୍ତି। (ତଥ୍ୟ)

## ସିଏନଜି ଭରିବା ବେଳେ ବିସ୍ଫୋରଣ, ଉଡ଼ିଗଲା କାର



ଭଦୋଦରା, ୩।୧୦: ଗୁଜରାଟର ଭଦୋଦରା ଜିଲ୍ଲା ଅନ୍ତର୍ଗତ କାର୍ଜନ ନିକଟସ୍ଥ ଜାତୀୟ ରାଜପଥ-୪୮ରେ ଥିବା ଏକ ଇନ୍ଧନ ପମ୍ପରେ ସିଏନଜି ଗ୍ୟାସ୍ ଭର୍ତ୍ତି ହେଉଥିବା ସମୟରେ ଏକ କାରରେ ଭୟଙ୍କର ବିସ୍ଫୋରଣ ଘଟିଛି। ପମ୍ପରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହି ଦୃଶ୍ୟ କଏଦ ହୋଇଥିବାବେଳେ ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ କାର୍‌ଟି ସମ୍ପୂର୍ଣ୍ଣ ଜଳିଯିବା ସହ ପାଖାପାଖି ଗାଡ଼ି ଓ ପମ୍ପର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି।

ତେବେ ଗ୍ୟାସ୍ ଭରିବା ପୂର୍ବରୁ ଚାଳକ କାରରୁ ଓହ୍ଲାଇ ଯାଇଥିବା ଏବଂ କର୍ମଚାରୀମାନେ ନିରାପଦ ଦୂରତାରେ ଥିବାରୁ ଏତେ ବଡ଼ ଦୁର୍ଘଟଣା ସତ୍ତ୍ୱେ କୌଣସି ଜୀବନହାନୀ କିମ୍ବା ଆହତ ହେବାର ଖବର ମିଳିନାହିଁ। ଗ୍ୟାସ୍ ଟାଙ୍କି ଫାଟିଯିବାରୁ ଏହି ବିସ୍ଫୋରଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଖବର ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିବାବେଳେ ସିଏନଜି କିଟ୍ ବା ସିଲିଣ୍ଡରର ତ୍ରୁଟି ଯୋଗୁଁ ଏହା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି।

# ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଟ୍ରମା କେୟାର କେନ୍ଦ୍ର ଖୋଲିବା ପାଇଁ ଦାବିପତ୍ର



ଯାଜପୁର, ୩।୧୦ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ବ୍ୟାସନଗର ସହର ମହାଭାରତ ରଚୟିତା ମହର୍ଷି ବ୍ୟାସଦେବଙ୍କ ନାମାନୁସାରେ ନାମିତ। ଏଠାରେ ପ୍ରସିଦ୍ଧ ବ୍ୟାସ ସରୋବର ଓ ବ୍ୟାସଦେବ ମନ୍ଦିର ରହିଛି, ଯାହା ଆମ ସଂସ୍କୃତି ଓ ପୌରାଣିକ ଐତିହ୍ୟର ପ୍ରତୀକ। ମାତ୍ର ଦୁଃଖର ବିଷୟ ଯେ, ସହରର ପ୍ରବେଶ ଦ୍ୱାର କିମ୍ବା ମୁଖ୍ୟ ଛକରେ ମହର୍ଷି ବ୍ୟାସଦେବଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପିତ ହୋଇନାହିଁ। ବ୍ୟାସନଗର ଏକ ଶିଳ୍ପ ନଗରୀ ହେବା ସହିତ ଏହାର ଏକ ଗଭୀର ସାଂସ୍କୃତିକ ପରିଚୟ ରହିଛି। ମହର୍ଷି ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲେ ବ୍ୟାସନଗରର ସାଂସ୍କୃତିକ ପରିଚୟ ସୁଦୃଢ଼ ହେବା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ। ଏଥିପାଇଁ କୋରେଇର ଯୁବନେତା ବିକ୍ରମ ବିଶ୍ୱାଳ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ବ୍ୟାସନଗରର ପ୍ରବେଶ ପଥ ଟାଉନ ହଲ ନିକଟରେ ମହର୍ଷି ବ୍ୟାସଦେବଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସାହାରବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ଏହାକୁ ଗ୍ରନ୍ଥାଗାର କମିଟିକୁ ପଠାଯାଇ ଅନୁମୋଦନ ପରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ମହାଦାୟ ପ୍ରତିଶୃତି ଦେଇଛନ୍ତି। ସେହପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ପାଣିକୋଇଲି ଠାରେ ନିର୍ମିତ ଟ୍ରମା କେଆର କେନ୍ଦ୍ର ତୁରନ୍ତ ଖୋଲିବା ପାଇଁ ଯୁବନେତା ଶ୍ରୀ ବିଶ୍ୱାଳ ଦାବିପତ୍ର ପ୍ରଦାନ କରିଛନ୍ତି। ସଡକରେ ଦୁର୍ଘଟଣା ଫଳରେ ପ୍ରଥମ ୧ ଘଂଟା ବା ଗୋଲଡେନ ଆୱାର୍ ରେ ଆହତ ମାନେ ସେବା ନ ପାଇ ପାରି ମୃତ୍ୟ ବରଣ କରୁଛନ୍ତି, ସେଥିପାଉଁ ଯଥାଶୀଘ୍ର ଖୋଲିବାର ଆବଶ୍ୟକତା ଅଛି ବୋଲି ଶ୍ରୀବିଶ୍ୱାଳ ମନ୍ତ୍ରୀଙ୍କୁ ଜଣାଇଥିଲେ। ଏହାକୁ ଯଥାଶୀଘ୍ର ଖୋଲାଯିବାର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି କଥା ପଦାକୁ ଆସିଛି।

# ନିଶାମୁକ୍ତ ଯୁବ ଭାରତ ପାଇଁ ଗଣ ଦୌଡ଼




ଖୋର୍ଦ୍ଧା,୩।୧୦ (ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ପାଇକ ମାଟି ଖୋର୍ଦ୍ଧା ଠାରେ ଏକ ନିଶା ମୁକ୍ତ ଭାରତ ପାଇଁ ଗଣ ଦୌଡ଼ ହୋଇଥିଲା। ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ମାଇଁ ଭାରତ, ଯୁବ କ୍ରୀଡ଼ା ମନ୍ତ୍ରାଳୟ, ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଏହି ଏକଶହ ସପ୍ତାହ କାର୍ଯ୍ୟକ୍ରମ ଚାଲିବା ଏଥିରେ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ଅଞ୍ଚଳ, ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟରୁ ଶତାଧିକ ଛାତ୍ର/ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାଚୀ ପବିତ୍ର ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟ ପଡିଆ ଠାରୁ ଆରମ୍ଭ କରି ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ମୁଖ୍ୟ ଅତିଥି ସାମାଜିକ କର୍ମୀ ମନ୍ମଥ ରାଉତରାୟ ଓ ସମ୍ମାନିତ ଅତିଥି ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ ସଂଗ୍ରାମ କେଶରୀ ସାମନ୍ତରାୟ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଂଚଳିକ ପରିଚାଳକ ଖୋର୍ଦ୍ଧା ଭଗତ୍ ବେହେରା ମହୋଦୟ ପିଲାମାନଙ୍କୁ ପତାକା ଦେଖାଇ ଗଣ ଦୌଡ଼ ପ୍ରତିଯୋଗିତା ଆରମ୍ଭ କରିଥିଲେ। ଶେଷରେ ସମସ୍ତଙ୍କୁ ପୁରଷ୍କାର ପ୍ରଦାନ ସହ, ମେଡାଲ ଓ ଟ୍ରଫି ଦିଆଯାଇଥିଲା , ପ୍ରୋଜେକ୍ଟ ପଏଣ୍ଟର ଉପଦେଷ୍ଟା ପ୍ରମୋଦ କୁମାର ହରିଚନ୍ଦନ ନିଶାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

# ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ପାଳିତ




କୋରାପୁଟ,୩।୧୦ (ସଂଚାର ବ୍ୟୁରୋ): ସଂସ୍କୃତ କେବଳ ଏକ ପ୍ରାଚୀନ ଭାଷା ନୁହେଁ, ଭାରତୀୟ ଜ୍ଞାନ, ସଂସ୍କୃତି ଓ ପରମ୍ପରାର ଏକ ମୁଖ୍ୟ ଆଧାର। ଏହି ପ୍ରାଚୀନ ଭାଷାର ପ୍ରଚାର-ପ୍ରସାର ସହ ଏହାକୁ ଶିକ୍ଷା କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବା ନେଇ କୋରାପୁଟରେ ଆଲୋଚନା ହୋଇଛି। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ପିଏମ୍ ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ସଂସ୍କୃତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ଡ. ଏସ୍.ଏନ୍. ଅମିତାଭ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଘରେ ଘରେ ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର କରିବା ସହ ନୂଆ ପିଢ଼ିକୁ ଏହି ଭାଷା ସହ ଯୋଡ଼ିବା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସଂସ୍କୃତ ଶିକ୍ଷକ ତପନ କୁମାର ପରିଡ଼ା ସଂସ୍କୃତକୁ ବିଦ୍ୟାଳୟ ସ୍ତରରେ ବାଧ୍ୟତାମୂଳକ ବିଷୟ ଭାବେ ସ୍ଥାନ ଦେବାକୁ ସରକାରଙ୍କ ନିକଟରେ ଦାବି ରଖିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ପରିଦର୍ଶକ ଜୟନ୍ତ କୁମାର ପାଳ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ବେହେରା ଓ ମୁଖ୍ୟବକ୍ତା ଗୋକୁଳାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷାର ଐତିହ୍ୟ, ଗୁରୁତ୍ୱ ଏବଂ ଏହାର ବ୍ୟାପକ ପ୍ରଚାର-ପ୍ରସାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା।

# ଅପମିଶ୍ରିତ ଛେନାକୁ ନେଇ ଗ୍ରାହକଙ୍କ ମନରେ ଛନ୍‌କା

## ଖାଦ୍ୟ ସୁରକ୍ଷା ବିଭାଗର ନଜର ପଡ଼ିବ କି?



ଆନନ୍ଦପୁର,୩।୧୦ (ସଂଚାର ବ୍ୟୁରୋ): ପାଖେଇ ଆସୁଛି ପୂଜା ପର୍ବ। ପୂଜା ପର୍ବାଣୀ ଆସିଲେ ବଢ଼ିଯାଏ ମିଠାର ଚାହିଦା। ଦୋକାନ ଆଗରେ ଲାଗେ ଗ୍ରାହକଙ୍କ ଭିଡ଼। ମିଠା ବ୍ୟବସାୟୀଙ୍କ ପାଇଁ ଏହା ହେଉଛି ଭଲ ବ୍ୟବସାୟର ସମୟ। କିନ୍ତୁ ଏହି ମିଠା ପ୍ରସ୍ତୁତ ହେଉଛି କେଉଁ ମାନରେ? ଗ୍ରାହକଙ୍କୁ ଦିଆଯାଉଥିବା ମିଠା କେତେ ସୁରକ୍ଷିତ? ଏହାକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। କାରଣ ମିଠାର ସ୍ୱାଦ ଯେତିକି ଗୁରୁତ୍ୱପୂର୍ଣ୍ଣ, ତାଠାରୁ ଅଧିକ ଗୁରୁତ୍ୱ ରହିଛି ତାହାର ଗୁଣବତ୍ତା ଓ ପରିଷ୍କାର ପରିଚ୍ଛନ୍ନତାର। ଅନେକ ସମୟରେ ମିଠା ପ୍ରସ୍ତୁତି ଓ ସଂରକ୍ଷଣ ସ୍ଥାନର ପରିବେଶକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥାଏ। ଖୋଲାରେ ରଖାଯାଇଥିବା ମିଠା ଉପରେ ମାଛି ବସିବା, ଧୂଳିମାଟି ପଡ଼ିବା ଏବଂ ଅପରିଷ୍କାର ପରିବେଶରେ ମିଠା ପ୍ରସ୍ତୁତ ହେବା ଭଳି ଅଭିଯୋଗ ଗ୍ରାହକଙ୍କ ଚିନ୍ତା ବଢ଼ାଇଥାଏ। ସେହିପରି ମିଠା ପ୍ରସ୍ତୁତିରେ ବ୍ୟବହାର ହେଉଥିବା ଛେନାର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ଅଭିଯୋଗ ରହୁଛି, ପର୍ବପର୍ବାଣୀ ସମୟରେ ଅଧିକ ଚାହିଦା ଓ ଅଧିକ ଲାଭ ଆଶାରେ କେତେକ ବ୍ୟବସାୟୀ ଅପମିଶ୍ରିତ କିମ୍ବା ନିମ୍ନମାନର ଛେନା ବ୍ୟବହାର କରୁଥିବା ଆଶଙ୍କା ରହିଛି। ଯଦି ଏଭଳି ହେଉଛି, ତେବେ ଏହା ସିଧାସଳଖ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ପ୍ରସଙ୍ଗ। ଲାଭ ପାଇଁ ଯଦି ଖାଦ୍ୟର ମାନ ସହ ସାଲିସ କରାଯାଏ, ତାହାର ପରିଣାମ ଭୋଗିବାକୁ ପଡ଼ିପାରେ ସାଧାରଣ ଲୋକଙ୍କୁ। ନିମ୍ନମାନର କିମ୍ବା ଅସୁରକ୍ଷିତ ଖାଦ୍ୟ ଖାଇଲେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିବାର ଆଶଙ୍କା ରହିଥାଏ। ପେଟ ସମସ୍ୟାଠାରୁ ଆରମ୍ଭ କରି ଖାଦ୍ୟଜନିତ ଅସୁସ୍ଥତା ପର୍ଯ୍ୟନ୍ତ ସମସ୍ୟା ଦେଖାଦେଇପାରେ।

ତେବେ ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ ଓ ଚଢ଼ାଉ ଖବର ସାମ୍ନାକୁ ଆସୁଛି। ନିଆଳି ପରେ ବଡ଼ବିଲରେ ମଧ୍ୟ ଖାଦ୍ୟ ସୁରକ୍ଷାକୁ ନେଇ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଚର୍ଚ୍ଚାରେ ରହିଛି। ତେବେ ଆନନ୍ଦପୁରରେ କେବେ ପଡ଼ିବ ଖାଦ୍ୟ ସୁରକ୍ଷା ବିଭାଗର ନଜର? ପୂଜା ପୂର୍ବରୁ ଆନନ୍ଦପୁର ସହରର ମିଠା ଦୋକାନଗୁଡ଼ିକରେ ହେବ କି ଯାଞ୍ଚ? ମିଠାର ମାନ ଯାଞ୍ଚ ସହ ଛେନାର ନମୁନା ସଂଗ୍ରହ କରାଯିବ କି? ମିଠା ପ୍ରସ୍ତୁତି ସ୍ଥାନର ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ ହେବ କି? ଖୋଲାରେ ମିଠା ରଖି ବିକ୍ରି କରାଯାଉଛି କି ନାହିଁ ଏସବୁ ଦିଗରେ ନଜର ପଡ଼ିବ କି?

ଏବେ ଦେଖିବାକୁ ବାକି ରହିଲା- ପୂଜା ପୂର୍ବରୁ ଆନନ୍ଦପୁରର ମିଠା ଦୋକାନ ଉପରେ ଖାଦ୍ୟ ସୁରକ୍ଷା ବିଭାଗର ନଜର ପଡୁଛି କି ନାହିଁ।

## ସଇଁତଲାକୁ ଏନଏସି ମାନ୍ୟତା ଦାବି

# ୩୦ ଦିନର ମହଲତ ପରେ ବିଧାନସଭା ଘେରାଉ ଚେତାବନୀ




ସଇଁତଲା,୩।୧୦ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାର ସଇଁତଲା ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ମାନ୍ୟତା ପ୍ରଦାନ ଦାବି ଦୀର୍ଘବର୍ଷ ଧରି ଉଠିଆସୁଛି। ଦାବି ପୂରଣ ପାଇଁ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ମଧ୍ୟ ଦିନକୁ ଦିନ ତୀବ୍ର ହେଉଛି। ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଦୀର୍ଘ ୩୨ ଦିନ ଧରି ଚାଲିଥିବା ଗଣଧାରଣା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ସ୍ଥଗିତ ରଖାଯାଇଛି। ତେବେ ପ୍ରଶାସନକୁ ୩୦ ଦିନର ମହଲତ ଦେଇଛନ୍ତି ଆନ୍ଦୋଳନକାରୀ। ଏହି ସମୟ ମଧ୍ୟରେ ଦାବି ଉପରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ଉତ୍ତର ନମିଳିଲେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏନଏସି ମାନ୍ୟତା ଦାବିରେ ଗତ ୩୨ ଦିନ ଧରି ସଇଁତଲାରେ ଗଣଧାରଣା ଚାଲିଥିଲା। ଏହି ଦାବିକୁ ନେଇ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ସଇଁତଲାରୁ ବଲାଙ୍ଗୀର ପର୍ଯ୍ୟନ୍ତ ପ୍ରାୟ ୩୫ କିମି ଦୂରତା ବିଶାଳ ପଦଯାତ୍ରା କରାଯାଇଥିଲା। ପଦଯାତ୍ରା ପରେ ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଇଁତଲାକୁ ଏନଏସି ମାନ୍ୟତା ପ୍ରଦାନ କରିବା ନେଇ ତୁରନ୍ତ ପଦକ୍ଷେପ ନେବାକୁ ଏଥିରେ ଦାବି କରାଯାଇଥିଲା।

ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର, ଏବିଡିଓ ଏବଂ ସଇଁତଲା ଥାନା ଅଧିକାରୀ ଖଗପତି ବିଶ୍ୱାଳ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ। ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଧାରଣା ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ସଇଁତଲାକୁ ଏନଏସି ମାନ୍ୟତା ପ୍ରଦାନ ସମ୍ପର୍କିତ ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

ପ୍ରଶାସନର ଏହି ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ଓ ସ୍ଥାନୀୟ ସରପଞ୍ଚ ୩୦ ଦିନ ମଧ୍ୟରେ ଏନଏସି ମାନ୍ୟତା ଦାବି ଉପରେ ପ୍ରଶାସନର ସ୍ପଷ୍ଟ ଉତ୍ତର ଦେବାକୁ ଦାବି କରିଥିଲେ। ଏହାକୁ ନେଇ ଗଣଧାରଣା ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ତେବେ ୩୦ ଦିନ ମଧ୍ୟରେ ଦାବି ଉପରେ କୌଣସି ସକାରାତ୍ମକ ଉତ୍ତର ନଆସିଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ବେଲଗାଁରେ ଜଳ ଅର୍ପଣ ଦିବସ ପାଳିତ




ହିଞ୍ଜିଳିକାଟୁ,୩।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବେଲଗାଁ ଗ୍ରାମ ପଞ୍ଚାୟତ ପରିସରରେ ଶୁକ୍ରବାର ଦିନ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି | ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ,ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ,ଉପାଧ୍ୟକ୍ଷ ସୁନୀଲ କୁମାର ଗନ୍ତାୟତ, ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ପ୍ରତିନିଧି ଏ. ସୁଦର୍ଶନ, ଜିଲ୍ଲା ପରିଷଦ ସଭ୍ୟ ପ୍ରୀତି ସାହୁ, ଆସ୍କା ସାଂସଦଙ୍କ ପ୍ରତିନିଧି ଶିଶିର ମିଶ୍ର, ବେଲଗାଁ ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ, ଓଏଏସ ପରୀକ୍ଷାରେ ୩୯ ନମ୍ବର ରାଙ୍କ ରଖିଥିବା ହିଞ୍ଜିଳି ବ୍ଲକର ସୋନାଲି ତ୍ରିପାଠୀ, ଆରଡବ୍ଲୁଏସଏସ ଯନ୍ତ୍ରୀ ସିମାଞ୍ଚଳ ବେହେରା ମଞ୍ଚାସିନ ରହିଥିଲେ | ପୃଥିବୀ ପୃଷ୍ଠରେ ଥିବା ଜଳକୁ କିଭଳି ସଦ ଉପଯୋଗ କରିବା ଓ ସ୍ୱଚ୍ଛ ଜଳ ଆଗାମୀ ପିଢ଼ି ପାଇଁ କିପରି ସଂରକ୍ଷିତ ରଖିବା ତାକୁ ନେଇକି ଅତିଥି ଭାବେ ମତ ରଖିଥିଲେ |

# ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ମୁନିଗୁଡା ପୁଲିସ ପକ୍ଷରୁ ଏକତା ଗଣଦୌଡ଼




ମୁନିଗୁଡା,୩।୧୦ (ସଂଚାର ବ୍ୟୁରୋ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସାରା ଦେଶ ଜାତୀର ଜନକ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ, ଅହିଂସାର ପୂଜାରୀ,ତାଙ୍କର ନୀତି ଓ ନୈତିକତା, ଅଂହିସା, ସତ୍ୟାଗ୍ରହ ମାଧ୍ୟମରେ ସାରା ବିଶ୍ୱକୁ ସେ ନୂତନ ଏକ ଦିଗ୍ ଦର୍ଶନ ଦେଇଥିଲେ। ତାଙ୍କରି ସେହି ଯୁଗାନ୍ତକାରୀ ଚିନ୍ତାଧାରା ଓ ଆଦର୍ଶ ବିଶ୍ୱ ପାଇଁ ପ୍ରସଙ୍ଗ ହୋଇରହିଛି। ତାଙ୍କର ସେହି ଆଦର୍ଶ ଓ ସ୍ୱଛତାକୁ ଅନୁଶରଣ କରି ସମୃଦ୍ଧ ଓଡିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆମେ ସମସ୍ତେ ସମର୍ପିତ ଭାବେ ଏକତା ବଜାୟ ରଖିବାକୁ ରାୟଗଡା ଜିଲ୍ଲା ମୁନିଗୁଡା ପୁଲିସ ପକ୍ଷରୁ ଗଣଦୌଡ ଓ ସ୍ୱଛ ଭାରତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନାର ଆଇଆଇସି ଲଳିତ ମୋହନ ସାଗରଙ୍କ ନେତୃତ୍ୱରେ ଥାନା ସମ୍ମୁଖରୁ ଗଣଦୌଡକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ମାରାଥାନ ଗଣଦୌଡ ହୁକୁମ ତୋଳା ପର୍ଯ୍ୟନ୍ତ ଯାଇ, ସେଠାରୁ ମୁନିଗୁଡାର ନୂତନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସଆଇ ମହେନ୍ଦ୍ର ହାଂସଦା, ଏସଆଇ ଉର୍ମିଳା ସେଠୀ ସହଯୋଗ କରିଥିବା ବେଳେ ଏଏସଆଇ ରବୀନ୍ଦ୍ର ସ୍ୱାଇ, ଏଏସଆଇ ଜୟଚନ୍ଦ୍ର ସାହୁ, ଥାନାର ସମସ୍ତ କର୍ମଚାରୀଙ୍କ ସମେତ ପାଇକସାହିର ଯୁବକ ଏବଂ ଜନସାଧାରଣ ଗଣଦୌଡରେ ସାମିଲି ହୋଇଥିଲେ।

# କୁହୁଡି ଲବଣ ସତ୍ୟାଗ୍ରହ ପୀଠରୁ ବିଜେଡିର ପଦଯାତ୍ରା ଆରମ୍ଭ

## ବ୍ଲକରେ ଦୁର୍ନୀତି, ଦରଦାମ ବୃଦ୍ଧି ବିରୋଧରେ ଗର୍ଜିଲା ବିଜେଡି

### ସଙ୍ଗଠନ ମଜଭୁତ ଉପରେ ଫୋକସ



କାକଟପୁର/ଅସ୍ତରଙ୍ଗ, ୩।୧୦ (ସଂଚାର ବ୍ୟୁରୋ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଶୁକ୍ରବାର ଅପରାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଐତିହାସିକ କୁହୁଡି ଲବଣ ସତ୍ୟାଗ୍ରହ ପୀଠରୁ କାକଟପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ପଦଯାତ୍ରା ଶୁଭାରମ୍ଭ ହୋଇଛି। ସ୍ୱାଧୀନତା ସଂଗ୍ରାମର ସ୍ମୃତି ଏହି ପବିତ୍ର ମାଟିରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ନେଇ କାକଟପୁର ରାଜନୀତି ଏବେ ସରଗରମ ହୋଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏହି ପଦଯାତ୍ରାକୁ ବିଜେଡି ପକ୍ଷରୁ ମାଷ୍ଟର ଷ୍ଟ୍ରୋକ ବୋଲି କୁହାଯାଉଛି।

ଗୁରୁବାର ଅପରାହ୍ନରେ କୁହୁଡି ଲବଣ ସତ୍ୟାଗ୍ରହ ପୀଠରେ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ ଓ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦଯାତ୍ରାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମୀଙ୍କୁ ଉଜ୍ଜୀବିତ କରିଥିଲେ। ତାଙ୍କ ସହ ପୁରୀ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସ୍ୱାଧୀନ କୁମାର ନାୟକ, ଏକ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଯୁବ ନେତା ଋତୁରାଜ ରାଉତଙ୍କ ସମେତ ପ୍ରତି ପଞ୍ଚାୟତରୁ ବିଜେଡି ନେତୃବୃନ୍ଦ ଓ ଶତାଧିକ ଯୁବ ବିଜେଡି କର୍ମୀ ପଦଯାତ୍ରାରେ ସାମିଲ ହୋଇ ଶକ୍ତି ପ୍ରଦର୍ଶନ କରିଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଥିଲେ, ବର୍ତ୍ତମାନ ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ବ୍ୟାପକ ଦୁର୍ନୀତି ଚାଲିଛି। ଆବାସ ଯୋଜନାରୁ ଆରମ୍ଭ କରି ରାସ୍ତା, ପାନୀୟ ଜଳ ପ୍ରକଳ୍ପରେ ପିସି କାରବାର ବଢ଼ିଛି। ସାଧାରଣ ଲୋକଙ୍କ ଭତ୍ତାରେ ବୟସ ଜାଲିଆତି କରାଯାଇ ଦଳୀୟ ହିସାବରେ ଭତ୍ତା ବଣ୍ଟନ ହେଉଛି, ବାରମ୍ବାର ଛୁରୀଆନା ପଞ୍ଚାୟତରେ ଆବାସ ଯୋଜନାରେ ଅଭିଯୋଗ କଲେ ମଧ୍ୟ ଯୋଗ୍ୟ ହିତାଧିକାରୀ ସାମିଲ ହେଉନାହାଁନ୍ତି। ସାଧାରଣ ଲୋକ ହଇରାଣ ହେଉଛନ୍ତି। ସେହିପରି ରାଜ୍ୟ ଓ କେନ୍ଦ୍ରରେ ଶାସକ ଦଳ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ଆକାଶ ଛୁଆଁ ହୋଇଛି। ତେଲ, ଡାଲି, ପରିବା ଦର ବଢ଼ିବାରୁ ସାଧାରଣ ଲୋକଙ୍କ ଅଣ୍ଟା ଭାଙ୍ଗିଲାଣି। ମହିଳା, ଚାଷୀ, ଯୁବକ ସମସ୍ତେ ଅସନ୍ତୁଷ୍ଟ। ଏହାକୁ ଘରେ ଘରେ ପହଞ୍ଚାଇବା ପାଇଁ ଏହି ପଦଯାତ୍ରା।

ଶେଷରେ ପୁରୀ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସ୍ୱାଧୀନ କୁମାର ନାୟକ କହିଛନ୍ତି ଯେ, ଗାନ୍ଧୀ ଜୟନ୍ତୀ ହେଉଛି ସତ୍ୟ ଓ ସଂଘର୍ଷର ପ୍ରତୀକ। କୁହୁଡି ଲବଣ ସତ୍ୟାଗ୍ରହ ପୀଠ ହେଉଛି ଆମ ପାଇଁ ପ୍ରେରଣା। ଆଜିର ଏହି ପଦଯାତ୍ରା କେବଳ ପଦଯାତ୍ରା ନୁହେଁ, ଏହା ଲୋକଙ୍କ ହକ୍ ପାଇଁ ଲଢେଇ। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ପୁଣି ଗାଁ-ଗାଁରେ ବାଜିମାତ କରିବ। ପ୍ରତି ପଞ୍ଚାୟତରେ କର୍ମୀ ସଙ୍ଗଠନକୁ ଆହୁରି ମଜବୁତ କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

# ଶଳାର ଠେଙ୍ଗା ମାଡ଼ରେ ଭିଣେଇ ମୃତ



ଯୋଡ଼ା,୩।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଉଲିବୁରୁ ଗ୍ରାମରେ ଶଳାଙ୍କ ଠେଙ୍ଗା ମାଡ଼ରେ ଭେଣଇଙ୍କ ମୃତ୍ୟୁ ଘଟିଥିବା ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ଉଲିବୁରୁ ଗ୍ରାମର ବନମାଳୀ ମୁଣ୍ଡା ଓ ତାଙ୍କ ପତ୍ନୀ ସୁକମତି ମୁଣ୍ଡାଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ଓ ମାରପିଟ ହେଉଥିବା ଅଭିଯୋଗ ରହିଥିଲା। ଏନେଇ ସୁକମତି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ବନମାଳୀଙ୍କ ଘରକୁ ଆସି ତାଙ୍କୁ ବୁଝାଶୁଝା କରୁଥିଲେ। ଏହି ସମୟରେ କୌଣସି କଥାକୁ ନେଇ ବନମାଳୀଙ୍କ ସହ ତାଙ୍କ ଶଳାସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଜୟ ଏକ ଠେଙ୍ଗାରେ ବନମାଳୀଙ୍କ ମୁଣ୍ଡକୁ ପ୍ରହାର କରିଥିବା ଅଭିଯୋଗ ହୋଇଛି। ଫଳରେ ବନମାଳୀ ଗୁରୁତର ହୋଇପଡ଼ିଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ଖବର ପାଇ ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅଜୟଙ୍କୁ ଅଟକ ରଖିଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ମୃତଦେହର ଆଇନଗତ ପ୍ରକ୍ରିୟା ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ କରାଯାଉଛି।

## ଜନସେବାର ୨୫ ବର୍ଷ ପୂର୍ତ୍ତି

# ସେବା ଜ୍ୟୋତି ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

### ଯୋଗଦେବେ ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ



ମାଲକାନଗିରି, ୩।୧୦ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଅକ୍ଟୋବର ୭ ତାରିଖରେ ଏକ ବିଶାଳ ସେବା ଜ୍ୟୋତି ଯାତ୍ରା ଏବଂ ବିକଶିତ ଭାରତ ସଂକଳ୍ପ ସଭା ଆୟୋଜିତ ହେବାକୁ ଯାଉଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସଫଳତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ବିକଶିତ ଭାରତ ୨୦୪୭ ସଂକଳ୍ପ ସହିତ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

୭ ତାରିଖ ସକାଳ ୭ ଘଟିକାରେ ମାଲ୍ୟବନ୍ତ ଛାତ୍ରାବାସ ପରିସରରୁ ଏହି ଯାତ୍ରା ଶୁଭାରମ୍ଭ ହୋଇ ଆଇ.ଏମ.ଏସ.ଟି ଛକ, ବାଲିମେଳା ଛକ ଓ ମେନ୍ ରୋଡ୍ ଦେଇ ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ପରିକ୍ରମା କରିବ। ଏହି ସମାବେଶରେ ଜିଲ୍ଲାର ୭ଟି ବ୍ଲକରୁ ମୋଟରସାଇକେଲ ଶୋଭାଯାତ୍ରା ମାଧ୍ୟମରେ ପ୍ରତିନିଧିମାନେ ଆସି ପହଞ୍ଚିବେ। ଏହାସହ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ମୋ ଭାରତ ସଂଘ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ସରକାରୀ ଅଧିକାରୀଙ୍କୁ ମିଶାଇ ପ୍ରାୟ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ଯାତ୍ରାରେ ଅଂଶଗ୍ରହଣ କରିବେ।

ଯାତ୍ରା ଶେଷରେ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେବ। ଏହି ବିଶାଳ ସମାବେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୂରଦର୍ଶନ ଶ୍ରାବ୍ୟ-ଦୃଶ୍ୟ ମାଧ୍ୟମରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିକଶିତ ଭାରତ ୨୦୪୭ ନିର୍ମାଣ ପାଇଁ ସମୂହ ଶପଥ ପାଠ, ବନ୍ଦେ ମାତରମ୍ ଗାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଥିସହିତ ସ୍ପୋର୍ଟସ କମ୍ପ୍ଲେକ୍ସ ନିକଟସ୍ଥ ପାର୍କିଂ ପ୍ଲେସ୍ ରେ ଏକ ବିଶାଳ ଆକର୍ଷଣୀୟ ଝୋଟି ଅଙ୍କନ କରାଯିବ।

# ଯୋଗାଣ ସହାୟକଙ୍କ ଆନ୍ଦୋଳନ ଯୋଗୁଁ ପିଡିଏସ୍ ହିତାଧିକାରୀ ପ୍ରଭାବିତ




କଳାହାଣ୍ଡି, ୩।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ୨୩୬ଟି ଯାକ ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ୧୧ ଦଫା ଦାବି ନେଇ ଗତ ସେପ୍ଟେମ୍ବର ୭ ତାରିଖଠାରୁ ଆନ୍ଦୋଳନ ଜାରି ରଖିଛନ୍ତି। ଯୋଗାଣ ସହାୟକମାନଙ୍କ ଏହି ଆନ୍ଦୋଳନର ପ୍ରଭାବ ଏବେ ସାଧାରଣ ହିତାଧିକାରୀଙ୍କ ଉପରେ ପଡ଼ିବାକୁ ଲାଗିଛି। ବିଶେଷକରି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଅଧୀନରେ ମାସିକ ଚାଉଳ ପାଉଥିବା ହିତାଧିକାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି।

ଆନ୍ଦୋଳନରତ ଯୋଗାଣ ସହାୟକମାନଙ୍କ କହିବା ଅନୁଯାୟୀ, ଦୀର୍ଘ ୧୪ ବର୍ଷ ଧରି ସେମାନେ ପଞ୍ଚାୟତ ସ୍ତରରେ ନିଜ ଦାୟିତ୍ୱ ତୁଲାଇ ଆସୁଥିଲେ ମଧ୍ୟ ଏବେ ସୁଦ୍ଧା ମାସିକ ମାତ୍ର ୮ ହଜାର ଟଙ୍କା ପାରିଶ୍ରମିକରେ ସୀମିତ ରହିଛନ୍ତି। ଦୀର୍ଘ ବର୍ଷର କାର୍ଯ୍ୟ ଅଭିଜ୍ଞତା ଓ ବର୍ଦ୍ଧିତ ଜୀବନଯାପନ ଖର୍ଚ୍ଚକୁ ଦୃଷ୍ଟିରେ ରଖି ମାସିକ ଦରମା ବୃଦ୍ଧି ସହ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ସେମାନେ ଦାବି କରି ଆସୁଛନ୍ତି। ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ନିଜର ଦାବି ଓ ଅଭିଯୋଗ ଉପସ୍ଥାପନ କରିଥିଲେ ମଧ୍ୟ ଏଯାଏଁ ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, ଗତ ଜୁଲାଇ ମାସରେ ରାଜ୍ୟର ସମସ୍ତ ଯୋଗାଣ ସହାୟକ ଭୁବନେଶ୍ୱରଠାରେ ଏକତ୍ରିତ ହୋଇ ନିଜର ଦାବି ପୂରଣ ପାଇଁ ଆନ୍ଦୋଳନ କରିଥିଲେ। ସେହି ସମୟରେ ସାତ ଦିନ ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ସେମାନେ କହିଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ଦାବି ପୂରଣ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ସେମାନଙ୍କ ଅଭିଯୋଗ। ଫଳରେ ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ପୁଣିଥରେ ଆନ୍ଦୋଳନର ପଥ ଆପଣାଇଛନ୍ତି ଯୋଗାଣ ସହାୟକମାନେ। ଦରମା ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ଦାବି ପୂରଣ ନହେବା ପର୍ଯ୍ୟନ୍ତ ରାଜରାସ୍ତାରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ଦୃଢ଼ ମତ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ, ଏହି ଆନ୍ଦୋଳନ ଯୋଗୁଁ ପଞ୍ଚାୟତ ସ୍ତରରେ ପିଡିଏସ୍ ସାମଗ୍ରୀ ବଣ୍ଟନ ଓ ହିତାଧିକାରୀଙ୍କ ସମ୍ବନ୍ଧିତ କାର୍ଯ୍ୟ କେତେଦୂର ପ୍ରଭାବିତ ହେଉଛି, ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ଦୀର୍ଘଦିନ ଧରି ଆନ୍ଦୋଳନ ଜାରି ରହିଲେ ଏହାର ପ୍ରଭାବ ଗ୍ରାମାଞ୍ଚଳର ଗରିବ ଓ ଅସହାୟ ହିତାଧିକାରୀଙ୍କ ଉପରେ ଅଧିକ ପଡ଼ିବାର ଆଶଙ୍କା ରହିଛି। ତେଣୁ ଯୋଗାଣ ସହାୟକମାନଙ୍କ ଦାବି ଉପରେ ସରକାର ଆଲୋଚନା କରି ଏକ ସମାଧାନର ପଥ ବାହାର କରିବା ସହ ପିଡିଏସ୍ ହିତାଧିକାରୀଙ୍କୁ ନିୟମିତ ଚାଉଳ ଯୋଗାଣ ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ହେଉଛି।

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ



ମାଲିକାନଗିରି, ୩।୧୦ (ସଂଚାର ବ୍ୟୁରୋ): ମୁରୁମ ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚକା ତଳେ ଚାପି ହୋଇ ଜଣେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଗୋଲାଗୁଡ଼ା ଗ୍ରାମର ମଙ୍ଗୁଲୁ କସରିଆଙ୍କ ପୁଅ ଶଙ୍କର କସରିୟା ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପଡ଼ିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଜେସିବି ସହାୟତାରେ ଓଲଟି ପଡ଼ିଥିବା ଟ୍ରାକ୍ଟରକୁ ଉଠାଇବା ପରେ ପୋଲିସ ମୃତଦେହକୁ ଉଦ୍ଧାର କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣାପଡିଛି। ଏନେଇ ପଡ଼ିଆ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।



ପୁରୀର ମଠାଧୀଶମାନେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପୁରୀର ବିଭିନ୍ନ ମଠ ମନ୍ଦିରର ଉନ୍ନତିକରଣ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟକର ଚାଉଳ ବ୍ୟବସାୟ ଶିଖର ସମ୍ମିଳନୀ ୨୦୨୬

# ବିଶ୍ୱ ଖାଦ୍ୟ ସୁରକ୍ଷାରେ ଓଡ଼ିଶାର ରହିବ ଗୁରୁତ୍ୱପୂର୍ଣ୍ଣ ଭୂମିକା

**● ୬ କୋଟି ଟଙ୍କାର ବ୍ୟାବସାୟିକ ପ୍ରତିଶ୍ରୁତି ପାଇଁ ୪ଟି ଏମଓୟୁ ସ୍ୱାକ୍ଷରିତ**



ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଏକ ବଜାର-କୈନ୍ଦ୍ରିକ, ସ୍ଥାୟୀ ଓ ଭବିଷ୍ୟତ-ଉପଯୋଗୀ କୃଷି ବ୍ୟବସ୍ଥା ଗଠନ ଉଦ୍ଦେଶ୍ୟରେ ଆଜି ଏଠାରେ 'ଓଡ଼ିଶା ସ୍ୱାସ୍ଥ୍ୟକର ଚାଉଳ ବ୍ୟବସାୟ ଶିଖର ସମ୍ମିଳନୀ ୨୦୨୬' ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗ, ଓଆରଏମଏଏସ ଓ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା (ଆଇଆରଆରଆଇ)ର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ନେତୃତ୍ୱାଧୀନ ଉତ୍ପାଦକ ଗୋଷ୍ଠୀ, ପୋଷଣଯୁକ୍ତ ଚାଉଳ ପ୍ରସେସର, ଶିଳ୍ପ ପ୍ରତିନିଧି ଓ ଗବେଷଣା ଅନୁଷ୍ଠାନଗୁଡ଼ିକ ଯୋଗଦେଇଥିଲେ। ଓଡ଼ିଶାର ଧାନ ଚାଷକୁ ପାରମ୍ପରିକ ପଦ୍ଧତିରୁ ଏକ ମୂଲ୍ୟ-ଆଧାରିତ, ବ୍ୟାବସାୟିକ ଏବଂ କୃଷକ-କୈନ୍ଦ୍ରିକ ଅର୍ଥବ୍ୟବସ୍ଥାକୁ ରୂପାନ୍ତରିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

ଆଇଆରଆରଆଇ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବୈଷୟିକ ଗବେଷଣା ସହାୟତାରେ, ରାଜ୍ୟ ସରକାର କମ୍ ଜିଆଇ ଏବଂ ଅତି-କମ୍ ଜିଆଇ ବିଶିଷ୍ଟ, ଉଚ୍ଚ ପ୍ରୋଟିନ୍ ଓ ଅଣୁ-ପୁଷ୍ଟିକର ଉପାଦାନଯୁକ୍ତ କିସମ ଏବଂ 'କଳାଜୀରା' ଆଦି ପାରମ୍ପରିକ ସୁଗନ୍ଧିତ ଚାଉଳ ପରି ପୁଷ୍ଟିସାର-ସମୃଦ୍ଧ ଫସଲ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗରେ ଉନ୍ନତ ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ ସେବା ପାଇଁ ଏକ ଅତ୍ୟାଧୁନିକ 'ସ୍ପେଶାଲିଟି ରାଇସ୍ ଆଣ୍ଡ ମିଲେଟ୍' ସୁବିଧା ଜରିଆରେ ଏହି ଫସଲର ଚାଷ ପରିସରକୁ ବର୍ତ୍ତମାନର ୧,୨୦୦ ହେକ୍ଟରରୁ ଆଗାମୀ ୪ରୁ ୫ ବର୍ଷ ମଧ୍ୟରେ ୧୦ ହଜାର ହେକ୍ଟରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀମାନଙ୍କୁ ସଶକ୍ତ କରିବା ଓ ଗ୍ରାମୀଣ ଆୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ପାରମ୍ପରିକ ଧାନ ଉତ୍ପାଦନରୁ ଊର୍ଦ୍ଧ୍ୱକୁ ଉଠି ଏକ ମୂଲ୍ୟଭିତ୍ତିକ ଏବଂ କୃଷକ-କୈନ୍ଦ୍ରିକ ଧାନ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଛି। ଆଗାମୀ ଦିନରେ ଭବିଷ୍ୟତର ବିଶ୍ୱ ଖାଦ୍ୟ ସୁରକ୍ଷା ଆବଶ୍ୟକତା ପୂରଣ କରିବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆମର ଚାଷୀ, କୃଷକ ଉତ୍ପାଦକ ସଂଗଠନ, ଗବେଷଣା ଅନୁଷ୍ଠାନ, ଶିଳ୍ପସଂସ୍ଥା ଓ ବଜାରକୁ ଏକାଠି କରି ଆମେ ସ୍ୱାସ୍ଥ୍ୟକର ଓ ପୁଷ୍ଟିଯୁକ୍ତ ଚାଉଳକୁ ପ୍ରୋତ୍ସାହିତ କରିପାରିବା, ମୂଲ୍ୟ ସଂଯୋଜନାକୁ ସୁଦୃଢ଼ କରିପାରିବା ଏବଂ ଆମ ଚାଷୀମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗ ସୃଷ୍ଟି କରିପାରିବା। ଓଡ଼ିଶାର ସ୍ୱାସ୍ଥ୍ୟକର ଚାଉଳକୁ କ୍ଷେତରୁ ଜାତୀୟ ଓ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ଆବଶ୍ୟକ ଭିତ୍ତିଭୂମି, ନୀତିଗତ ଓ ଆନୁଷ୍ଠାନିକ ସହାୟତା ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

### ପାଇପ୍ ଜଳଯୋଗାଣ ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଧାର୍ଯ୍ୟ ସମୟରେ ସମସ୍ତ ନିର୍ମାଣ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

**ନିର୍ମାଣରେ ବିଳମ୍ବ ପାଇଁ ହେବ କାର୍ଯ୍ୟାନୁଷ୍ଠାନ**



ଭୁବନେଶ୍ୱର, ୩।୧୦ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ତଥା ଚିଲିକା ନିର୍ବାଚନମଣ୍ଡଳୀରେ ପାଇପ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଚିଲିକା-ଟାଙ୍ଗୀ-ବାଣପୁର ପାଇପ୍ ଜଳଯୋଗାଣ ପ୍ରକଳ୍ପ, ବାଣପୁର ବ୍ଲକ୍ ଅନ୍ତର୍ଗତ ରାଣୀପଡ଼ା କ୍ଲଷ୍ଟର ଓ ବେଗୁନିଆ-ବୋଲଗଡ଼ ପ୍ରକଳ୍ପ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ଏଥିସହ ବାଲିପାଟଣା, ବାଲିଅନ୍ତା ଓ ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପ ନେଇ ଆଲୋଚନା ହୋଇଥିଲା।

ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପାଇପ ଯୋଗେ ସବୁ ପରିବାରକୁ ବିଶୁଦ୍ଧ ପାଇପ ଜଳ ଯୋଗାଇବା ଲକ୍ଷ୍ୟ ପୂରଣ କରିବାକୁ ହେଲେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗକୁ ନେବାକୁ ପଡ଼ିବ। ଏଥିସହ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ଜବରଦଖଲ ଉଚ୍ଛେଦ ଆଦି ସମସ୍ୟାକୁ ଉପଯୁକ୍ତ କର୍ତ୍ତୃପକ୍ଷ ମାଧ୍ୟମରେ ସମାଧାନ କରିବାକୁ ପଡ଼ିବ। ଏଥିସହ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ ଆଗାମୀ ୩୦ରୁ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏହାଦ୍ୱାରା ଅଯଥା ଭଙ୍ଗାରୁଜାରୁ ମୁକ୍ତି ମିଳିବ ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଲେ ଯେ ଅନେକ ସମୟରେ ଠିକା ସଂସ୍ଥାମାନେ କାର୍ଯ୍ୟଭାର ହାତକୁ ନେବା ପରେ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକୁ ଅଯଥା ବିଳମ୍ବ କରୁଥିବା ଦେଖାଯାଉଛି। ଏସବୁ କ୍ଷେତ୍ରରେ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନେ କାର୍ଯ୍ୟ ତଦାରଖ କରିବା ସହ ଆବଶ୍ୟକ ହେଲେ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍, ପାନୀୟ ଜଳଯୋଗାଣ ନିର୍ଦ୍ଦେଶକ ବିନୀତ୍ ଭରଦ୍ୱାଜ, ଖୋରଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ ରତ୍ନାକର ସିଆଳ, ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ ଅଧିକାରୀ ଗଜାନନ ଲାଡେ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ମୁଖ୍ୟ ଯନ୍ତ୍ରୀ ମନୋରଞ୍ଜନ ଜେନା, ଚିଲିକା ବିଡିଓ ପୁନମ୍ ମହାପାତ୍ର, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀ ଉପସ୍ଥିତ ଥିଲେ।

## ଷଣ୍ଢକୁ ଧକ୍କାଦେଲା ବାଇକ୍, ଅନ୍ତର୍ଜାତୀୟ ପର୍ବତାରୋହୀଙ୍କ ମୃତ୍ୟୁ



କେନ୍ଦୁଝର,୩।୧୦(ସଂଚାର ବ୍ୟୁରୋ): ୨୦୦ ଫୁଟିଆ ରାସ୍ତାରେ ଏକ ଷଣ୍ଢ ସହ ବାଇକ୍ ଧକ୍କା ହେବା ଫଳରେ ଓଡ଼ିଶାର ଗର୍ବ ତଥା ଅନ୍ତର୍ଜାତୀୟ ପର୍ବତାରୋହୀ ଇଞ୍ଜିନିୟର ଜଗନ୍ନାଥ ମହାନ୍ତଙ୍କ ମୃତ୍ୟୁ ଘଟିଛି। ଜଗନ୍ନାଥଙ୍କ ଘର କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଭାଗିମୁଣ୍ଡା ପଞ୍ଚାୟତର ନୂଆଗାଁ ଚାନ୍ଦପୋଷିରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ଏକ ସଫ୍ଟୱେର୍ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ସେ ଗତ ଗୁରୁବାର ସନ୍ଧ୍ୟାରେ ସେ ଡ୍ୟୁଟି ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ୨୦୦ ଫୁଟିଆ ରାସ୍ତାରେ ଅଚାନକ ଏକ ଷଣ୍ଢକୁ ତାଙ୍କ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ସହ ଜଗନ୍ନାଥ କିଛି ଦୂରକୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥ ଦୁଃସାହସିକ ପର୍ବତାରୋହଣ, ସମାଜସେବା ଓ ମାନବିକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜଣେ ଅନ୍ତର୍ଜାତୀୟ ପର୍ବତାରୋହୀ ଭାବେ ସେ ବିଭିନ୍ନ ସାହସିକ ଅଭିଯାନରେ ସାମିଲ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ପର୍ବତାରୋହଣ ପାଇଁ ତାଙ୍କ ନାମ ଓ୍ୱାର୍ଲ୍ଡୱାଇଡ ବୁକ୍ ଅଫ ରେକର୍ଡ୍ସ, ଇଣ୍ଟରନ୍ୟାସନାଲ ବୁକ୍ ଅଫ ରେକର୍ଡ୍ସ, ୟୁନିଭର୍ସାଲ ବୁକ୍ ଅଫ ରେକର୍ଡ୍ସ ଓ ଇଣ୍ଡିଆନ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛି। ସେ ୨୦୨୧ରେ ଗ୍ଲୋବାଲ ଚେଞ୍ଜ ମେକର୍ ସମ୍ମାନ ପାଇଥିଲେ। ତାଙ୍କର ସ୍ୱପ୍ନ ଥିଲା, ଦିନେ ଏଭରେଷ୍ଟ ଶିଖର ଛୁଇଁବେ। ହେଲେ ଏବେ ତାଙ୍କର ସେହି ସ୍ୱପ୍ନ ଅଧୁରା ରହିଗଲା। ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଗନ୍ନାଥଙ୍କ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆଜି କ୍ୟାପିଟାଲ ହସ୍ପିଟାଲରେ ପୁଲିସ୍ ମୃତଦେହର ବ୍ୟବଚ୍ଛେଦ ପରେ ଏହାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**● ଖୁଦୁରୁକୁଣୀ ମେଢ଼ ଭସାଣି ବେଳେ ଆକ୍ରମଣ**

## ପ୍ରସେସନ ବନ୍ଦ କରିବାରୁ ପୁଲିସ୍‌କୁ ମାଡ଼

କେନ୍ଦୁଝର,୩।୧୦(ସଂଚାର ବ୍ୟୁରୋ): ଖୁଦୁରୁକୁଣୀ ମେଢ଼ ଭସାଣି ବେଳେ ପୁଲିସ୍‌କୁ ଆକ୍ରମଣ ହୋଇଛି। ଫଳରେ ଜଣେ ସବ୍-ଇନ୍ସପେକ୍ଟରଙ୍କ ମୁଣ୍ଡ ଫାଟିଥିବା ବେଳେ ଜଣେ କନଷ୍ଟେବଲ ଆହତ ହୋଇଛନ୍ତି। ଏହି ମାମଲାରେ ୪ ଜଣଙ୍କୁ ଉଠାଇନେଇ ପୁଲିସ ଅଟକ ରଖିଛି। କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ଦମ୍ପୁର୍ହି ଗାଁରେ ଗତକାଲି ରାତିରେ ଏଭଳି ଘଟଣା ଘଟିଛି। ମିଳିଥିବା ସୂଚନାନୁଯାୟୀ, ଘଷିପୁରା ଦମ୍ପୁର୍ହିରେ ଗତକାଲି ରାତି ୧୦ଟା ବେଳେ ଖୁଦୁରୁକୁଣୀ ପ୍ରସେସନ ଚାଲିଥିଲା। ତେବେ ଏତିକି ବେଳେ ସେଠାରେ ପୁଲିସ ପହଞ୍ଚି ପ୍ରସେସନ ବନ୍ଦ କରିବାକୁ କହିଥିଲା। ଏହାକୁ ନେଇ ପୁଲିସ ସହ ସ୍ଥାନୀୟ ଲୋକଙ୍କର ଯୁକ୍ତିତର୍କ ହୋଇଥିଲା। ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଏତିକି ବେଳେ କିଛି ଲୋକ ଅଚାନକ ପୁଲିସ ଉପରକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଜଣେ ସବ୍-ଇନ୍ସପେକ୍ଟରଙ୍କ ମୁଣ୍ଡ ଫାଟିଥିବା ବେଳେ ଜଣେ କନଷ୍ଟେବଲ ଆହତ ହୋଇଛନ୍ତି।

## ନଦୀରେ ଗାଧୋଇବାବେଳେ ବୁଡ଼ିଗଲେ ଦୁଇ ନାବାଳକ



ଜଳେଶ୍ୱର,୩।୧୦(ସଂଚାର ବ୍ୟୁରୋ): ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ବସ୍ତି ନିକଟସ୍ଥ ସାଜଲ ଘାଟରେ ଆଜି ପୂର୍ବାହ୍ଣରେ ସୁବର୍ଣ୍ଣରେଖା ନଦୀରେ ଗାଧୋଉଥିବା ସମୟରେ ଜଳ ସ୍ରୋତରେ ଭାସିଯାଇ ଦୁଇ ଜଣ ନାବାଳକ ନିଖୋଜ ହୋଇଯାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ୫ ଜଣ ସାଙ୍ଗ ମିଶି ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଉଥିବା ସମୟରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ସାଙ୍ଗ ହଠାତ୍ ନଦୀର ଅଧିକ ଗଭୀରତାକୁ ଚାଲିଯିବାରୁ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସାଙ୍ଗମାନେ ପାଖରେ ଥିବା ଲୋକଙ୍କୁ ଡାକିବାରୁ ସ୍ଥାନୀୟ ଲୋକେ ତୁରନ୍ତ ପହଞ୍ଚି ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ପାଇପାରି ନ ଥିଲେ। ଖବର ପାଇ ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ନିଖୋଜ ନାବାଳକଦ୍ୱୟଙ୍କୁ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କର କୌଣସି ପତ୍ତା ପାଇପାରିନାହାନ୍ତି।

## ପାଗଳା କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ



ଗୁଣପୁର,୩।୧୦(ସଂଚାର ବ୍ୟୁରୋ): ଆଜି ସକାଳୁ ମଧ୍ୟାହ୍ନ ୩ଟା ମଧ୍ୟରେ ଗୁଣପୁର ସହରରେ ଏକ କୁକୁର ଲୋକଙ୍କୁ କାମୁଡ଼ିଚାଲିଛି। ଏହି କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଗୋଟିଏ ଦିନରେ ଏତେ ସଂଖ୍ୟକ କୁକୁରକାମୁଡ଼ା ରୋଗୀ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିବାରୁ ଚିକିତ୍ସକମାନେ ବ୍ୟସ୍ତ ହୋଇପଡ଼ିଥିଲେ। ତେବେ ସମସ୍ତ ଆହତଙ୍କୁ ଠିକ୍ ସମୟରେ ଆବଶ୍ୟକ ଚିକିତ୍ସା ଓ ସୁବିଧା ଯୋଗାଇ ଦିଆଯାଇଥିବା ଡାକ୍ତର କହିଛନ୍ତି। ଆହତମାନଙ୍କୁ ଆଣ୍ଟି-ରାବିଜ ଟିକା ଦିଆଯିବା ସହ ଆବଶ୍ୟକ ଔଷଧ ଓ ଇଞ୍ଜେକ୍ସନ ଦିଆଯାଇଛି।

### ଅବକାରୀ ବିଭାଗର ଚଢ଼ାଉ

# ୩୮ ଲିଟର ମଦ ଜବତ, ୨ ଗିରଫ



ଯାଜପୁର ରୋଡ, ୩।୧୦ (ସଂଚାର ବ୍ୟୁରୋ): ଯାଜପୁର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ କୋରେଇ ଥାନା ଅନ୍ତର୍ଗତ ଗୋପାଳପୁର ଓ ଯାଜପୁର ରୋଡ ଥାନା ଅନ୍ତର୍ଗତ ମୁଣ୍ଡାମାଳରେ ଚଢ଼ାଉ କରାଯାଇଥିଲା। କୋରେଇର ତୋରନ୍ଦା ଅଞ୍ଚଳରୁ ୨.୮୮୦ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଯାଜପୁର ରୋଡର ମୁଣ୍ଡମାଳ ଅଂଚଳରୁ ୩୫ ଲିଟର ଦେଶୀ ମଦ ସହ ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟି ଜବତ କରାଯାଇଛି। ଏହି ଚଢ଼ାଉ ବେଳେ ପୂର୍ଣ୍ଣଚନ୍ଦ୍ର ବେହେରା, ସଞ୍ଜୟ ମଲ୍ଲିକ ଅଭିଯୁକ୍ତଙ୍କୁ ୨ଟି ଅବକାରୀ ମାମଲାରେ ଚିହ୍ନଟ ହୋଇ ଡୋଲିପୁର ଅବକାରୀ ବିଭାଗ ଷ୍ଟେସନରେ କେଶ୍ ନଂ ୧୬୮/୨୬-୨୭ ଓ ୧୬୯/୨୬-୨୭ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛି। ଏହି ଚଢ଼ାଉରେ ସାମିଲ ଥିଲେ ଡୋଲିପୁର ଅବକାରୀ ଷ୍ଟେସନ ଭାରପ୍ରାପ୍ତ ଅଧିକାରୀ ରାମେଶ୍ୱର ମହାନ୍ତି, ଏଏସଆଇ ରଶ୍ମିରେଖା ଜେନା, କନଷ୍ଟେବଳ ମାଳତୀ ମାଝୀ ଓ ବିକ୍ରମ ବେହେରା।

### ସ୍କୁଲ ଛାତ୍ରଙ୍କ ମଧ୍ୟରେ ମାରପିଟ୍

# ନବମ ଛାତ୍ରଙ୍କ ମାଡ଼ରେ ଦୁଇ ଦଶମ ଛାତ୍ର ଲହୁଲୁହାଣ

ବ୍ରହ୍ମପୁର,୩।୧୦(ସଂଚାର ବ୍ୟୁରୋ): ଭଲ ପାଠ ପଢ଼ି ଭବିଷ୍ୟତ ଗଢ଼ିବାକୁ ସ୍ୱପ୍ନ ଦେଖିବା ବଦଳରେ ଏବେ ସ୍କୁଲରେ ମାରପିଟ୍ ଭଳି ଘଟଣା ଦେଖିବାକୁ ମିଳୁଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ବ୍ରହ୍ମପୁର ସହରର ଏକ ସ୍କୁଲରେ ଘଟିଥିବା ସାମ୍ନାକୁ ଆସିଛି। ଉକ୍ତ ସ୍କୁଲର ଦୁଇ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ଦୁଇ ଜଣ ନବମ ଶ୍ରେଣୀ ଛାତ୍ର କେତେକ ଅଣଛାତ୍ରଙ୍କ ସହାୟତାରେ ସ୍କୁଲ ନିକଟରୁ ଟାଣି ନେଇ ଏମ୍‌କେସିଜି ଏଫ୍‌ଏମ୍‌ଟି ବିଭାଗ ପଛପଟେ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ଆହତ ଦୁଇ ଛାତ୍ର ହେଲେ ଲୋକନାଥ ବେହେରା ଓ ତାଙ୍କ ସାଙ୍ଗ ସୌରଭ ସାହୁ। ଘଟଣାକୁ ନେଇ ଆହତ ଛାତ୍ରଙ୍କ ଅଭିଭାବକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି।

ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଦୁଇ ନବମ ଶ୍ରେଣୀ ଛାତ୍ରଙ୍କ ମୋବାଇଲ ଫୋନ୍ ସ୍କୁଲରେ ଶିକ୍ଷକ ଜବତ କରିନେଇଥିଲେ। ଏହାକୁ କେନ୍ଦ୍ରକରି ଉକ୍ତ ଦୁଇ ଦଶମ ଶ୍ରେଣୀ ଛାତ୍ରଙ୍କୁ ଟାର୍ଗେଟ କରି ଏହି ଘଟଣା ଘଟାଯାଇଥିବା ପୁଲିସ ଜାଣିବାକୁ ପାଇଛି। ଏହି ଘଟଣା ଘଟାଇ ଫେରାର ଥିବା ଛାତ୍ର ଓ ଅଣଛାତ୍ରଙ୍କୁ ଧରିବା ପାଇଁ ପୁଲିସର ପ୍ରୟାସ ଜାରି ରହିଛି। ଏନେଇ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାତୀ ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆଜି ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଥିଲା। ତେବେ ସ୍କୁଲ ଭିତରେ କୌଣସି ହିଂସା ଘଟିନାହିଁ। କିଛି ଛାତ୍ରଙ୍କୁ ସ୍କୁଲ ବାହାରେ ଆକ୍ରମଣ କରାଯାଇଥିବା ଶୁଣିବାକୁ ମିଳିଛି ବୋଲି ସେ କହିଛନ୍ତି। ତେବେ ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ଶିକାରୀଙ୍କ ଉପରେ ବନ ବିଭାଗର ଆକ୍ସନ: ୨ ଗିରଫ




ନୀଳଗିରି,୩।୧୦(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା କୁଲଡିହା ଅଭୟାରଣ୍ୟରେ ଶିକାରୀଙ୍କ ବିରୋଧରେ ବନ ବିଭାଗର ବଡ଼ ଚଢ଼ାଉ। ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି କୁଳଡ଼ିହା ବନ ବିଭାଗ। ଗତ କିଛି ଦିନ ହେଲା କୁଳଡ଼ିହାରେ ଶିକାରୀଙ୍କ ପ୍ରାଦୁର୍ଭାବ କ୍ରମାଗତ ଭାବେ ବଢ଼ିଚାଲିଛି। ଖିମକୁଟ ଅଞ୍ଚଳର ଖୁମକୁଟ ଅଞ୍ଚଳର ନନ୍ଦିଆ ମୁର୍ମୁ ଓ ଶ୍ୟାମ ସିଂ ପୂର୍ବରୁ ବହୁ ଥର ଅବାଧ ଶିକାରୀ କରି ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ହଠାତ୍ ଚଢ଼ାଉ କରିଥିଲା ବନ ବିଭାଗ। ଦୁଇ ଜଣକୁ ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶିକାରୀଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଫାଶ ଜାଲ, ବାରୁଦ ଓ ଧନୁତୀର ଆଦି ଜବତ କରାଯାଇଛି। କୁଳଡିହା ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ଶିକାର ରୋକିବା ପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଓ ନଜରଦାରୀକୁ ଜୋରଦାର କରାଯାଇଛି। ଜଙ୍ଗଲ ଭିତରେ ଅବାଧ ଶିକାର ରୋକିବା ସହ ଶିକାରୀଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଲଜ୍‌କୁ ଡାକି ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ

ହାଟଡିହି,୩।୧୦(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ଅଞ୍ଚଳରେ ଜଣେ ଯୁକ୍ତ-୩ ଛାତ୍ରୀଙ୍କୁ ଲଜ୍‌ରେ ଦୁଷ୍କର୍ମ କରାଯାଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ୧୮୨/୨୬ ନମ୍ବରରେ ମାମଲା ରୁଜୁ କରି ମୁଣ୍ଡୁକାଟି ଗ୍ରାମର ଅଭିଯୁକ୍ତ ରଞ୍ଜନ ସେଠୀ (୨୯)ଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣଙ୍କ କୌଣସି ଏକ ବାହାନା କରି ପୀଡ଼ିତାଙ୍କୁ ଲଜ୍‌କୁ ଡାକିବା ପରେ ସେଠାରେ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ପୀଡ଼ିତା ଜଣଙ୍କ ଶାଳପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ବୋଲି ଜଣାପଡ଼ିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଘର ପାଖାପାଖି ଅଞ୍ଚଳରେ ହୋଇଥିବା ବେଳେ ପୁଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ଘଟଣାର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରାଯିବ ବୋଲି ଜଣାପଡ଼ିଛି।

### ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ନାର୍କୋ କୋର୍ଡିନେସନ ବୈଠକ

# ନିଶାମୁକ୍ତ ଓଡ଼ିଶା ପାଇଁ ସମନ୍ୱିତ ପଦକ୍ଷେପ ନିର୍ଦ୍ଦେଶ



**● ନିୟମିତ ଯାଞ୍ଚ, ଅଚାନକ ଚଢ଼ାଉ ଓ ତଦାରଖ ଉପରେ ଗୁରୁତ୍ୱ**
**● ଶିକ୍ଷାନୁଷ୍ଠାନ ନିକଟରୁ ପାନ ଦୋକାନ ହଟେଇବାକୁ ପରାମର୍ଶ**

ଭୁବନେଶ୍ୱର,୩।୧୦ (ସଂଚାର ବ୍ୟୁରୋ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅଷ୍ଟମ ରାଜ୍ୟସ୍ତରୀୟ ନାର୍କୋ କୋଅର୍ଡିନେସନ୍ ସେଣ୍ଟରର ଏକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ନିଶାଦ୍ରବ୍ୟର ଅବୈଧ କାରବାର ଓ ବ୍ୟବହାର ନିୟନ୍ତ୍ରଣ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ବୈଠକରେ ନିଶାଦ୍ରବ୍ୟର ଚାହିଦା ହ୍ରାସ, ଜନସଚେତନତା, ନିଶାମୁକ୍ତି କେନ୍ଦ୍ରର ସୁଦୃଢ଼ୀକରଣ, ଯୁବପିଢ଼ିଙ୍କୁ କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟକଳାପ ସହ ଯୋଡ଼ିବା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଶାମୁକ୍ତ ପରିସର ଭାବେ ପରିଣତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ନିଶାଦ୍ରବ୍ୟର ଅବୈଧ ଚାଷ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ ନିରନ୍ତର ସଚେତନତା ସୃଷ୍ଟି ସହ ଚାଷୀମାନଙ୍କୁ ବିକଳ୍ପ ଚାଷ ଓ ଜୀବିକାର ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଗ୍ରାମସ୍ତରରେ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳା ଓ ବିକଳ୍ପ ଚାଷ ସଂପର୍କରେ ଲୋକଙ୍କୁ ସଚେତନ କରାଯିବା ନେଇ ଆଲୋଚନା ହୋଇଥିଲା।

ରାଜ୍ୟରେ ନିଶାଦ୍ରବ୍ୟର ଅବୈଧ କାରବାର ରୋକିବାକୁ ଅଭିଯାନରେ ୬ଟି ଆନ୍ତଃରାଜ୍ୟ ନିଶାଦ୍ରବ୍ୟ ସିଣ୍ଡିକେଟ୍ ଚିହ୍ନଟ କରାଯାଇ ନିଶାଦ୍ରବ୍ୟର ଅବୈଧ କାରବାର ବିରୋଧରେ ପଦକ୍ଷେପ ନିଆଯାଇଛି। ନିଶାମୁକ୍ତ ସମାଜ ଗଠନ ପାଇଁ କେବଳ ଆଇନଗତ ଓ ଦଣ୍ଡାତ୍ମକ ପଦକ୍ଷେପ ନୁହେଁ, ବରଂ ସଚେତନତା, ନିଶାମୁକ୍ତି ସେବା, ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ, ବିକଳ୍ପ ଜୀବିକା ଏବଂ ସମୁଦାୟର ସହଭାଗିତାକୁ ସମାନ ଗୁରୁତ୍ୱ ଦେଇ ଆଗେଇବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ବୈଠକରେ ନିଶା ନିୟନ୍ତ୍ରଣ ପାଇଁ ଜିଲ୍ଲାସ୍ତରରେ ନିୟମିତ ନାର୍କୋ କୋର୍ଡିନେସନ ବୈଠକ ଓ ଆନ୍ତଃବିଭାଗୀୟ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ନିଶାଦ୍ରବ୍ୟ ନିୟନ୍ତ୍ରଣ ସହିତ ପ୍ରଭାବିତ ଓ ସମ୍ବେଦନଶୀଳ ଅଞ୍ଚଳର ଲୋକଙ୍କ ପାଇଁ ବିକଳ୍ପ ଜୀବିକାର ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଶାମୁକ୍ତ ପରିସର ଭାବେ ଘୋଷଣା କରିବା, ବିଦ୍ୟାଳୟ ସ୍ତରରେ ଆଭ୍ୟନ୍ତରୀଣ କମିଟି ଗଠନ କରି ଛାତ୍ରଛାତ୍ରୀଙ୍କ ଉପରେ ନିୟମିତ ନଜର ରଖିବା ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଛନ୍ତି। ଶିକ୍ଷାନୁଷ୍ଠାନ ନିକଟରେ ପାନ ଦୋକାନ ନ ରହିବାକୁ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଅକ୍ଟୋବର ୨ରେ ଅବକାରୀ ବିଭାଗର ଚଢ଼ାଉ

**■ ୨୭ ଅବକାରୀ ମାମଲା ରୁଜୁ, ୨୭୪.୮୮ ଲିଟର ଚୋରା ମଦ ଜବତ**

କଟକ, ୩।୧୦(ସଂଚାର ବ୍ୟୁରୋ): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ୨ ଅକ୍ଟୋବରକୁ ଡ୍ରାଏ ଡେ ଭାବେ ପାଳନ କରାଯାଇଥିବା ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ମଦ ଦୋକାନ ନିୟମ ଅନୁଯାୟୀ ବନ୍ଦ ରହିଥିଲା। ଏହି ଅବସରରେ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇ ବେଆଇନ ମଦ ବିକ୍ରୟ, ଠୁଳ ଓ ପରିବହନ ଉପରେ କଡ଼ା ନଜର ରଖାଯାଇଥିଲା। ଗତକାଲି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଓଡ଼ିଶା ଅବକାରୀ ଆଇନ, ୨୦୦୮ର ଧାରା ୫୨(କ) ଅନୁଯାୟୀ ମୋଟ ୨୭ଟି ମାମଲା ରୁଜୁ କରାଯାଇଛି। ଧରାପଡ଼ିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ଅଦାଲତକୁ ପଠାଯାଇଥିବାବେଳେ, ୧୪ ଜଣଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫(୩) ଅନୁଯାୟୀ ନୋଟିସ୍ ଜାରି କରି ଛାଡ଼ିଦିଆଯାଇଛି। ଏହି ଅଭିଯାନରେ ମୋଟ ୨୭୪.୮୮ ଲିଟର ମଦ ଜବତ କରାଯାଇଛି। ଏଥିରେ ୧୪ ଲିଟର ଚୋରା ଦେଶୀ ମଦ, ୫୨.୦୧ ଲିଟର ବିଦେଶୀ ମଦ, ୧୨୬.୪୫ ଲିଟର ବିୟର ଓ ୮୨.୪୨ ଲିଟର ଦେଶୀ ମଦ ରହିଛି। ଏଥିସହ ବେଆଇନ ଭାବେ ମଦ ବିକ୍ରୟ, ଗଚ୍ଛିତ କିମ୍ବା ପରିବହନ କରାଯାଉଥିବା ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ଅବକାରୀ ବିଭାଗର ଅଧିକାରୀମାନଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର
SANCHAR
ରବିବାର ୪ ଅକ୍ଟୋବର ୨୦୨୬
BUSINESS

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୦,୨୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୭,୭୬୦ ଟଙ୍କା ଛୁଇଁଛି ।ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୦,୨୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୭,୭୬୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୦,୨୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୭,୭୬୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୦,୪୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୭,୯୧୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୦,୨୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୭୬୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୦,୨୯୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୭,୭୬୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୪,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ହ୍ରାସ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ୟୁରୋପ ଷ୍ଟକ୍‌ରୁ ବଡ଼ ପରିମାଣର ଡିଜେଲ ଛାଡ଼ିବ



**ୱାଶିଂଟନ୍,୨।୧୦:** ଡିଜେଲ ଦର ବଢୁଥିବା ମଧରେ ୟୁରୋପୀୟ ଦେଶଗୁଡ଼ିକ ନିଜ ଷ୍ଟକ୍ରେ ଥିବା ବଡ଼ ପରିମାଣର ଡିଜେଲ ବଜାରକୁ ଛାଡ଼ିବାକୁ ରାଜି ହୋଇଥିବା ଦାବି କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଶୁକ୍ରବାର ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍ ପୋଷ୍ଟରେ କହିଛନ୍ତି ଯେ ୟୁରୋପ ନିଜ ପାଖରେ ମହଜୁଦ ଥିବା "ବହୁତ ବଡ଼ ପରିମାଣର ଡିଜେଲ" ଛାଡ଼ିବାକୁ ସହମତ ହୋଇଛି। ଏହି ପ୍ରକ୍ରିୟା ତୁରନ୍ତ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଡିଜେଲ ଯୋଗାଣ ବଢ଼ାଇବାକୁ ଆମେରିକା ଗତ କିଛି ଦିନ ଧରି ନିଜ ୟୁରୋପୀୟ ସହଯୋଗୀ ଦେଶଗୁଡ଼ିକୁ ଅନୁରୋଧ କରୁଥିଲା। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ଗୁରୁବାର କହିଥିଲେ ଯେ ୟୁରୋପୀୟ ଦେଶଗୁଡ଼ିକ ନିଜର ପୂର୍ବ ପ୍ରତିଶ୍ରୁତି ଅନୁସାରେ ଡିଜେଲ ଯୋଗାଣକୁ ଶୀଘ୍ର କରିବା ସହ ଅତିରିକ୍ତ ଯୋଗାଣ ମଧ ତୁରନ୍ତ ଉପଲବ୍ଧ କରାଇବା ଆବଶ୍ୟକ। ଶୁକ୍ରବାର ୟୁରୋପୀୟ ସଂଘର ସଦସ୍ୟ ଦେଶଗୁଡ଼ିକ ଇନ୍ଧନ ଦର ବୃଦ୍ଧି ନେଇ ଏକ ସମନ୍ୱିତ ପଦକ୍ଷେପ ବିଷୟରେ ଆଲୋଚନା କରିବାର ଥିଲା। ଫ୍ରାନ୍ସ ଓ ଜର୍ମାନୀ ନିଜ ଡିଜେଲ ଷ୍ଟକ୍ରୁ ଯୋଗାଣ କରୁ ବୋଲି ଆମେରିକା ଚାହୁଁଥିବା ରିପୋର୍ଟ ଆସିଥିଲା। ଇରାନକୁ ନେଇ ଆମେରିକାର ଯୁଦ୍ଧ ପରେ ଯୋଗାଣ ବ୍ୟବସ୍ଥାରେ ବାଧା ସୃଷ୍ଟି ହେବାରୁ ଡିଜେଲ ଦରରେ ବଡ଼ ବୃଦ୍ଧି ଘଟିଛି। ଏଏଫ୍‌ପି ପକ୍ଷରୁ ଉଦ୍ଧୃତ ତଥ୍ୟ ଅନୁସାରେ, ଯୁଦ୍ଧ ଆରମ୍ଭ ପରଠାରୁ ଆମେରିକାରେ ଡିଜେଲର ହାରାହାରି ଦର ୭୦ ପ୍ରତିଶତରୁ ଅଧିକ ବଢ଼ି ଗ୍ୟାଲନ୍ ପିଛା ୬.୩୯ ଡଲାରରେ ପହଞ୍ଚିଛି। ଡିଜେଲ ଟ୍ରକ୍, କୃଷି ଯନ୍ତ୍ର, ନିର୍ମାଣ ଉପକରଣ ଏବଂ ବିଭିନ୍ନ ଶିଳ୍ପରେ ବହୁଳ ଭାବେ ବ୍ୟବହାର ହୁଏ। ତେଣୁ ଡିଜେଲ ଦର ଦୀର୍ଘ ସମୟ ଧରି ଅଧିକ ରହିଲେ ପରିବହନ ଖର୍ଚ୍ଚ ବଢ଼ିବା ସହ ଅନ୍ୟ ସାମଗ୍ରୀର ଦର ଉପରେ ମଧ ପ୍ରଭାବ ପଡ଼ିପାରେ। ଏହା ମଧରେ ଆମେରିକା ଡିଜେଲ ରପ୍ତାନି ଉପରେ କଟକଣା ଲଗାଇବା ନେଇ ବିଚାର କରୁଛି। ଟ୍ରମ୍ପ ବୁଧବାର କହିଥିଲେ ଯେ ଡିଜେଲ ରପ୍ତାନି ଉପରେ ସମ୍ଭାବ୍ୟ ନିଷେଧ ନେଇ ସେ ବିଚାର କରୁଛନ୍ତି। ତେବେ ଏପରି ପଦକ୍ଷେପ ନିଆଗଲେ ଭବିଷ୍ୟତରେ ପେଟ୍ରୋଲ ଦର ମଧ ବଢ଼ିପାରେ ବୋଲି ଟ୍ରମ୍ପ ସ୍ୱୀକାର କରିଛନ୍ତି।ଆମେରିକାର ଶକ୍ତି ସଚିବ କ୍ରିସ୍ ରାଇଟ୍ ମଧ ୟୁରୋପୀୟ ସହଯୋଗୀ ଦେଶଗୁଡ଼ିକ ଡିଜେଲ ଦର କମାଇବା ପାଇଁ ପଦକ୍ଷେପ ଘୋଷଣା କରିବେ ବୋଲି ପୂର୍ବରୁ କହିଥିଲେ। ଆମେରିକା ଡିଜେଲ ରପ୍ତାନି ବନ୍ଦ କରିପାରେ ବୋଲି ଆସୁଥିବା ଖବରକୁ ନେଇ ୟୁରୋପୀୟ ଅଧିକାରୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ଇୟୁ ବାଣିଜ୍ୟ ମୁଖ୍ୟ ମାରୋସ୍ ସେଫକୋଭିଚ୍ କହିଛନ୍ତି ଯେ ଏପରି ପଦକ୍ଷେପ ୟୁରୋପ ପାଇଁ ଅପ୍ରତ୍ୟାଶିତ ହେବ ଏବଂ ଏହାର ଅର୍ଥନୀତି ଉପରେ ବଡ଼ ପ୍ରଭାବ ପଡ଼ିପାରେ। ଫ୍ରାନ୍ସର ବାଣିଜ୍ୟ ମନ୍ତ୍ରୀ ନିକୋଲାସ୍ ଫୋରିସିଏ ମଧ ଆମେରିକା ଡିଜେଲ ରପ୍ତାନି ବନ୍ଦ କରିବ ବୋଲି କଳ୍ପନା କରିବା କଷ୍ଟକର ବୋଲି କହିଛନ୍ତି। ଉଭୟ ପକ୍ଷ ପାଇଁ ଡିଜେଲ ଯୋଗାଣର ଗୁରୁତ୍ୱ ଥିବା ସେ କହିଛନ୍ତି। ବଢୁଥିବା ଇନ୍ଧନ ଦର ଉପରେ ଆଲୋଚନା ପାଇଁ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଜି୭ ଦେଶଗୁଡ଼ିକର ଏକ ଭିଡିଓ ବୈଠକ ଡାକିପାରନ୍ତି। ଏଥିରେ ଇନ୍ଧନ ମହଜୁଦ ଛାଡ଼ିବା ଏବଂ ଦର ନିୟନ୍ତ୍ରଣ ପାଇଁ ସମନ୍ୱିତ ପଦକ୍ଷେପ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ନଭେମ୍ବରରେ ଆମେରିକାର ମଧବର୍ତ୍ତୀ ନିର୍ବାଚନ ପୂର୍ବରୁ ଇନ୍ଧନ ଓ ଜୀବନଯାପନ ଖର୍ଚ୍ଚ ବୃଦ୍ଧି ଟ୍ରମ୍ପ ପ୍ରଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି।

# ୩ ଦିନରେ ପ୍ରତ୍ୟାହାର ହେଲାଣି ୨୯,୬୦୦ କୋଟି




**ମୁମ୍ବାଇ,୩।୧୦:** ପଶ୍ଚିମ ଏସିଆ ସଙ୍କଟକୁ ନେଇ ପରିବର୍ତ୍ତିତ ଭୂ-ରାଜନୈତିକ ସ୍ଥିତିରେ ବୈଶ୍ୱିକ ଶେୟାର ବଜାର ମାତ୍ରାଧିକ ପ୍ରଭାବିତ ହେବାରେ ଲାଗିଛି। ଅଶୋଧିତ ତୈଳର ଯୋଗାଣ ଶୃଙ୍ଖଳ ବ୍ୟାହତହେବା ସହ ମୂଲ୍ୟବୃଦ୍ଧି, ଆମେରିକୀୟ ଡଲାର ତୁଳନାରେ ଅନ୍ୟାନ୍ୟ ମୁଦ୍ରାର ଅବମୂଲ୍ୟାୟନକୁ ନେଇ ଶେୟାର ବଜାର ଅସ୍ଥିର ରହିଆସିଥିଲାବେଳେ ଆଶଙ୍କିତ ହୋଇପଡ଼ିଥିବା ନିବେଶକ ବିପୁଳ ପରିମାଣରେ ପୁଞ୍ଜି ପ୍ରତ୍ୟାହାର କରିବା ଘଟଣା ପ୍ରମୁଖ ଶେୟାର ବଜାରଗୁଡିକୁ ପ୍ରଭାବିତ କରିଛି। ଏହି କ୍ରମରେ ଭାରତୀୟ ଶେୟାର ବଜାର ମଧ ସର୍ବାଧିକ ପ୍ରଭାବିତ ହୋଇଛି। ବିଶେଷକରି ସଂସ୍ଥାଗତ ବିଦେଶୀ ବିନିଯୋଗକାରୀ(ଏଫ୍‌ଆଇଆଇ)ଙ୍କ ଦ୍ୱାରା କ୍ରମାଗତ ଶେୟାର ବିକ୍ରି ପ୍ରକ୍ରିୟା ବଜାର ପାଇଁ ଚିନ୍ତାର ବିଷୟ ପାଲଟିଛି। ବିଭିନ୍ନ କାରଣକୁ ନେଇ ପୂର୍ବରୁ ଏଫ୍‌ଆଇଆଇ ଭାରତୀୟ ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାର ଜାରି ରଖିଥିଲେ ହେଁ ଗତ ୩ ଦିନ ମଧରେ ସେମାନଙ୍କ ଦ୍ୱାରା ସର୍ବାଧିକ ଶେୟାର ବିକ୍ରି କରାଯିବା ଘଟଣା ବଜାର ତଥା ଘରୋଇ ନିବେଶକମାନଙ୍କ ପାଇଁ ପ୍ରତିକୂଳ ସ୍ଥିତି ଉତ୍ପନ୍ନ କରିଛି। ମାତ୍ର ୩ ଦିନ ମଧରେ ଏଫ୍‌ଆଇଆଇଙ୍କ ଦ୍ୱାରା ୨୯,୬୧୨.୮୫ କୋଟି ଟଙ୍କାର ଶେୟାର ବିକ୍ରି କରାଯାଇଛି। ଭାରତରେ ସୀମିତ ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ସୁଯୋଗ, ଟେକ୍ନୋଲୋଜି କ୍ଷେତ୍ରକୁ ନେଇ ଚିନ୍ତା, ଅଶୋଧିତ ତୈଳ ମୂଲ୍ୟବୃଦ୍ଧିଠାରୁ ଆରମ୍ଭକରି ଡଲାରର ଚାହିଦା ବୃଦ୍ଧି ଭଳି ଅନେକ କାରଣ ପୁଞ୍ଜି ପ୍ରତ୍ୟାହାରକୁ ପ୍ରୋତ୍ସାହିତ କରୁଛି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହାବ୍ୟତୀତ ଆମେରିକାର ୧୦ ବର୍ଷିଆ ବଣ୍ଡ ୟିଲ୍ଡ ମଧ ପୁଞ୍ଜି ପ୍ରତ୍ୟାହାରର ଅନ୍ୟ ଏକ କାରଣ ହୋଇଛି। ଅନେକ ଦଶନ୍ଧି ପରେ ଏହି ବଣ୍ଡ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ଘଟଣା ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କରିଛି; ଯେଉଁଥିପାଇଁ ସେମାନେ ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିନେଉଥିବା ବିଶେଷଜ୍ଞମାନେ କହିଛନ୍ତି।

# ରେନୋଇଣ୍ଡିଆ ନୂଆ ଟ୍ରାଇବର ୧୦୦ ପିଏସ୍‌ର ବଜାର ପ୍ରବେଶ

**ଭୁବନେଶ୍ୱର,୩।୧୦(ସଂଚାର ବ୍ୟୁରୋ):** ରେନୋଇଣ୍ଡିଆ ପକ୍ଷରୁ ନୂଆ ଟ୍ରାଇବର ୧୦୦ ପିଏସ୍ ଉନ୍ମୋଚନ ହୋଇଯାଇଛି। ଏଥିସହ ଭାରତରେ କମ୍ପାନୀର ରେନୋ ଗ୍ରୁପ୍ ଏଣ୍ଟ୍ରି ପ୍ଲାଟ୍‌ଫର୍ମ (ଆର୍‌ଜିଇପି)ର ଶୁଭାରମ୍ଭ ହୋଇଛି। ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଟ୍ରାଇବର ୧୦୦ ପିଏସ୍‌ରେ ମଡ୍ୟୁଲାର ୭-ସିଟ୍ ଓ ଏକ ୧୦୦ ପିଏସ୍ ଟର୍ବୋଚାର୍ଜଡ ପାୱାରଟ୍ରେନ୍ ରହିଛି। ଏହା ୭.୮୪ ଲକ୍ଷ ଟଙ୍କାର ଏକ୍ସ-ଶୋରୁମ୍ ମୂଲ୍ୟରେ ଉପଲବ୍ଧ। କମ୍ପାନୀର ପ୍ରଥମ ଆର୍‌ଜିଇପି ଉତ୍ପାଦ ଭାବେ ଏହାକୁ ଭବିଷ୍ୟତର ଗମନାଗମନ ଓ ପାୱାରଟ୍ରେନ୍ ସମାଧାନକୁ ନଜରରେ ରଖି ପ୍ରସ୍ତୁତ କରାଯାଇଛି। ଏଥିରେ କେବଳ ଉନ୍ନତ ପାୱାରଟ୍ରେନ୍ ବ୍ୟବହାର କରାଯାଇନାହିଁ, ବରଂ ଏହାକୁ ପୁନଃ ଇଞ୍ଜିନିୟରିଂ କରାଯାଇଛି। ଏହାର ଇଞ୍ଜିନ ପରିଚାଳନା, ଥର୍ମାଲ ସିଷ୍ଟମ, ଚେସିସ୍ ଟ୍ୟୁନିଂ ଓ ଢାଞ୍ଚାରେ ବ୍ୟାପକ ଉନ୍ନତି ଅଣାଯାଇଛି। ଟ୍ରାଇବର ୧୦୦ ପିଏସ୍‌ରେ ବ୍ୟବହାର କରାଯାଇଥିବା ଟିସିଇ ୧୦୦ ଇଞ୍ଜିନ ୧୦୦ ପିଏସ୍ ଓ ୧୮୦ ଏନ୍‌ଏମ୍ ଟର୍କ ଉତ୍ପନ୍ନ କରୁଛି ଯାହା ବିଭିନ୍ନ ସଡ଼କ ସ୍ଥିତିରେ ଉନ୍ନତ ଗାଡ଼ିଚାଳନା ସୁବିଧା ପ୍ରଦାନ କରୁଛି। ନୂଆ ରେନୋ ଇଞ୍ଜିନ ପରିଚାଳନା ସିଷ୍ଟମ (ଆଇ୍‌ଏମ୍‌ଏସ୍) ମଧ ଏଥିରେ ରହିଛି। ଏ ସମ୍ପର୍କରେ ରେନୋ ଇଣ୍ଡିଆର ଉପସଭାପତି-ସେଲ୍ସ ଓ ମାର୍କେଟିଂ ଫ୍ରାସିସ୍‌କୋ ହିଡାଲ୍‌ଗୋ କହିଛନ୍ତି, ଟ୍ରାଇବର ୧୦୦ ପିଏସ୍




ରେନୋଇଣ୍ଡିଆର ଉତ୍ପାଦ ରୋଡ୍‌ମ୍ୟାପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଭାରତୀୟ ଗ୍ରାହକଙ୍କ ପାଇଁ ବ୍ୟବହାରିକ, ସୁଲଭ ଓ ପ୍ରାସଙ୍ଗିକ ନବସୃଜନର ଏକ ଦୃଢ଼ ପ୍ରତିଫଳନ ।

# କର୍ମଚାରୀଙ୍କ ଦରମା କାଟି କରିପାରିବେନି କମ୍ପାନି

**ନୂଆଦିଲ୍ଲୀ,୩।୧୦:** ସେପ୍ଟେମ୍ବର ୧୭ରେ କେନ୍ଦ୍ର ସରକାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ)ର ମାସିକ ବେତନ ସୀମାକୁ ୧୫ ହଜାରରୁ ୨୫ ହଜାରକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଦେଶରେ ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ସାମାଜିକ ସୁରକ୍ଷା ପରିସରଭୁକ୍ତ ହେବେ । ତେବେ ଏହି ସୀମା ବୃଦ୍ଧି ପରେ କମ୍ପାନିଗୁଡ଼ିକ କର୍ମଚାରୀଙ୍କ ବେତନରୁ ଅର୍ଥ କାଟିବା କିମ୍ବା ସିଟିସି ସହିତ ଆଡ୍‌ଜଷ୍ଟ କରିବା ପାଇଁ ଚେଷ୍ଟା କରିପାରନ୍ତି

### ୨୫ ହଜାରକୁ ବଢ଼ିଛି ବେତନ ସୀମା

ବୋଲି ଚିନ୍ତା ପ୍ରକଟ କରାଯାଉଥିଲା । ଏହାକୁ ଧ୍ୟାନରେ ରଖି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ନିଯୁକ୍ତିଦାତାଙ୍କୁ ନିର୍ଦ୍ଦେଶରେ କହିଛନ୍ତି ଯେ, କର୍ମଚାରୀ ଘରକୁ ନେଉଥିବା ନେଟ୍ ଦରମାରେ କୌଣସି କାଣ୍ଟଛାଣ୍ଟ ହୋଇପାରିବ ନାହିଁ। ସରକାରୀ ନିୟମ ଅନୁସାରେ ନିଯୁକ୍ତିଦାତାଙ୍କ ଅଂଶଦାନ ବାଦ ଯେଉଁ ବେତନ କର୍ମଚାରୀ ପାଉଛନ୍ତି ସେଭଳି ବେତନ ଦିଆଯିବ ।

ମନ୍ତ୍ରଣାଳୟ ମୁତାବକ, ମାଲିକମାନେ ସେମାନଙ୍କ ସାମାଜିକ ସୁରକ୍ଷା ଯୋଗଦାନକୁ କେବଳ ସିଟିସିର ଏକ ଅଂଶ ଭାବେ ଦେଖାଇ କର୍ମଚାରୀଙ୍କ ପ୍ରାପ୍ୟରୁ କାଟିପାରିବେ ନାହିଁ । ଏହି ଅତିରିକ୍ତ ଅଂଶଦାନକୁ କମ୍ପାନିଗୁଡିକ ମାନବ ସମ୍ବଳ ପ୍ରତି ନିବେଶ ଭାବେ ଦେଖିବା ଉଚିତ । ଯାହାଦ୍ୱାରା କର୍ମଚାରୀଙ୍କ ସନ୍ତୋଷ ଓ କାର୍ଯ୍ୟଦକ୍ଷତା ବଢ଼ିବ । ନୂଆ ନିୟମ ଅନୁସାରେ ଯେଉଁ କର୍ମଚାରୀଙ୍କ ମାସିକ ମୂଳ ବେତନ ୧୫ରୁ ୨୫ ହଜାର ହୋଇଥିବ ସେମାନେ ବାଧ୍ୟତାମୂଳକ ଇପିଏଫ୍ ଏବଂ




ପେନସନ ଯୋଜନାର ଅନ୍ତର୍ଭୁକ୍ତ ହେବେ । କର୍ମଚାରୀଙ୍କ ନିଜସ୍ୱ ୧୨% ଯୋଗଦାନ ସମ୍ପୂର୍ଣ୍ଣ ଭାବେ ଇପିଏଫ୍ ଖାତାକୁ ଯିବ । ନିଯୁକ୍ତିଦାତାଙ୍କ ୧୨% ଯୋଗଦାନ ମଧ୍ୟରୁ ୮.୩୩% କର୍ମଚାରୀ ପେନସନ ଯୋଜନା (ଇପିଏସ୍) ଏବଂ ବାକି ଅଂଶ ଇପିଏଫ୍ ଖାତାରେ ଜମା ହେବ ।

ପୂର୍ବରୁ ୧୫ ହଜାର ଟଙ୍କାର ବେତନ ସୀମାରେ ମାସିକ ଅଂଶଦାନ ୧୮ ଶହ ଟଙ୍କା ଥିବା ବେଳେ ବର୍ତ୍ତମାନ ବର୍ଦ୍ଧିତ ୨୫ ହଜାର ସୀମାରେ ଏହା ୩ ହଜାର ଟଙ୍କା ରହିବ । ସରକାର ସ୍ପଷ୍ଟ କରିଛନ୍ତି ଯେ, କର୍ମଚାରୀମାନେ ଇପିଏଫ୍‌ରେ ଅଧିକ ଜମା କରିବା ଦ୍ୱାରା ଦୀର୍ଘମିଆଦୀ ଆୟକର ଛାଡ, ଅଧିକ ସୁଧ, ନିଶ୍ଚିତ ପେନସନ ଏବଂ ମାଗଣା ବୀମା ସୁବିଧା ପାଇବେ । ଅନ୍ୟପଟେ ନିଯୁକ୍ତିଦାତାଙ୍କ ଉପରେ ପଡୁଥିବା ଅତିରିକ୍ତ ବୋଝକୁ କମାଇବା ପାଇଁ ସରକାର ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଅଧିନରେ ପ୍ରତ୍ୟେକ ନୂଆ ନିଯୁକ୍ତିପାଇଁ ମାସିକ ୩ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଯୋଗାଇ ଦେବେ । ଶ୍ରମ ମନ୍ତ୍ରଣାଳୟ ସମସ୍ତ ନିଯୁକ୍ତିଦାତାଙ୍କୁ ପରାମର୍ଶରେ କହିଛି ଯେ, ସେମାନେ ଆସନ୍ତା ବେତନ ଚକ୍ରକୁ ଅପେକ୍ଷା ନ କରି ତୁରନ୍ତ ୧୫ରୁ ୨୫ ହଜାର ସୀମା ମଧରେ ଥିବା କର୍ମଚାରୀଙ୍କୁ ଚିହ୍ନଟ କରିବା ସହ ନୂଆ ଯୋଜନାରେ ସାମିଲ କରନ୍ତୁ ।

# ଦୀପାବଳି ପୂର୍ବରୁ ମହଙ୍ଗା ମାଡ଼ ! ୮% ପର୍ଯ୍ୟନ୍ତ ବଢ଼ିବ ଏସି ଓ ଟିଭିର ଦାମ୍

**ନୂଆଦିଲ୍ଲୀ,୩।୧୦:** ପ୍ରତ୍ୟେକ ବର୍ଷ ଦୀପାବଳିରେ କିଛି ନା କିଛି ଅଫର୍ ପଡ଼ିଥାଏ। ଲୋକମାନେ ନିଜ ଘରର ରୀନୋଭେସନ୍ କରିବା ସହିତ ନୂତନ ସୋଫା, ଟିଭି, ଫ୍ରିଜ୍, ଏସି ଇତ୍ୟାଦି କିଣିଥାନ୍ତି । ଅନେକ ଲୋକ ପୂରା ବର୍ଷକ ଧରି ଏହି ଦିନକୁ ଅପେକ୍ଷା କରିଥାନ୍ତି ଯେ ସେମାନେ ଦୀପାବଳିରେ ଘରର ଜରୁରୀ ଜିନିଷ କିଣିବେ । କିନ୍ତୁ ଯଦି ଆପଣ ମଧ ଏପରି ଚିନ୍ତା କରିଛନ୍ତି, ତେବେ ଆପଣଙ୍କ ଦୀପାବଳି ବଜେଟ୍ ବିଗିଡ଼ିପାରେ। କାରଣ ଦୀପାବଳି ପୂର୍ବରୁ ଘର ପାଇଁ ଏସି, ଏଲ୍‌ଇଡ଼ି ଟିଭି, ୱାସିଂ ମେସିନ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣୁଥିବା ଗ୍ରାହକଙ୍କୁ କମ୍ପାନିଗୁଡ଼ିକ ଏକ ବଡ଼ ଝଟକା ଦେଇଛନ୍ତି । କମ୍ପାନିଗୁଡ଼ିକ ୧ ଅକ୍ଟୋବରରୁ ଅନେକ ଇଲେକ୍ଟ୍ରୋନିକ୍ ଏବଂ ହୋମ୍ ଆପ୍ଲାଏନ୍ସେସ୍ ର ଦାମ୍ ୫% ରୁ ୮% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯାଉଛନ୍ତି । ଏହି କମ୍ପାନିଗୁଡ଼ିକ ଦାମ୍ ବଢ଼ାଇବାକୁ ନେଇଛନ୍ତି ନିଷ୍ପତ୍ତିଃ ବ୍ଲୁ ଷ୍ଟାର୍, ଗୋଦ୍‌ରେଜ୍ ଆପ୍ଲାଏନ୍ସେସ୍, ହାୟର, ଡାଏକିନ୍ ଏବଂ ସୁପର ପ୍ଲାଷ୍ଟ୍ରୋନିକ୍ସ ପରି ହୋମ୍ ଆପ୍ଲାଏନ୍ସେସ୍ କମ୍ପାନିଗୁଡ଼ିକ ବିଭିନ୍ନ ପ୍ରଡକ୍ଟର ଦାମ୍ ବୃଦ୍ଧି ପାଇଥିବା ନେଇ ସ୍ପଷ୍ଟ କରିଛନ୍ତି । କିଛି କମ୍ପାନି ବିଭିନ୍ନ କାଟାଗୋରୀରେ ୪% ରୁ ୧୦% ପର୍ଯ୍ୟନ୍ତ ଦାମ୍ ବଢ଼ାଇଛନ୍ତି । ଅନ୍ୟପକ୍ଷରେ, ପାନାସୋନିକ୍ ବର୍ତ୍ତମାନ ସ୍ଥିତି ଉପରେ ନଜର ରଖିଛି । ରିପୋର୍ଟ ଅନୁଯାୟୀ, ଏଲ୍‌ଜି ଏବଂ ବସ୍ ହୋମ୍ କମ୍ଫର୍ଟ ମଧ ଏସିର ଦାମ୍ ପ୍ରାୟ ୫% ବୃଦ୍ଧି କରିଛନ୍ତି । କାହିଁକି ବଢୁଛି ଦାମ୍ ? ଏହି ନିଷ୍ପତ୍ତି ସମ୍ପର୍କରେ କମ୍ପାନିଗୁଡ଼ିକର କହିବା କଥା ଯେ କପର ବା ତମ୍ବା, ଷ୍ଟିଲ୍, ଆଲୁମିନିୟମ୍ ଏବଂ ପ୍ଲାଷ୍ଟିକ୍ ପରି କଞ୍ଚାମାଲର ଦାମ୍ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଏହା ବ୍ୟତୀତ ମାଲ ପରିବହନ ଖର୍ଚ୍ଚ ମଧ ପୂର୍ବ ଅପେକ୍ଷା ବହୁତ ବଢ଼ିଯାଇଛି । ସେହିପରି ଡଲାର୍ ତୁଳନାରେ ଟଙ୍କାର ମୂଲ୍ୟରେ ଉତଥାନ-ପତନ ଏବଂ ପଶ୍ଚିମ ଏସିଆରେ ଜାରି ରହିଥିବା ଉତ୍ତେଜନା ମଧ ଉତ୍ପାଦନ ଖର୍ଚ୍ଚ ଉପରେ ପ୍ରଭାବ ପକାଇଛି । ଏହି କାରଣରୁ କମ୍ପାନିଗୁଡ଼ିକ ଏଭଳି ନିଷ୍ପତ୍ତି ନେଇଛନ୍ତି । ୨୦୨୬ରେ ତୃତୀୟ ଥର ପାଇଁ ବଢୁଛି ଦାମ୍: ଚଳିତ ବର୍ଷ ଅର୍ଥାତ୍ ୨୦୨୬ରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଦାମ୍ ପୂର୍ବରୁ ହିଁ ଦୁଇଥର ବଢ଼ିସାରିଛି ଏବଂ ଏବେ କମ୍ପାନିଗୁଡ଼ିକ ତୃତୀୟ ଥର ପାଇଁ ଦାମ୍ ବଢ଼ାଉଛନ୍ତି । କମ୍ପାନିଗୁଡ଼ିକ ଦୀର୍ଘ ସମୟ ହେବ ବଢୁଥିବା ଉତ୍ପାଦନ ଖର୍ଚ୍ଚ କାରଣରୁ ଚିନ୍ତାରେ ଅଛନ୍ତି । ଏସିର ଦାମ୍ ପ୍ରାୟ ୫% ରୁ ୮% ପର୍ଯ୍ୟନ୍ତ ବୃଦ୍ଧି ପାଇବାକୁ ଯାଉଛି। ସେହିପରି କିଛି କମ୍ପାନି ୱାସିଂ ମେସିନ୍, ଫ୍ରିଜ୍ ଏବଂ ଏଲ୍‌ଇଡ଼ି ଟିଭିର ଦାମ୍ ୩% ରୁ ୪% ପର୍ଯ୍ୟନ୍ତ ବଢ଼ାଇ ପାରନ୍ତି । ଦାମ୍ ବୃଦ୍ଧି ସତ୍ତ୍ୱେ ଦୀପାୱଳି ସମୟରେ ଗ୍ରାହକମାନଙ୍କୁ କିଛି ସମୟ ପାଇଁ ପୁରୁଣା ଦାମ୍‌ରେ ସାମଗ୍ରୀ ମିଳିପାରେ ।



# ଗହମ ସମେତ ୬ ଫସଲର ଏମଏସପି ବୃଦ୍ଧି

**ନୂଆଦିଲ୍ଲୀ,୩।୧୦:** ଅନ୍ନଦାତାଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଛି ଦୀପାବଳି ଭେଟି । ଚାଷୀଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ଦେବା ଲାଗି କେନ୍ଦ୍ର କ୍ୟାବିନେଟ ପକ୍ଷରୁ ବିପଣନ ବର୍ଷ ୨୦୨୭-୨୮ ପାଇଁ ଗହମ ସମେତ ୬ଟି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍ପି) ବଢ଼ାଯାଇଛି । ଗହମର ସର୍ବନିମ୍ନ ସହାୟକ ମୂଲ୍ୟକୁ କୁଇଣ୍ଟାଲ ପିଛା ୨୫ ଟଙ୍କା ବଢ଼ାଯାଇ ୨,୬୧୦ ଟଙ୍କା କରାଯାଇଛି । ଏହା ୨୦୨୬-୨୭ରେ ୨୫୮୫ ଟଙ୍କା ଥିଲା । ସେହିଭଳି କୁଇଣ୍ଟାଲ ପିଛା ବାଲି ର୍ ଏମ୍‌ଏସ୍ପିକୁ ୨୦୨୬-୨୭ର ୨୧୫୦ ଟଙ୍କାରୁ ୨୨୮୬ ଟଙ୍କାକୁ ବୃଦ୍ଧି କରାଯାଇଛି । ଚଣା ଏମ୍‌ଏସ୍ପି ୫୮୭୫ ଟଙ୍କାରୁ ୫୯୫୮ ଟଙ୍କାକୁ ବଢ଼ିଛି । କ୍ୟାବିନେଟ୍ ପକ୍ଷରୁ କୁଇଣ୍ଟାଲ ପିଛା ମସୁର ଏମ୍‌ଏସ୍ପିକୁ ୭୩୯୦ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ୨୦୨୬-୨୭ରେ ୭୦୦୦ ଟଙ୍କା ଥିଲା । ସୋରିଷ ଏମ୍‌ଏସ୍ପି ୬୬୧୩ ଟଙ୍କା ଏବଂ କୁସୁମ ଏମ୍‌ଏସ୍ପି ୭୨୧୫ ଟଙ୍କାକୁ ବୃଦ୍ଧି ପାଇଛି । ୨୦୨୬-୨୭ରେ ଉଭୟର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ଯଥାକ୍ରମେ ୬୨୦୦ ଟଙ୍କା ଏବଂ ୬୫୪୦ ଟଙ୍କା ଥିଲା। ରବି ମାର୍କେଟିଂ ଋତୁ ୨୦୨୭-୨୮ ପାଇଁ ରବି ମୂଲ୍ୟ ନୀତିକୁ ମଞ୍ଜୁରୀ ଦେଇଛନ୍ତି ସରକାର, ଯାହା ଅଧୀନରେ ଚାଷୀଙ୍କୁ ଆନୁମାନିକ ଭାବେ ୯୦,୯୬୨ କୋଟି ଟଙ୍କା ପ୍ରଦାନ କରାଯିବ । କୃଷି ଖର୍ଚ୍ଚ ଏବଂ ମୂଲ୍ୟ ଆୟୋଗ(ସିଏସିପି)ର ସୁପାରିସ ଆଧାରରେ କୃଷି ମନ୍ତ୍ରାଳୟ ଏମ୍‌ଏସ୍ପିରେ ସାମାନ୍ୟ ବୃଦ୍ଧିର ପ୍ରସ୍ତାବ ଦେଇଥିଲା । ଏଥିରେ ଖର୍ଚ୍ଚ, ଏଲନିନୋ ଆଶଙ୍କା ଏବଂ ବିଶ୍ୱ ଓ ଘରୋଇ ଦରକୁ ଧ୍ୟାନରେ ରଖାଯାଇଥିଲା । ହାସହିତ କ୍ୟାବିନେଟ୍



ଆହୁରି କିଛି ବଡ଼ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଏଥିମଧ୍ୟରେ ଏକ ବଡ଼ ଅକ୍ଷୟଶକ୍ତି କାର୍ଯ୍ୟକ୍ରମ ପିଏମ୍ ଧରା ଏବଂ ଦିଲ୍ଲୀ ପାଇଁ ଇଣ୍ଟେଲିଜେଣ୍ଟ ଟ୍ରାଫିକ ମ୍ୟାନେଜ୍ମେଣ୍ଟ ବ୍ୟବସ୍ଥା ସାମିଲ ଅଛି। ଏହି ତିନୋଟି ପ୍ରସ୍ତାବ ବାବଦ ମୋଟ ୨,୭୯,୧୫୭ କୋଟି ଟଙ୍କା ଖର୍ଚ୍ଚ ହେବ। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ନିଷ୍ପତ୍ତିଗୁଡ଼ିକ ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି । ସେ କହିଲେ ଯେ, ପିଏମ୍ ଧରା(ଡେଭ୍ଲପିଂ ହାର୍ମୋନାଇଜ୍ଡ ଆଣ୍ଡ୍ ଆକ୍ସିଲରେଟେଡ୍ ରିନ୍ୟୁବଲ ଏନର୍ଜି ଆକ୍ସେସ୍) କାର୍ଯ୍ୟକ୍ରମ ପାଇଁ ୧,୮୬,୪୦୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ଗ୍ରୀନ ଏନର୍ଜି କରିଡର ଫେଜ୍-୩ ଯୋଜନା ଅଧୀନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ୧୩୫ ଗିଗାୱାଟ ପର୍ଯ୍ୟନ୍ତ ଅକ୍ଷୟ ଶକ୍ତି ପାଇଁ ଆନ୍ତଃ ରାଜ୍ୟ ଟ୍ରାନ୍ସମିଶନ ସିଷ୍ଟମ ବନାଯିବ ।

## ମା' କନକଦୁର୍ଗାଙ୍କ ଷୋଡ଼ଶ ପୂଜାତ୍ସବ



ହିଞ୍ଜିଳିକାଟୁ,୩।୧୦ (ସଂଚାର ବ୍ୟୁରୋ): ଆଉ କେଇଟା ଦିନ ପରେ ଧରାବତରଣ କରିବେ ଜଗଦଜନନୀ ମହିଷାସୁର ମର୍ଦ୍ଦିନୀ ମା' ଦୁର୍ଗା । ଏଥିପାଇଁ ସହରର ସମସ୍ତ ପୂଜା ମଣ୍ଡପ ସଜେଇ ହେଉଛି । ମା'ଙ୍କ ଆଗମନ ପାଇଁ ଆଜିଠାରୁ ଆରମ୍ଭ ହେଉଛି ଆବାହନ।

ଆଜି ଆଶ୍ୱିନ ମାସ ମୂଳାଷ୍ଟମି ତିଥି । ଏହି ଅବସରରେ ହିଞ୍ଜିଳିର ପ୍ରସିଦ୍ଧ ଦେବୀପୀଠ ମା' କନକଦୁର୍ଗା ମନ୍ଦିରରେ ମୂଳାଷ୍ଟମୀରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କ ଷୋଡ଼ଶ ପୂଜା ମହାସମାରୋହରେ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ମନ୍ଦିର ସିଂହଦ୍ୱାର, ମନ୍ଦିର ବେଢା ଓ ମନ୍ଦିରର ଚାରି ପଟେ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସଜାଯାଉଛି। ରବିବାର ଠାରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କ ଷୋଡଶ ପୂଜା ଦେଖିବା ପାଇଁ ସହର ସମେତ ଆଖପାଖ ଅଂଚଳର ଭକ୍ତଙ୍କ ସମାଗମ ମନ୍ଦିର ପରିସରରେ ଦେଖିବାକୁ ମିଳିଛି । ସେହିପରି ବୁରୁପଡ଼ା ପଞ୍ଚାୟତ ଅଧୀନରେ ଥିବା ମା ଶ୍ୟାମଲାଇ ମନ୍ଦିର ଓ ଖରିଡା ପଞ୍ଚାୟତର କରାଇଶୁଣି ମନ୍ଦିରରେ ମଧ୍ୟ ପୂଜା ଆରମ୍ଭ ହୋଇଯାଇଛି।

## ରାମଚଣ୍ଡୀ ପୀଠରେ ଷୋଡ଼ଶ ପୂଜା ଆରମ୍ଭ



ଛତ୍ରପୁର,୩।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ କରପଡ଼ା ପଞ୍ଚାୟତର ନିଳାଦ୍ରୀପୁର ପର୍ବତ ଶିଖରରେ ଥିବା ପ୍ରସିଦ୍ଧ ମା' ରାମଚଣ୍ଡୀଙ୍କ ପୀଠରେ ଶନିବାରଠାରୁ ଷୋଡ଼ଶଦିନାତ୍ମକ ଶାରଦୀୟ ଦୁର୍ଗୋତ୍ସବ ଆରମ୍ଭ ହୋଇଛି। ପୂଜା ପାଇଁ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଛି।

ପରମ୍ପରା ଅନୁଯାୟୀ ଋଷିକୁଲ୍ୟା ନଦୀରୁ ପବିତ୍ର ଜଳ ଆଣାଯାଇ ପୂଜା ଆରମ୍ଭ କରାଯାଇଥିଲା। ଆସନ୍ତା ୧୬ ଦିନ ଧରି ମା' ରାମଚଣ୍ଡୀ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ପ୍ରତିଦିନ ସକାଳ ୬ଟାରେ ମା'ଙ୍କ ମାର୍ଜଣା ଓ ବେଶ ହେବ। ୮ଟାରେ ସୂର୍ଯ୍ୟପୂଜା, ଦେବତା ଆବାହନ, ଗଣପତି ପୂଜା, ବାଲଭୋଗ ଓ ଆରତି ହେବ। ସକାଳ ୯ଟାରେ ବେଦପାଠ ଏବଂ ୧୦ଟା ୩୦ରେ ଶ୍ରୀସପ୍ତଶତୀ ଚଣ୍ଡୀପାଠ ଅନୁଷ୍ଠିତ ହେବ। ଅପରାହ୍ନ ୧ଟାରେ ରାଜଭୋଗ ପରେ ମା'ଙ୍କ ପହଡ଼ ହେବ।

ଅପରାହ୍ନ ୪ଟାରେ ସହସ୍ର କୁଙ୍କୁମାର୍ଚ୍ଚନ ସେବା ଓ ୫ଟାରେ ବେଦପାଠ ହେବ। ସନ୍ଧ୍ୟା ୬ଟା ୩୦ରେ ମହାଆରତି ଓ ପୁଷ୍ପାଞ୍ଜଳି, ୭ଟା ୧୦ରେ ଷୋଡ଼ଶ ଉପଚାର ପୂଜା, ୮ଟା ୩୦ରେ ଶ୍ରୀଗଣ୍ଡ ହବନ ଏବଂ ରାତି ୧୦ଟା ୩୦ରେ ମହାପୂଜା ହେବ। ରାତି ୧୧ଟା ୩୦ରେ ମହାଭୋଗ ପରେ ମା'ଙ୍କ ବିଶ୍ରାମ ହେବ।

ପୂଜା ଅବସରରେ ପୀଠରେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏହାକୁ ନେଇ ପୀଠ ପରିସର ଚଳଚଞ୍ଚଳ ହୋଇଉଠିଛି।

## ଭୂପତିସାହିରେ ମା' କନକ ଦୁର୍ଗାଙ୍କ ଦଶହରା ମହୋତ୍ସବ

### କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ଜୟପୁର,୩।୧୦ (ସଂଚାର ବ୍ୟୁରୋ): ଜୟପୁର ସହରର ଭୂପତିସାହିସ୍ଥିତ ମା' କନକ ଦୁର୍ଗାଙ୍କ ପୀଠରେ ଚଳିତବର୍ଷ ଶାରଦୀୟ ଦଶହରା ମହୋତ୍ସବ ଓ ଷୋଡ଼ଶ ଦିନାତ୍ମକ ନବରାତ୍ର ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାକୁ ନେଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ମହୋତ୍ସବର ଶୁଭାରମ୍ଭ ଅବସରରେ ଅକ୍ଟୋବର ୩ ତାରିଖରେ ସହସ୍ର କୁମ୍ଭାଭିଷେକ ଓ ମହାସ୍ନାନ ପାଇଁ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୁରୁଣାଗଡ଼ କେନାଲରୁ ପବିତ୍ର ଜଳ ସଂଗ୍ରହ କରି ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ କଳସ ଧରି ମନ୍ଦିରକୁ ଫେରିଥିଲେ। ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ଏହି କଳସ ଯାତ୍ରାରେ ଶହ ଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

ଆୟୋଜନ କାର୍ଯ୍ୟସୂଚୀ ଅନୁଯାୟୀ, ଅକ୍ଟୋବର ୧୦ ତାରିଖ ମହାଳୟା ଅବସରରେ ବଜ୍ର ମହାକାଳୀ ପୂଜା ସହ ମହାଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହେବ। ଏହାପରେ ୧୧ ତାରିଖରୁ ନବରାତ୍ର ଅବସରରେ ନବଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜା, ହୋମଯଜ୍ଞ ଓ ମହାଆଳତି କରାଯିବ। ୧୭ ତାରିଖ ମହାସପ୍ତମୀ ଅବସରରେ ନବପତ୍ରିକା ପ୍ରବେଶ, ୧୮ ତାରିଖ ମହାଅଷ୍ଟମୀରେ ବିଶେଷ ପୂଜା ସହ ନଗର ପରିକ୍ରମା ଏବଂ ୧୯ ତାରିଖ ମହାନବମୀରେ କନ୍ୟା ପୂଜନ ଅନୁଷ୍ଠିତ ହେବ। ତେବେ ଅକ୍ଟୋବର ୨୦ ତାରିଖ ବିଜୟା ଦଶମୀ ଅବସରରେ ମା' କନକ ଦୁର୍ଗାଙ୍କ ବିଜୟ ଯାତ୍ରା ମହାଆଡ଼ମ୍ବରରେ ଅନୁଷ୍ଠିତ ହେବ। ରାଜନହର ମୂଳପୀଠରେ ରାଜ ପରିବାର ପକ୍ଷରୁ ପୂଜାର୍ଚ୍ଚନା ଓ ମହାଆଳତି ପରେ ବିଭିନ୍ନ ପୀଠରୁ ଆସିଥିବା ଲାଠି ଓ ବାଦ୍ୟବାଜଣା ସହ ବିଜୟ ସଭାଯାତ୍ରା ବାହାରିବ। ପରେ ଦଶହରା ପଡ଼ିଆରେ ଅପରାଜିତା ପୂଜା ଅନୁଷ୍ଠିତ ହେବ।

ଚଳିତବର୍ଷ ଦ୍ୱିତୀୟ ଥର ପାଇଁ କଳସ ଯାତ୍ରା ଆୟୋଜିତ ହୋଇଥିବାରୁ ମା' କନକ ଦୁର୍ଗାଙ୍କ ଦଶହରା ମହୋତ୍ସବକୁ ନେଇ ଭକ୍ତଙ୍କ ମଧ୍ୟରେ ଅଧିକ ଉତ୍ସାହ ଓ ଆଧ୍ୟାତ୍ମିକ ଭାବନା ପରିଲକ୍ଷିତ ହୋଇଛି।

### ଆରମ୍ଭ ହେଲା ଷୋଡ଼ଶ ଉପଚାର ପୂଜା

# ଜାଗ୍ରତ ହେଲେ ପ୍ରାଚୀତଟ ବାସିନୀ ମା' ମଙ୍ଗଳା

କାକଟପୁର /ଅସ୍ତରଙ୍ଗ,୩।୧୦ (ସଂଚାର ବ୍ୟୁରୋ): ମହାଳୟାରେ ବାଜି ଉଠିଛି ମହାଶକ୍ତିର ଶଙ୍ଖ, ମର୍ତ୍ତ୍ୟରେ ବାଜି ଉଠିଛି ଢାକର ବୋଲ। ଶନିବାର ପବିତ୍ର ମୂଳାଷ୍ଟମୀ। ବର୍ଷ ସାରାର ଅପେକ୍ଷାର ଅନ୍ତ ଘଟିଲା। ଶନିବାର ଠାରୁ ହିଁ ଜାଗ୍ରତ ହେଲେ ପୁରୀ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ, କୋଟି ଓଡ଼ିଆଙ୍କ ଆରାଧ୍ୟା, ପ୍ରାଚୀ ନଦୀ ତଟବାସିନୀ ମା' ମଙ୍ଗଳା। ଶରତର ଆଗମନରେ ପ୍ରକୃତି ଯେମିତି ନୂଆ ରୂପ ଧାରଣ କରିଛି, ସେମିତି ମା' ମଙ୍ଗଳାଙ୍କ ପୀଠ ମଧ୍ୟ ଉତ୍ସବ ମୁଖର ହୋଇ ଉଠିଛି। କାକଟପୁରରେ ଆରମ୍ଭ ହୋଇଯାଇଛି ବିଶ୍ୱ ପ୍ରସିଦ୍ଧ ଷୋଡଶ ଉପଚାର ପୂଜାର ମହାଯାତ୍ରା, ଯାହା ଆଗାମୀ ଷୋଳ ଦିନ ଧରି ଚାଲି ବିଜୟା ଦଶମୀରେ ଶେଷ ହେବ।

ଏହି ଷୋଳ ଦିନ ମା' ମଙ୍ଗଳା ସମ୍ପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ ଥାନ୍ତି ବୋଲି ବିଶ୍ୱାସ। ମନ୍ଦିର ଟ୍ରଷ୍ଟର ନୀତି ନିର୍ଘଣ୍ଟ ଅନୁଯାୟୀ ଶନିବାର ଦିବା ୧ଘ ୩୦ମିନିଟରୁ ୨ଘ ୩୦ ମିନିଟ ମଧ୍ୟରେ ମା'ଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଛି। ଏହି ଅଭିଷେକର ସବୁଠୁ ଦିବ୍ୟ ଓ ଭବ୍ୟ ଦୃଶ୍ୟ ଥିଲା ମା'ଙ୍କ ମହାସ୍ନାନ ପର୍ବ। ମନ୍ଦିର ପରିସର ଭିତରେ ରହିଛି ପ୍ରାଚୀନ ପବିତ୍ର ଗଙ୍ଗା କୂପ। ଲୋକବିଶ୍ୱାସ ଅନୁଯାୟୀ ଏହି କୂପ ସ୍ୱୟଂ ଗଙ୍ଗା, ଏହାର ଜଳ କେବେ ଶୁଖେନି, ଏହା ଅକ୍ଷୟ। ଆଜି ସେହି କୂପ ଚାରିପଟେ ପୂଜକ, ସେବାୟତଙ୍କ ଭିଡ଼ ଲାଗିଥିଲା। ବେଦ ମନ୍ତ୍ର, ଶଙ୍ଖ ନାଦ, ଘଣ୍ଟ, ମୃଦଙ୍ଗ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ପୁରା ପରିବେଶ। ସେବାୟତମାନେ ଗୋଟି ଗୋଟି କରି କୂପରୁ ୧୦୮ ଗରା ପବିତ୍ର ଜଳ କାଢୁଥିଲେ। ପ୍ରତି ଗରା ଜଳ ସହ ଗୁଞ୍ଜରି ଉଠୁଥିଲା ମା'ଙ୍କ ୧୦୮ ନାମ। ସେହି ଧ୍ୱନିରେ ପୁରା ପୀଠ ଦୁଲୁକି ଉଠୁଥିଲା।

### ଗଙ୍ଗା କୂପର ୧୦୮ ଗରା ଜଳରେ ମହାସ୍ନାନ

ଏହି ୧୦୮ ଗରା ଜଳରେ ଚନ୍ଦନ, ଅଗୁରୁ, କର୍ପୂର, ହଳଦୀ, କୁଙ୍କୁମ, ଚମ୍ପା, ମଲ୍ଲୀ, କୁସୁମ ପୁଷ୍ପ ମିଶାଇ ପ୍ରସ୍ତୁତ ହେଲା ମହାସ୍ନାନର ଦିବ୍ୟ ଜଳ। ସେହି ଜଳରେ ଯେବେ ମା' ମଙ୍ଗଳା ସ୍ନାନ କଲେ, ଲାଗୁଥିଲା ସତେ ଯେମିତି ସ୍ୱୟଂ ପବିତ୍ର ଗଙ୍ଗା ମା'ଙ୍କ ଚରଣ ଧୋଇ ଦେଉଛନ୍ତି। ଏହି ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଭକ୍ତ ମନ୍ଦିର ପରିସରରେ ଭିଡ ଜମାଇଥିଲେ।

ସାଧାରଣ ଦିନରେ ବର୍ଷ ତମାମ ମା' ମଙ୍ଗଳା ପଞ୍ଚ ଉପଚାରରେ ପୂଜା ପାଇଥାନ୍ତି, ହେଲେ ଏହି ଷୋଡଶ ଦିନ ସେ ବିଭିନ୍ନ ବେଶରେ ଷୋଡଶ ଉପଚାର ପୂଜା ପାଆନ୍ତି। ଏଥିପାଇଁ ମନ୍ଦିରରେ ଦୁଇ ଜଣ ସ୍ୱତନ୍ତ୍ର ପୂଜକ ନିୟୋଜିତ ହୁଅନ୍ତି। ଜଣେ ହେଉଛନ୍ତି ପଞ୍ଚ ଉପଚାର ପୂଜା ପଣ୍ଡା ଓ ଅନ୍ୟ ଜଣେ ହେଉଛନ୍ତି ଷୋଡଶ ଉପଚାର ପୂଜା ପଣ୍ଡା। ଚଳିତ ବର୍ଷ ଷୋଡଶ ଉପଚାର ପୂଜା ପଣ୍ଡା ଭାବେ ସଞ୍ଜୟ କୁମାର ଦୀକ୍ଷିତି ନିୟୋଜିତ ହୋଇଛନ୍ତି। ଏହି ସୂଚନା ଦେଇଛନ୍ତି ମନ୍ଦିର ସେବାୟତ ମହେନ୍ଦ୍ର କୁମାର ଦୀକ୍ଷିତି।

ଆଗାମୀ ଷୋଳ ଦିନ ଧରି ମା' ଷୋଳ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଏହି ବେଶ ଦେଖିବା ପାଇଁ ଦୂର ଦୂରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବ୍ୟବସ୍ଥିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମନ୍ଦିରକୁ ରଙ୍ଗ ବେରଙ୍ଗ ଫୁଲ, ଆଲୋକମାଳା, ରଙ୍ଗୋଲିରେ ସଜ୍ଜିତ କରାଯାଇଛି।



## ନାହିଁ ମିଶନ ଶକ୍ତି ଗୃହ: ମନ୍ଦିରରେ ଚାଲିଛି ମହିଳାଙ୍କ ବୈଠକ

### ହାଟଡିହି ପ୍ରଶାସନର ନଜର ପଡ଼ିବ କେବେ ?

ଆନନ୍ଦପୁର,୩।୧୦ (ସଂଚାର ବ୍ୟୁରୋ): ମହିଳା ସଶକ୍ତୀକରଣ ପାଇଁ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଜରିଆରେ ବିଭିନ୍ନ ଯୋଜନା ଓ ସୁବିଧା ଯୋଗାଇ ଦିଆଯାଉଛି। ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଏବେ ବି ଏଭଳି ଅନେକ ପଞ୍ଚାୟତ ରହିଛି, ଯେଉଁଠି ମହିଳାଙ୍କ ପାଇଁ ନାହିଁ ନିଜସ୍ୱ ମିଶନ ଶକ୍ତି ଗୃହ। ଫଳରେ ବିପଦସଙ୍କୁଳ ପରିବେଶରେ ମନ୍ଦିର ଭିତରେ ବୈଠକ କରିବାକୁ ବାଧ୍ୟ ହେଉଛନ୍ତି ମହିଳା। ଏଭଳି ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ବାଙ୍ଗରୋ ପଞ୍ଚାୟତରୁ।

ସୂଚନା ଅନୁଯାୟୀ, ବାଙ୍ଗରୋ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନଥିବାରୁ ଲକ୍ଷ୍ମୀ ନାରାୟଣ ମନ୍ଦିର ପାଲଟିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକସ୍ଥଳୀ। ଏଠାରେ ମହିଳାମାନେ ନିୟମିତ ବୈଠକ କରିବା ସହ ବିଭିନ୍ନ ସରକାରୀ ଓ ସାମାଜିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କିନ୍ତୁ ମନ୍ଦିରର ଛାତ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବା ବେଳେ ଛାତରୁ କଂକ୍ରିଟ ଖସୁଥିବା ଅଭିଯୋଗ ହୋଇଛି। ଫଳରେ ବୈଠକ ସମୟରେ ମହିଳାମାନଙ୍କ ମଧ୍ୟରେ ଅଘଟଣର ଭୟ ଓ ଆଶଙ୍କା ଦେଖାଦେଉଛି। ଯେକୌଣସି ମୁହୂର୍ତ୍ତରେ ଅପ୍ରୀତିକର ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ



ଏହି ସ୍ଥାନରେ ବୈଠକ କରିବା ମହିଳାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ମହିଳାମାନେ ନିଜ ପରିବାରର ଆର୍ଥିକ ଉନ୍ନତି ସହ ଗାଁର ବିକାଶ ଓ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହେଉଥିବା ବେଳେ ସେମାନଙ୍କ ପାଇଁ ଏକ ସୁରକ୍ଷିତ ବୈଠକ ଗୃହର ଅଭାବ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଗୋଟିଏ ପଟେ ମହିଳା ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନାର ପ୍ରଚାର କରାଯାଉଥିବା ବେଳେ ଅନ୍ୟପଟେ ବୈଠକ କରିବା ପାଇଁ ମହିଳାଙ୍କୁ ଏଭଳି ବିପଦସଙ୍କୁଳ ସ୍ଥାନ ଉପରେ ନିର୍ଭର କରିବାକୁ ପଡୁଛି। ମହିଳାଙ୍କ ସୁରକ୍ଷା ଓ ସୁବିଧା ପ୍ରତି ପ୍ରଶାସନ କେବେ ଗୁରୁତ୍ୱ ଦେବ, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

ତେଣୁ ତୁରନ୍ତ ମନ୍ଦିର ଛାତର ମରାମତି କରିବା ସହ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ମିଶନ ଶକ୍ତି ଗୃହ ନିର୍ମାଣ କରିବାକୁ ଦାବି ହେଉଛି।

## ଶିଶକେଳା ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ବିଜେପିରେ ସାମିଲ



ସଇଁତଲା,୩।୧୦ (ସଂଚାର ବ୍ୟୁରୋ): ଟିଟିଲାଗଡ଼ ବିଜେପି କାର୍ଯ୍ୟାଳୟରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ସଇଁତଲା ବ୍ଲକ ଶିଶକେଳା ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ଦଳ ଓ ସଂଗଠନ ଛାଡ଼ି ବିଜେପିରେ ସାମିଲ ହୋଇଥିବା ଦଳୀୟ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ନବାଗତ କର୍ମୀ ଓ ସମର୍ଥକମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ, ବିକାଶମୂଳକ କାର୍ଯ୍ୟକ୍ରମ ଓ ଦଳୀୟ ନୀତି-ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗଦେଇଥିବା କହିଥିଲେ। ନୂତନ ସଦସ୍ୟମାନଙ୍କ ଯୋଗଦାନ ଫଳରେ ଶିଶକେଳା ପଞ୍ଚାୟତ ସମେତ ତୃଣମୂଳସ୍ତରରେ ଦଳର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଉପସ୍ଥିତ ନେତାମାନେ ଆଶା ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଖୋରଧା,୩।୧୦ (ସଂଚାର ବ୍ୟୁରୋ): ଆଜି ପବିତ୍ର ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲ୍ଲା ସଦର ମହକୁମା, ଖୋରଧା ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଅଛି । ପୂର୍ବାହ୍ନରେ ଜିଲ୍ଲା ପରିଷଦ ଉପ ସଭାପତି, ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଖୋରଧା ଡାକବଙ୍ଗଳା ସନ୍ନିକଟ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ଅର୍ଦ୍ଧ ବୟବ ପ୍ରତି ମୂର୍ତ୍ତିରେ ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଗହଣରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଖୋରଧା ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଓ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ, ଜିଲ୍ଲା ପରିଷଦ ସଭାପତି, ରୂପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ରୂପେ ଉପସଭାପତି, ଜିଲ୍ଲା ପରିଷଦ, ଖୋରଧା ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ଭାବେ ସଦର ତହସିଲଦାର ବିଭାଶ ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ଭାବେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ

## ୮ ତାରିଖ ଓଡ଼ିଶା ବନ୍ଦ ପାଇଁ ସିପିଆଇ(ଏମ) ପକ୍ଷରୁ ପ୍ରସ୍ତୁତି ବୈଠକ




ନୀଳଗିରି,୩।୧୦ (ସଂଚାର ବ୍ୟୁରୋ): ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ତ ରାଷ୍ଟ୍ରୀୟ ସମ୍ପତ୍ତି ଗୁଡିକ କର୍ପୋରେଟ ହାତକୁ ଟେକି ଦେଇଛି । ବର୍ତ୍ତମାନ ଏମଏମଡିଆର ଆଇନ୍ ବଳରେ ଓଡିଶାର ଖଣି ଗୁଡିକୁ କର୍ପୋରେଟ ହାତକୁ ଟେକି ଦେଇଛନ୍ତି । ଓଡିଶାର ଖଣିରୁ ଯେତେ ରାଜସ୍ୱ ଆଦାୟ ହୁଏ ସେଥିରେ ଓଡିଶାର ଉନ୍ନତି ପାଇଁ ଖର୍ଚ୍ଚ ହୁଏ। ବର୍ତ୍ତମାନ ଉକ୍ତ ଆଇନ୍ ବଳରେ କେନ୍ଦ୍ର ସରକାର ସମସ୍ତ ରାଜସ୍ୱ ନେଇ ମାତ୍ର ସ୍ୱଳ୍ପ ଅଂଶ ରାଜ୍ୟକୁ ଦେବ ଯାହାଦ୍ୱାରା ଓଡିଶାର ଉନ୍ନତିର ପ୍ରତିବନ୍ଧକ ହେବ। ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏସଆଇଆର ନାମରେ ବହୁ ମତଦାତାଙ୍କ ନାମକୁ ଭୋଟର ତାଲିକାରୁ ବାଦ ଦେବା ଫଳରେ ଜନଅସନ୍ତୋଷ ଦେଖାଦେଇଛି। ସେଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଇସ୍ତଫା ଦେବା ଦରକାର। ଓଡିଶା ରେ ପାଠ୍ୟ ପୁସ୍ତକ ରେ ବିଭିନ୍ନ ତ୍ରୁଟି ଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ଠିକ୍ ହୋଇପାରିଲା ନାହିଁ। ସେଥିପାଇଁ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବୀ ରେ ଆସନ୍ତା ଅକ୍ଟୋବର ୮ ତାରିଖ ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଛି ।

ଏହାକୁ ସଫଳ କରିବା ପାଇଁ ସିପିଆଇ(ଏମ) ନୀଳଗିରି ଆଂଚଳିକ କମିଟି ତରଫରୁ ଦଳୀୟ କାର୍ଯ୍ୟାଳୟ ରେ ସତ୍ୟଜିତ ଦାସ ଙ୍କ ସଭାପତିତ୍ୱରେଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ସି ପି ଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ଯ ବିଜୟ କୁମାର ପାତ୍ର କେନ୍ଦ୍ର ସରକାର ର ନୀତି ବିରୁଦ୍ଧରେ ଆଲୋଚନା କରିବା ସହିତ ଉକ୍ତ ବନ୍ଦ କୁ ସଫଳ ପାଇଁ ସମସ୍ତ ସାଥୀ ମାନଙ୍କୁ ଅନୁରୋଧ କରିଥିଲେ ।

## ବିଜେପି କର୍ମୀଙ୍କ ଗୋ-ଚାଲାଣ ଅଭିଯୋଗକୁ ନେଇ ଚର୍ଚ୍ଚା

### ପୁଲିସ-ପ୍ରଶାସନ ନୀରବ ଦ୍ରଷ୍ଟା

ଟିଟିଲାଗଡ଼,୩।୧୦ (ସଂଚାର ବ୍ୟୁରୋ): ଟିଟିଲାଗଡ଼ ବ୍ଲକ ଲୁଥୁରବନ୍ଧ ଅଞ୍ଚଳରେ ଗୋରୁ ଚାଲାଣକୁ ନେଇ ଅଭିଯୋଗ ଉଠିଛି। ବିଭିନ୍ନ ଅଞ୍ଚଳରୁ ଗୋରୁ ସଂଗ୍ରହ କରି ଏକ ଗୋଦାମରେ ରଖାଯାଉଥିବା ଏବଂ ପରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବାଲିପଡ଼ା ବଜାରକୁ ନେଇ ବିକ୍ରି କରାଯାଉଥିବା ଅଭିଯୋଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସ୍ଥାନୀୟ କିଛି ଲୋକଙ୍କ ଅଭିଯୋଗ ଅନୁସାରେ, ଏହି କାରବାରରେ ଲୁଥୁରବନ୍ଧ ଗ୍ରାମର ନରହରି ବିଶିଙ୍କ ସମ୍ପୃକ୍ତି ରହିଥିବା କୁହାଯାଉଛି। ତେବେ ଏହି



ଅଭିଯୋଗର ସତ୍ୟତା ସ୍ୱାଧୀନ ଭାବେ ଯାଞ୍ଚ ହୋଇନଥିବାରୁ ଏହା ତଦନ୍ତସାପେକ୍ଷ। ଅଭିଯୋଗରେ ଆହୁରି କୁହାଯାଉଛି ଯେ, ବାଲିପଡ଼ା ଅଞ୍ଚଳରୁ ଗୋରୁମାନଙ୍କୁ ଅନ୍ୟ ରାଜ୍ୟକୁ, ବିଶେଷକରି ଆନ୍ଧ୍ରପ୍ରଦେଶ ଦିଗକୁ, ଚାଲାଣ କରାଯାଉଥିବା ସନ୍ଦେହ ରହିଛି।

ଘଟଣାକୁ ନେଇ ଅଞ୍ଚଳବାସୀ ଗୋରୁ ଚାଲାଣର ବୈଧତା, ପରିବହନ ନିୟମ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ସମ୍ପର୍କରେ ପୁଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ ଦାବି କରିଛନ୍ତି। ଗୋରୁ ପରିବହନ ସମୟରେ ଆବଶ୍ୟକ ଦସ୍ତାବିଜ, ଅନୁମତି ଓ ନିର୍ଦ୍ଧାରିତ ନିୟମ ପାଳନ ହେଉଛି କି ନାହିଁ, ସେନେଇ ଯାଞ୍ଚ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ପଞ୍ଚାୟତର ବଜାର ଅଧୀନରେ ଥିବା ସରକାରୀ ଜମିକୁ ବେଆଇନ ଭାବେ ଅକ୍ତିଆର କରି ବାଡ଼ ଦେଇ ଗୋରୁ ରଖି ନିୟମିତ ଭାବେ ଗୋରୁ ଚାଲାଣ କରୁଥିବା ଅଭିଯୋଗରେ ରାଜନୈତିକ ପରିଚୟର ଉଲ୍ଲେଖ ମଧ୍ୟ କରାଯାଉଥିବାରୁ ଏହାକୁ ନେଇ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ତେଣୁ ପୁଲିସ ପକ୍ଷରୁ ନିରପେକ୍ଷ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ଜରୁରୀ ବୋଲି ସ୍ଥାନୀୟ ମହଲରେ ଦାବି ହୋଇଛି।

## ଗ୍ରାମସଭାରେ ଜଳବାୟୁ ସହନଶୀଳ କୃଷି ଉପରେ ଗୁରୁତ୍ୱ



ମାଲକାନଗିରି,୩।୧୦ (ସଂଚାର ବ୍ୟୁରୋ): ଜଳବାୟୁ ପରିବର୍ତ୍ତନର ବଢ଼ୁଥିବା ପ୍ରଭାବ ମଧ୍ୟରେ କୃଷକଙ୍କ ଜୀବିକାକୁ ସୁରକ୍ଷିତ ରଖିବା, କୃଷି ଉତ୍ପାଦନକୁ ସ୍ଥିର କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରିବା ପାଇଁ ଜଳବାୟୁ ସହନଶୀଳ କୃଷି ଓ ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ବ୍ଲକ୍‌ର ବି.ଏଲ୍.ପୁର ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ କୃଷକ ଓ ଗ୍ରାମବାସୀଙ୍କୁ ନେଇ ଜଳବାୟୁ ପରିବର୍ତ୍ତନ ଓ ଏହାର କୃଷି ଉପରେ ପ୍ରଭାବ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଧନ ଧାନ୍ୟ ଯୋଜନା ଅଧୀନରେ ୟୁଏନ୍‌ଡିପି ସହାୟତାରେ ପଲ୍ଲୀବିକାଶ ପକ୍ଷରୁ ନୂଆପଡ଼ା ଓ ମାଲକାନଗିରି ଜିଲ୍ଲାରେ କୃଷକଙ୍କ ଆୟ ବୃଦ୍ଧି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏଫ୍‌ପିଓ ଇକୋସିଷ୍ଟମ୍‌କୁ ଆଧାର କରି କୃଷକଙ୍କୁ ସଂଗଠିତ କରିବା, ଆଧୁନିକ ଓ ଟିକସାଇ କୃଷି ପଦ୍ଧତି ସମ୍ପର୍କରେ ସଚେତନ କରିବା, କୃଷି ଖର୍ଚ୍ଚ କମାଇବା ଏବଂ ବଜାର ସହ କୃଷକଙ୍କ ସଂଯୋଗ ବୃଦ୍ଧି କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ମାଲିକେଶ୍ୱରୀ କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନେ ମଧ୍ୟ ଗ୍ରାମସଭାରେ ଅଂଶଗ୍ରହଣ କରିଥିଲେ।

# ହଂସୁଆ ନଦୀ ମୃତ୍ୟୁ ରହସ୍ୟ: ଶୁଦ୍ଧିକ୍ରିୟା ପରେ ବଢ଼ିଲା ପ୍ରଶ୍ନ

### ପୁଲିସ ଭୂମିକାକୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡ଼ା/ରାଜନଗର,୩।୧୦ (ସଂଚାର ବ୍ୟୁରୋ): ରାଜନଗର ଥାନା ଅଧୀନ ହଂସୁଆ ନଦୀରେ ଭାସୁଥିବା ଯୁବତୀ ଶୁଭଶ୍ରୀ ଦାସଙ୍କ ସନ୍ଦିଗ୍ଧ ମୃତ୍ୟୁ ଘଟଣାରେ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଥିବାବେଳେ ମାମଲା ଅଧିକ ରହସ୍ୟମୟ ହେବାରେ ଲାଗିଛି। ଗତ ଶୁକ୍ରବାର ଦିନ ପରିବାର ପକ୍ଷରୁ ଯୁବତୀଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ ହୋଇଥିବା ସୂଚନା ମିଳିବା ପରେ ଏବେ ତଦନ୍ତ ପ୍ରକ୍ରିୟା ଓ ପୋଲିସର ଭୂମିକାକୁ ନେଇ ନାନା ପ୍ରଶ୍ନ ଉଠିଛି।

ଘଟଣାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଏପର୍ଯ୍ୟନ୍ତ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇନଥିବାବେଳେ ପରିବାର ପକ୍ଷରୁ ଶୁଦ୍ଧିକ୍ରିୟା କରାଯାଇଥିବା ଖବର ଚର୍ଚ୍ଚାର ବିଷୟ ପାଲଟିଛି। ସାଧାରଣତଃ ମୃତଦେହ ଉଦ୍ଧାର, ପରିଚୟ ନିଶ୍ଚିତକରଣ ଓ ଆଇନଗତ ପ୍ରକ୍ରିୟା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥାଏ। କିନ୍ତୁ ଏହି ଘଟଣାରେ ମୃତଦେହ ମିଳିନଥିବା ସ୍ଥିତିରେ ଶୁଦ୍ଧିକ୍ରିୟା ହୋଇଥିବା କଥା ସାମ୍ନାକୁ ଆସିବା ପରେ ଲୋକମାନଙ୍କ ମନରେ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ, ନଦୀରେ ଭାସୁଥିବା ଏକ ମୃତଦେହକୁ କେତେକ ଲୋକ ପୁଣି ପଥର ବାନ୍ଧି ନଦୀ ମଝିକୁ ଫିଙ୍ଗି ଦେଇଥିବା ଅଭିଯୋଗ ଏବେ ବି ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛି। ଯଦି ଏହି ଅଭିଯୋଗ ସତ୍ୟ ହୁଏ, ତେବେ ସେହି ସମୟରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ କିଭଳି ପଦକ୍ଷେପ ନେଇଥିଲେ, ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ଘଟଣା ସମ୍ପର୍କରେ ପୋଲିସ କାହାର ବୟାନ ରେକର୍ଡ କରିଛି କି ନାହିଁ ଏବଂ ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ କେଉଁ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ସାମ୍ନାକୁ ଆସିନାହିଁ।

ଏହାପୂର୍ବରୁ ନିଖୋଜ ହେବାର ପାଞ୍ଚ ଦିନ ପରେ ପରିବାର ପକ୍ଷରୁ ଏତଲା ଦାଖଲ କରାଯାଇଥିବା ଘଟଣା ମଧ୍ୟ ତଦନ୍ତକୁ ଜଟିଳ କରିଛି। ଜେଜେ ଓ ଜେଜେମାଙ୍କ ବୟାନ ଅନୁଯାୟୀ, ଶୁଭଶ୍ରୀଙ୍କର ମାନସିକ ସମସ୍ୟା ଥିଲା ଏବଂ ସେ ହଠାତ୍ ଘରୁ ଚାଲିଯାଇଥିଲେ। ତେବେ ଏପରି ସ୍ଥିତିରେ ପରିବାର ତୁରନ୍ତ ପୋଲିସକୁ ଅବଗତ କରିନଥିବା କାହିଁକି, ସେ ପ୍ରଶ୍ନର ଉତ୍ତରେ ଏବେ ବି ମିଳିପାରିନାହିଁ।

ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ନଦୀରେ ମିଳିଥିବା ଅଜଣା ମୃତଦେହ ଓ ନିଖୋଜ ଯୁବତୀଙ୍କ ମଧ୍ୟରେ ସମ୍ପର୍କ ନେଇ ଆରମ୍ଭରୁ ଗୁରୁତ୍ୱର ସହ ତଦନ୍ତ ହୋଇଥିଲା କି ନାହିଁ। ଯଦି ନିଖୋଜ ସୂଚନା ପୂର୍ବରୁ ମିଳିଥାନ୍ତା, ତେବେ ଅନେକ ତଥ୍ୟ ଏବଂ ପ୍ରମାଣ ସଂଗ୍ରହ କରିବା ସହଜ ହୋଇପାରୁଥାନ୍ତା ବୋଲି କେତେକ ମହଲରେ ମତ ପ୍ରକାଶ ପାଉଛି।

ବର୍ତ୍ତମାନ ଏହି ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟା, ନିଖୋଜ ଅଭିଯୋଗରେ ବିଳମ୍ବ, ନଦୀରେ ମୃତଦେହ ଭାସିବା ସମ୍ପର୍କିତ ଅଭିଯୋଗ ଏବଂ ମୃତଦେହ ଉଦ୍ଧାର ପୂର୍ବରୁ ଶୁଦ୍ଧିକ୍ରିୟା ସମ୍ପନ୍ନ ହେବା ଭଳି ଘଟଣାଗୁଡ଼ିକ ମାମଲାକୁ ଆହୁରି ରହସ୍ୟମୟ କରିଦେଇଛି। ତେବେ ଏହି ସମସ୍ତ ପ୍ରଶ୍ନର ଉତ୍ତର କେବଳ ପ୍ରମାଣ ଭିତ୍ତିକ ତଦନ୍ତ ଓ ଆଧିକାରିକ ରିପୋର୍ଟ ସାମ୍ନାକୁ ଆସିବା ପରେ ହିଁ ସ୍ପଷ୍ଟ ହୋଇପାରିବ।

ଏପରି ସ୍ଥିତିରେ ଘଟଣାର ସମସ୍ତ ଦିଗକୁ ନିରପେକ୍ଷ ଓ ସ୍ୱଚ୍ଛ ଭାବରେ ତଦନ୍ତ କରିବା ସହ ପୋଲିସ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯିବାକୁ ସାଧାରଣରେ ଦାବି ଜୋର ଧରିଛି।

### ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନ

## ଦ୍ୱିତୀୟ ଦିନରେ ୯ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ଯୋଡ଼ା,୩।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ଅକ୍ଟୋବର ୧୨ରେ ହେବାକୁ ଥିବା ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନକୁ ନେଇ ତତ୍ପରତା ବଢ଼ିଛି। ନାମାଙ୍କନ ଦାଖଲର ଦ୍ୱିତୀୟ ଦିନରେ ମୋଟ ୯ ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ନିର୍ବାଚନ ଅଧିକାରୀଙ୍କ ସୂଚନାନୁସାରେ, ସଭାପତି ପଦ ପାଇଁ ରାଜେଶ ରୋଶନ, ଉପସଭାପତି ପାଇଁ ଦୀପକ ମହାନ୍ତ, ସମ୍ପାଦକ ପାଇଁ ରବି ନାରାୟଣ ଦାସ, ସହସମ୍ପାଦକ ପାଇଁ ମହେଶ କୁମାର ସିଂ ଏବଂ କୋଷାଧ୍ୟକ୍ଷ ପାଇଁ ଲକ୍ଷ୍ମଣ ବାରିକ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ଯୁଗ୍ମ ସମ୍ପାଦକ ପଦ ପାଇଁ ମାୟାଧର ପାତ୍ର ଏବଂ କୋଷାଧ୍ୟକ୍ଷ ପଦ ପାଇଁ ନିର୍ମଳ ସିଂ ଓ ବବଲୁ ତ୍ରିୟା ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ, ବିଧାୟକ ସନାତନ ମହାକୁଡ଼ଙ୍କ ସମର୍ଥିତ ପ୍ରାର୍ଥୀମାନେ ଶୁକ୍ରବାର ଅପରାହ୍ନ ପ୍ରାୟ ୧୨ଟା ୩୦ରେ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ନାମାଙ୍କନ ଦାଖଲ ପାଇଁ ବାହାରିଥିଲେ। ବାଜାବାଣ ଓ ସମର୍ଥକଙ୍କ ଉପସ୍ଥିତିରେ ହୋଇଥିବା ଏହି ଶୋଭାଯାତ୍ରାରେ ପ୍ରାୟ ଏକ ହଜାର ଲୋକ ସାମିଲ ହୋଇଥିବା ସମର୍ଥକମାନେ ଦାବି କରିଛନ୍ତି। ତେବେ ଯୋଗଦେଇଥିବା ଲୋକଙ୍କ ମଧ୍ୟରୁ କେତେଜଣ ସଂଘର ପ୍ରକୃତ ସଦସ୍ୟ ଓ କେତେଜଣ ବାହାରୁ ଆସିଥିଲେ, ତାହାକୁ ନେଇ ଆଲୋଚନା ଚାଲିଛି।




SANCHAR
ସଂଚାର
ରବିବାର ୪ ଅକ୍ଟୋବର ୨୦୨୬

# ସ୍ୱାସ୍ଥ୍ୟ

# ରକ୍ତ ସଞ୍ଚାଳନ ଉନ୍ନତ ପାଇଁ ଯୋଗାସନ



ଶୀତଋତୁରେ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଏ। ଆମେ ଅଧିକାଂଶ ସମୟ ବସି କିମ୍ବା କମ୍ବଳ ତଳେ ଶୋଇ ରହିଥାଉ। ଏହା ରକ୍ତ ସଞ୍ଚାଳନକୁ ଧୀର କରିଦିଏ। ଏହା ବ୍ୟତୀତ, ଥଣ୍ଡା ପାଗ ରକ୍ତବାହୀ ନଳୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ରକ୍ତ ସଞ୍ଚାଳନକୁ ଆହୁରି ମନ୍ଥର କରିଦିଏ। କିନ୍ତୁ ପ୍ରତିଦିନ କିଛି ସରଳ ଯୋଗ ଆସନ ଅଭ୍ୟାସ କରି, ରକ୍ତ ସଞ୍ଚାଳନକୁ ପୁଣି ଉନ୍ନତ କରାଯାଇପାରିବ।

ତାଡାସନ:ଏହା ଏକ ଅତି ସରଳ ଯୋଗ ଆସନ ଯାହା ସାରା ଶରୀରରେ ରକ୍ତ ସଞ୍ଚାଳନକୁ ବୃଦ୍ଧି କରେ। ଏହା ଶରୀରର ପୋଷ୍ଚରରେ ମଧ୍ୟ ଉନ୍ନତି ଆଣିଥାଏ।

ଶ୍ୱାନ ଆସନ:ଏହି ଆସନ ଶୀତକାଳୀନ ବିରୋଧାଭାସ ଭାବରେ ବିବେଚନା କରାଯାଏ। କାରଣ ଏହା ମୁଣ୍ଡ ଏବଂ ହୃଦୟକୁ ସୁସ୍ଥ ରଖେ। ଏହା ମୁଣ୍ଡର ରକ୍ତ ପ୍ରବାହ ବୃଦ୍ଧି କରେ ଏବଂ ଶୀତକାଳୀନ ଆଳସ୍ୟରୁ ମୁକ୍ତି ଦିଏ।

ଭୁଜଙ୍ଗାସନ:ଛାତି ଏବଂ ଫୁସଫୁସ ଖୋଲିବା ପାଇଁ ଏହା ଏକ ଉତ୍କୃଷ୍ଟ ଆସନ। ଏହା ମେରୁଦଣ୍ଡକୁ ନମନୀୟ କରିଥାଏ ଏବଂ ଶ୍ୱାସକ୍ରିୟା ପ୍ରଣାଳୀକୁ ଶକ୍ତିଶାଳୀ କରିଥାଏ, ରକ୍ତରେ ଅମ୍ଳଜାନ ବୃଦ୍ଧି କରିଥାଏ।

ବୀରଭଦ୍ରାସନ:ଏହି ଆସନ ଶରୀରରେ ଉଷ୍ଣତା ସୃଷ୍ଟି କରେ, ଯାହା ଶୀତଦିନେ ଅତ୍ୟନ୍ତ ଜରୁରୀ। ଏହା ଗୋଡ଼ ଏବଂ ବାହୁର ମାଂସପେଶୀକୁ ସକ୍ରିୟ କରିଥାଏ ଏବଂ ହୃଦସ୍ପନ୍ଦନକୁ ସାମାନ୍ୟ ବୃଦ୍ଧି କରିଥାଏ, ଯାହା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ।

ସର୍ବାଙ୍ଗାସନ:ଏହି ଆସନ ସମଗ୍ର ଶରୀରର ସିଷ୍ଟମକୁ ପୁନଃସ୍ଥାପିତ କରେ। ଏହା ଗୁରୁତ୍ୱାକର୍ଷଣ ବିରୁଦ୍ଧରେ ଗୋଡରୁ ହୃଦୟ ଏବଂ ମସ୍ତିଷ୍କକୁ ରକ୍ତ ପଠାଏ, ରକ୍ତ ସଞ୍ଚାଳନ ଉନ୍ନତ କରେ ଏବଂ ଚର୍ମରେ ଚମକ ଆଣିଥାଏ।

# ଗର୍ଭାବସ୍ଥାରେ ସକାଳେ କ'ଣ ଖାଇବେ



ଗର୍ଭାବସ୍ଥା ପ୍ରତ୍ୟେକ ମହିଳାଙ୍କ ଜୀବନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ମା'ଙ୍କ ସ୍ୱାସ୍ଥ୍ୟ ସହ ଗର୍ଭସ୍ଥ ଶିଶୁର ବିକାଶ ମଧ୍ୟ ସଠିକ୍ ପୋଷଣ ଉପରେ ନିର୍ଭର କରେ। ତେଣୁ ପ୍ରତିଦିନର ଖାଦ୍ୟରେ ପୋଷକତତ୍ତ୍ୱରେ ଭରପୂର ଖାଦ୍ୟ ସାମିଲ କରିବା ଅତ୍ୟନ୍ତ ଜରୁରୀ। ଗର୍ଭାବସ୍ଥା ସମୟରେ ମହିଳାଙ୍କ ଖାଦ୍ୟରେ ପ୍ରଚୁର ପରିମାଣର ପ୍ରୋଟିନ୍,କ୍ୟାଲସିୟମ୍, ଆଇରନ୍ ଯୁକ୍ତ ଖାଦ୍ୟ ଖାଇବା ଜରୁରୀ। ଆପଣ ସକାଳେ ଯାହା ଖାଆନ୍ତି ତାହା ସାରା ଦିନ ପାଇଁ ଶକ୍ତିର ଉତ୍ସ ହୋଇଥାଏ। ତେଣୁ, ସକାଳର ପ୍ରଥମ ଖାଦ୍ୟ ଭାବିଚିନ୍ତି ଖାଇବା ଉଚିତ। ତେବେ ସକାଳେ ଗର୍ଭବତୀ ମହିଳା କଣ ଖାଇବା ଉଚିତ ସେ ସମ୍ପର୍କରେ ଆସନ୍ତୁ ଜାଣିବା।

ପାନମହୁରି ପାଣି ପିଅନ୍ତୁ:ଗର୍ଭବତୀ ମହିଳାମାନେ ସକାଳେ ଉଠିବା ପରେ ଉଷୁମ ପାଣିରେ ଲେମ୍ବୁ, ପାନମହୁରି କିମ୍ବା ଜିରା ମିଶାଇ ପିଇବା ଲାଭଦାୟକ ହୋଇପାରେ। ଏହା ପାଚନ କ୍ରିୟାକୁ ଭଲ ରଖେ ଏବଂ ଶରୀରରେ ଶକ୍ତି ବଜାୟ ରଖେ। ଏହା ଆପଣଙ୍କ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ୍ୟ ସାହାଯ୍ୟ କରେ।

ଭିଜା ବାଦାମ ଖାଆନ୍ତୁ: ରାତିସାରା ପାଣିରେ ୫ଟି ବାଦାମ ଭିଜାଇ ରଖନ୍ତୁ ଏବଂ ସକାଳେ ପ୍ରଥମେ ଖାଆନ୍ତୁ। ଏହା କରିବା ଦ୍ୱାରା, ଆପଣ ସାରା ଦିନ ଶକ୍ତିର ଅଭାବ ଅନୁଭବ କରିବେ ନାହିଁ ଏବଂ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ୍ E ଏବଂ ଫ୍ୟାଟି ଏସିଡ୍ ପାଇପାରିବେ। ଏହା ଗର୍ଭରେ ଥିବା ଶିଶୁର ମସ୍ତିଷ୍କର ସଠିକ୍ ବିକାଶରେ ସାହାଯ୍ୟ କରେ ଏବଂ ଚର୍ମକୁ ମଧ୍ୟ ସୁସ୍ଥ ରଖେ।

ହଳଦୀ କିମ୍ବା କେସର କ୍ଷୀର : ସକାଳେ ଉଠିବା ମାତ୍ରେ ଉଷୁମ କ୍ଷୀରରେ ଟିକେ କେସର କିମ୍ବା ହଳଦୀ ମିଶାଇ ନିୟମିତ ସେବନ କରନ୍ତୁ। ଆୟୁର୍ବେଦ ଅନୁସାରେ, କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଏବଂ ପିଲାର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରେ।

ତାଜା ଫଳ ଖାଆନ୍ତୁ: ଗର୍ଭାବସ୍ଥାରେ ମହିଳାମାନେ ତାଜା ଫଳ ଏବଂ ପନିପରିବା ଖାଇବା ଉଚିତ। ବିଶେଷକରି କଦଳୀ ଏବଂ ସେଓ, ଏଥିରେ ପର୍ଯ୍ୟାପ୍ତ ପରିମାଣର ଲୌହ ଏବଂ ଫାଇବର ଥାଏ ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ଏହା କରିବା ଦ୍ୱାରା ଗର୍ଭରେ ବଢ଼ୁଥିବା ଶିଶୁର କୋଷଗୁଡ଼ିକର ବିକାଶରେ ସାହାଯ୍ୟ ହୁଏ। ଏଥି ସହ ଆପଣମାନେ ଯଦି ଏହି ଟିପ୍ସକୁ ଫଲୋ କରନ୍ତି, ତେବେ ଆପଣଙ୍କର ଅନେକ ସମସ୍ୟା ସମାଧାନ ହେବାକୁ ଲାଗିବ। ବିଶେଷ କରି ଗର୍ଭବତୀ ମହିଳାମାନେ ଏହି ଖାଦ୍ୟ ଉପରେ ଅଧିକ ଫୋକସ କରନ୍ତୁ, ଯାହା ଆପଣ ଏବଂ ଆପଣଙ୍କ ପିଲା ପାଇଁ ବେସ୍ ଲାଭଦାୟକ ହୋଇପାରିବ।

# ବାଇଗଣ ଖାଉଥିଲେ ସାବଧାନ!

କିଛି ଲୋକ ବାଇଗଣ ଖାଇବାକୁ ପସନ୍ଦ କରୁଥିବାବେଳେ ଆଉ କିଛି ଲୋକ ଏହାକୁ ଖାଇବାକୁ ଆଦୌ ପସନ୍ଦ କରି ନଥାଆନ୍ତି। ବାଇଗଣରେ ଅନେକ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଏ। ବାଇଗଣ ଖାଇବାର ଅନେକ ଫାଇଦା ରହିଛି। ବାଇଗଣର କେତେକ କ୍ଷତିକାରଣ ଗୁଣ ମଧ୍ୟ ରହିଛି। କିଛି ଲୋକଙ୍କ ଠାରେ ବାଇଗଣ ଖାଇବା ପରେ କୁଣ୍ଡାଇ ହେବା, ନାଲି ନାଲି ଫଳିଯିବା, କିଡ୍ନୀ ପଥରୀ ଓ ଲୋ ବ୍ଲଡ ସୁଗାର ଆଦି ସମସ୍ୟା ଦେଖାଦେଇଥାଏ। ଏହା କିଛି ଲୋକଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେବେ ଆସନ୍ତୁ ବାଇଗଣ କେଉଁମାନେ ଖାଇବା ଉଚିତ୍ ନୁହେଁ ସେ ସମ୍ପର୍କରେ ଜାଣିବା।

କିଡନୀ ପାଇଁ କ୍ଷତିକାରକ:ଯେଉଁ ଲୋକମାନଙ୍କ କିଡ଼ନୀରେ ଷ୍ଟୋନ୍ ସମସ୍ୟା ରହିଛି ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ ବାଇଗଣ। ବାଇଗଣ ମଞ୍ଜି କିଡ଼ନୀ ଷ୍ଟୋନ୍ ସମସ୍ୟାକୁ ବଢାଇ ଦେଇଥାଏ। ବାଇଗଣ ଖାଇବା ଦ୍ୱାରା ଏହି ସମସ୍ୟା ବିପଦ ସୃଷ୍ଟି କରିଥାଏ। ତେଣୁ କିଡ଼ନୀ ରୋଗରେ ପୀଡିତ ଥିବା ବ୍ୟକ୍ତି ବାଇଗଣ ଖାଇବା ଅନୁଚିତ୍।

ହାଡ଼ ପାଇଁ କ୍ଷତିକାରକ:ବାଇଗଣରେ ଅକ୍ସାଲେଟ ନାମକ ଏକ ତତ୍ତ୍ୱ ଥାଏ। ଯାହା କ୍ୟାଲସିୟମକୁ ଅବଶୋଷଣ କମ୍ କରିଥାଏ। ଏହା ହାଡ଼ ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ଯେଉଁମାନଙ୍କ ହାଡ଼ ଦୁର୍ବଳ ସେମାନେ ବାଇଗଣ ଖାଇବାଠାରୁ ଦୂରେଇ ରୁହନ୍ତୁ।

ପାଇଲ୍ସ ରୋଗୀଙ୍କ ପାଇଁ କ୍ଷତିକାରକ:ଯଦି ଆପଣ ରକ୍ତହୀନତା କିମ୍ବା ପାଇଲ୍ସ ରୋଗରେ ପୀଡ଼ିତ ତେବେ ଆପଣମାନେ ବାଇଗଣ ଆଦୌ ଖାଆନ୍ତୁ ନାହିଁ। ନଚେତ୍ ଏହା ସମସ୍ୟାକୁ ବଢାଇଦେଇଥାଏ।

ଆର୍ଥ୍ରାଇଟିସ୍ ରୋଗୀ ପାଇଁ କ୍ଷତିକାରକ:ଆର୍ଥ୍ରାଇଟିସ୍ ରୋଗୀମାନେ ମଧ୍ୟ ବାଇଗଣ ଖାଇବାଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଏହା ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବିଗାଡ଼ି ଦେଇପାରେ। ଏଥିସହିତ ଅତ୍ୟଧିକ ବାଇଗଣ ଖାଇବା କ୍ଷତିକାରକ ହୋଇପାରେ। ଏହା ପେଟ ଖରାପ, ପେଟ ଯନ୍ତ୍ରଣା, ବାନ୍ତି, ମୁଣ୍ଡବିନ୍ଧା ଏବଂ କୁଣ୍ଡେଇ ହେବାର କାରଣ ହୋଇପାରେ।

ସ୍କିନ୍ ଆଲର୍ଜି : ବାଇଗଣ ଖାଇବା ଦ୍ୱାରା ଅଧିକାଂଶ ଲୋକଙ୍କ ଠାରେ ତ୍ୱଚା ସମ୍ବନ୍ଧୀୟ ଆଲର୍ଜି ଯଥା- ନାଲି ନାଲି ଫଳିଯିବା, କୁଣ୍ଡାଇ ହେବା, ଜିଭରେ ଦାନା ଦାନା ହୋଇ ଫଳିଯିବା, ବାନ୍ତି ହେବା ଆଦି ସମସ୍ୟା ଦେଖାଦିଏ। ଯେଉଁ ଲୋକଙ୍କ ଠାରେ ଏସବୁ ସମସ୍ୟା ଦେଖାଦେଉଛି, ଡାକ୍ତର ତାଙ୍କୁ ବାଇଗଣ ଖାଇବାରୁ ବିରତ ରହିବାକୁ ପରାମର୍ଶ ଦେଇଥାନ୍ତି।



# ପୋଷକ ତତ୍ତ୍ୱର ଭଣ୍ଡାର କୋଳଥ ଡାଲି

ଭାରତୀୟଙ୍କ ପ୍ରଥମ ପସନ୍ଦ ଭାତ ଓ ଡାଲି ହୋଇଥାଏ। ଆପଣ ବିଭିନ୍ନ ପ୍ରକାର ଡାଲି ଖାଇଥିବେ। ହରଡ, ମୁଗ, ମସୁର, ବୁଟ ଇତ୍ୟାଦି ଡାଲି ନିଶ୍ଚିତ ଖାଇଥିବେ। ଯାହା ଆମକୁ ଅନେକ ପ୍ରୋଟିନ ଯୋଗାଇଥାଏ। କିନ୍ତୁ ଏହିସବୁ ଡାଲି ବ୍ୟତୀତ କୋଳଥ ଡାଲି ମଧ୍ୟ ରହିଛି। ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ହୋଇଥାଏ। କୋଳଥ ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ବୋଲି ବିବେଚନା କରାଯାଏ। ଆୟୁର୍ବେଦ ଅନୁସାରେ ଏହି



ଡାଲି ଶରୀରର କଫ, ବାତ ଏବଂ ସହଜରେ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ପ୍ରୋଟିନ୍ ଅଭାବଅଧିକ ମାତ୍ରାରେ ଦେଖିବାକୁ ମିଳେ ସେହିମାନଙ୍କ ପାଇଁ ଏହି ଡାଲି ବେଷ୍ଟ ହୋଇଥାଏ। ଯଦି ଆପଣ ନିରାମିଷରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇବାକୁ ଚାହାଁନ୍ତି ତେବେ ଆପଣଙ୍କ ଡାଏଟ୍ ପ୍ଲାନରେ ନିଶ୍ଚୟ କୋଳଥ ଡାଲି ସାମିଲ କରନ୍ତୁ। ଯାହା ଆପଣଙ୍କୁ ଅନେକ ଲାଭ ପ୍ରଦାନ କରିବ। କୋଳଥ ଡାଲିରେ ପ୍ରୋଟିନ୍ ସହିତ ଫାଇବର, ଆଇରନ୍, କ୍ୟାଲସିୟମ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟର ଗୁଣ ଭରପୂର ମାତ୍ରାରେ ରହିଛି। ଯାହା ଶରୀରକୁ ସୁସ୍ଥ ଓ ସକ୍ରିୟ ରଖିବାରେ ସହାୟକ ହୁଏ। କୋଳଥ ଡାଲି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ରହିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ହୋଇ ରହିଥାଏ। ତେବେ ଏହି ଡାଲି ଖାଇବା ଦ୍ୱାରା କ'ଣ ସବୁ ଲାଭ ହୋଇଥାଏ ଆସନ୍ତୁ ସେ ସମ୍ପର୍କରେ ଜାଣିବା।

ଯଦି ଆପଣଙ୍କର କିଡ଼ନୀ ଜନିତ ସମସ୍ୟା ରହିଛି ତେବେ କୋଳଥ ଡାଲି ଡାଏଟରେ ସାମିଲ କରନ୍ତୁ। କୋଳଥ ଡାଲି ଖାଇବା ଦ୍ୱାରା କିଡ଼ନୀ ଷ୍ଟୋନକୁ ସହଜରେ ନଷ୍ଟ କରାଯାଇପାରିବ। କୋଳଥ ଡାଲି ଖାଇବା ଦ୍ୱାରା ଏହା ପରିସ୍ରା ମାଧ୍ୟମରେ ଶରୀରରୁ ଷ୍ଟୋନ୍ ବାହାର କରିବାରେ ସାହାଯ୍ୟ କରେ।

କୋଳଥ ଡାଲି ଖାଇବା ଦ୍ୱାରା ସହଜରେ ଓଜନକୁ କମ୍ କରାଯାଇପାରିବ। ଏଥିରେ ହାଇ ପ୍ରୋଟିନ୍ ଏବଂ ଫାଇବରର ମାତ୍ରା ଭରପୂର ମାତ୍ରାରେ ଥାଏ। ଯାହା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକକୁ ନିୟନ୍ତ୍ରଣରେ ରଖିଥାଏ। ଫଳରେ ଓଜନ ନିୟନ୍ତ୍ରଣରେ ରହିଥାଏ। କୋଳଥ ଡାଲିରେ ପ୍ରୋଟିନ୍ ଥିବାରୁ ଏହା ମାଂସପେଶୀକୁ ମଜବୁତ କରି ରଖିବାରେ ସହାୟକ କରେ। ଏଥିରେ କମ୍ କ୍ୟାଲୋରୀ ଥିବାରୁ ଏହା ଶରୀର ପାଇଁ ଉପକାରୀ ହୋଇଥାଏ। ଯଦି ଆପଣଙ୍କୁ ବାରମ୍ବାର ଥଣ୍ଡା, ଅତ୍ୟଧିକ ନାକ ବନ୍ଦ ଏବଂ ନିଶ୍ୱାସ ନେବାରେ କଷ୍ଟ ହେଉଛି କିମ୍ବା ଯଦି ଆପଣ ସାଇନସ୍ ସମସ୍ୟା ରେ ପୀଡିତ ତେବେ ଆପଣଙ୍କ ଡାଏଟ୍ ଲିଷ୍ଟରେ ନିଶ୍ଚିତ ଭାବେ କୋଳଥ ଡାଲି ଆଡ୍ କରନ୍ତୁ। ଆପଣ କୋଳଥ ଡାଲିକୁ କାଢ଼ା ଭାବରେ ମଧ୍ୟ ସେବନ କରିପାରିବେ। ଯେଉଁମାନଙ୍କର ଗ୍ୟାସ୍ ଏବଂ ପାଚନ ସମସ୍ୟା ରହିଛି ସେମାନେ କୋଳଥ ଡାଲି ଖାଇବା ଉଚିତ୍। ଏଥିରେ ଫାଇବରର ଗୁଣ ଭରପୁର ମାତ୍ରାରେ ଥିବାରୁ ପାଚନ ପ୍ରକ୍ରିୟାକୁ ଉନ୍ନତ କରେ। କୋଳଥ ଡାଲିରେ କ୍ୟାଲିସିୟମ ଏବଂ ଫସଫରସର ଗୁଣ ରହିଛି।ଯାହା ହାଡ଼କୁ ମଜବୁତ କରି ରଖିଥାଏ। ଏହା ସହିତ ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନଫ୍ଲେମେଣ୍ଟାରୀ ଗୁଣ ଥିବାରୁ ପ୍ରଦାହ ହ୍ରାସ କରିବାରେ ସାହାଯ୍ୟ କରେ। ଯଦି ଏହି ସବୁ ସମସ୍ୟା ରହିଛି ତେବେ ନିଶ୍ଚିତ ଭାବେ ଆପଣଙ୍କ ଡାଏଟ୍ ପ୍ଲାନରେ କୋଳଥ ଡାଲି ସାମିଲ କରନ୍ତୁ। ଯାହା ଆପଣଙ୍କ ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ।

# ଔଷଧୀୟ ଗୁଣରେ ଭରପୂର ଅପରାଜିତା

ଅପରାଜିତା ଗାଁ ଗହଳିରୁ ନେଇ ସହର ପର୍ଯ୍ୟନ୍ତ ମିଳୁଥିବା ସାଧାରଣ ଗଛଟିଏ। ଏହା ଯେଉଁଠି ସେଇଠି ଲଟା ପରି ମାଡି ଯାଏ। ଆୟୁର୍ବେଦରେ ଅପରାଜିତାଙ୍କୁ ଗୋଟିଏ ଜଡିବୁଟି ଭାବରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଅପରାଜିତା ଫୁଲ ବର୍ଷା ଋତୁରେ ଅଧିକ ଫୁଟିଥାଏ। ଏହାର ଆୟୁର୍ବେଦରେ ବହୁଳ ପରିମାଣରେ ବିଭିନ୍ନ ରୋଗ ପାଇଁ ଉପଚାର କରାଯାଇଥାଏ। ଅପରାଜିତା ଦୁଇ ପ୍ରକାରର ଦେଖିବାକୁ ମିଳେ ଗୋଟିଏ ହେଉଛି ଧଳା ଓ ଅନ୍ୟଟି ହେଉଛି ନୀଳ। ଅପରାଜିତା ଫୁଲରେ ହେଉଥିବା ରୋଗର ଉପଚାର ବିଷୟରେ ଆସନ୍ତୁ ସେ ସମ୍ପର୍କରେ ଜାଣିବା। ମୁଣ୍ଡବିନ୍ଧା ହେଉଥିଲେ ଅପରାଜିତାର ବ୍ୟବହାର କରାଯାଇଥାଏ। ଯାହାକୁ ଗୋଟିଏ ଯନ୍ତ୍ରଣା ନାଶକ ଔଷଧ ଭାବେ ବିବେଚନା କରାଯାଏ। ଯେତେବେଳେ ମୁଣ୍ଡବିନ୍ଧା ହେଉଛି ସେତେବେଳେ କଞ୍ଚା ଅପରାଜିତା ମଞ୍ଜିରୁ ରସ ତିଆରି କରି ଖାଲି ପେଟରେ ସକାଳୁ ସେବନ କରିବା ଦ୍ୱାରା ଲାଭ ମିଳିଥାଏ। ଏଥି ସହିତ କିଛି ବୁନ୍ଦା ଏହାର ରସ ନାକରେ ପକାଇବା ଦ୍ୱାରା ମାଇଗ୍ରେନ୍ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। ଅନେକ ଲୋକଙ୍କର ଥଣ୍ଡାରୁ ମଧ୍ୟ କାନ ବିନ୍ଧା ହୋଇଥାଏ। ଏହାର ରସକୁ ଗରମ କରି କାନରେ ଲେପ ଭଳି ଲଗାଇବା ଦ୍ୱାରା କାନ ଯନ୍ତ୍ରଣାରୁ ଉପଶମ ମିଳିପାରିବ। ଆଜିକାଲି ଅବସାଦ ଗ୍ରସ୍ତ ହେବ ଗୋଟିଏ ସାଧାରଣ ଜିନିଷ। କିନ୍ତୁ ଧ୍ୟାନରେ ରଖନ୍ତୁ ଯେ ଅପରାଜିତାର ଅବସାଦ ଦୂର କରିବାର ଗୁଣ ରହିଛି। ଅବସାଦ ଗ୍ରସ୍ତ ବ୍ୟକ୍ତିକୁ ଅପରାଜିତା ଫୁଲକୁ ବାଟି ମୁଣ୍ଡରେ ଲେପ ଦିଆଗଲେ ଅବସାଦ ଦୂର ହୋଇଥାଏ। ମଧୁମେହ ରୋଗରେ ଅପରାଜିତା ରକ୍ତ ସର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ମଧୁମେହ ରୋଗୀ ମାନଙ୍କୁ ସକାଳ ଓ ରାତ୍ରିର ଭୋଜନ ପରେ ଅପରାଜିତା ଫୁଲରେ ଚାହା ପ୍ରସ୍ତୁତ କରି ପିଇବାକୁ ଦେବା ଦ୍ୱାରା ସେମାନଙ୍କର ରକ୍ତ ସର୍କରା ନିୟନ୍ତ୍ରିତ ରହିଥାଏ। ଗଳା ଯନ୍ତ୍ରଣା କିମ୍ବା ଟନସିଲ୍ ପାଇଁ ପ୍ରାୟ ୧୦ ଗ୍ରାମ ଅପରାଜିତା ପତ୍ରକୁ ଅଧ ଲିଟର ପାଣିରେ ଫୁଟାନ୍ତୁ। ପାଣି ଅଧା ହୋଇଗଲେ, ଏହାକୁ ଛାଣି ପିଅନ୍ତୁ। ଏହାକୁ କାଢ଼ା ପରି ପିଅନ୍ତୁ। ଏହା ଆପଣଙ୍କ ଗଳା ଯନ୍ତ୍ରଣାରୁ ଯଥେଷ୍ଟ ଆରାମ ଦେବ। କିଡନୀ ଜନିତ ସମସ୍ୟା ପାଇଁ ମଧ୍ୟ ଅପରାଜିତା ଫୁଲ ଖୁବ୍ ଲାଭକାରୀ ହୋଇଥାଏ। ଯଦି ଆପଣ ଏହି ଯନ୍ତ୍ରଣା ପାଉଛନ୍ତି ତେବେ ୫ ଗ୍ରାମ ଅପରାଜିତା ଚେରକୁ ଚାଉଳ ପାଣିରେ ବାଟି ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟା ସମୟରେ ପିଇବା ଦ୍ୱାରା କିଡ଼ନୀ ସମସ୍ୟାରୁ ମୁକ୍ତି ମିଳିଥାଏ। ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିକୁ ଭଜା ହୋଇଥିବା ଅପରାଜିତା ମଞ୍ଜି ଖୁବ୍ ଫଳପ୍ରଦ ହୋଇଥାଏ। ଏହାକୁ ଅଧଗ୍ରାମ ଗୁଣ୍ଡ କରି ମହୁ ମିଶାଇ ଦିନକୁ ଦୁଇଥର ସେବନ କରିବା ଦ୍ୱାରା ଜଣ୍ଡିସରୁ ଆରମ୍ ମିଳିବ। ତା ସହିତ ଅପରାଜିତା ଚେର ୬ ଗ୍ରାମ ନେଇ ଗୁଣ୍ଡ କରନ୍ତୁ ତାହାକୁ ଦହି ସହିତ ମିଶାଇ ଜଣ୍ଡିସ ରୋଗୀକୁ ଖାଇବାକୁ ଦିଅନ୍ତୁ। ଜଣ୍ଡିସ ରୋଗ ଦୂର ହେବ। ଏହି ସବୁ ସମସ୍ୟା ଥିଲେ ଅପରାଜିତା ଫୁଲର ଏପରି ବ୍ୟବହାର କରନ୍ତୁ।



ପୁଲିସ ନିଷ୍କ୍ରିୟତା ଯୋଗୁଁ ଅଚଳ ସିମୁଳିଆ ମୁଖ୍ୟ ବଜାର

# ରାସ୍ତା ଜବରଦଖଲ କରି ଚାଲିଛି ବ୍ୟବସାୟ



**ବାଲିଆପାଳ,୩।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସିମୁଳିଆ ମୁଖ୍ୟ ବଜାର ଏବେ ଅଚଳ। ପ୍ରତିଦିନ ଯାତାୟାତ ବାଧାପ୍ରାପ୍ତ ହେଉଛି। ବଜାରର ମୁଖ୍ୟ ରାସ୍ତାକୁ କିଛି ଅସାଧୁ ବ୍ୟବସାୟୀ ଜବର ରଦଖଲ କରି ଦୋକାନ ଆଗକୁ ଠେଲି ବ୍ୟବସାୟ କରୁଥିବା ବେଳେ ଅନ୍ୟପଟେ ଭିଡ଼ ବ୍ୟବସାୟ ନିୟନ୍ତ୍ରଣ ପାଇଁ ବାଲିଆପାଳ ପୁଲିସ ତରଫରୁ ଜଣେ ବି କର୍ମଚାରୀ ନିୟୋଜିତ ହେଉ ନଥିବାରୁ ସମସ୍ୟା ଗମ୍ଭୀର ରୂପ ନେଇଛି।ଏହି ଗୋଟିଏ ମୁଖ୍ୟ ବଜାର ଦେଇ ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ପର୍ଯ୍ୟଟକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଗରା ବେଳାଭୂମି, ଶ୍ରଦ୍ଧାକ୍ଷେତ୍ର ବାଲିଆପାଳ, ଚାନ୍ଦମଣି ମୁହାଣକୁ ଯାଉଛନ୍ତି। ଦୈନିକ ଶହ ଶହ ବାଇକ୍, ଅଟୋ, କାର୍, ବସ୍, ମାଲବାହୀ ପିକ୍‌ଅପ୍ ଯାତାୟାତ କରୁଛି। ଏହା ସହ ବଜାର ଉଚ୍ଛେଦ କାର୍ଯ୍ୟ ମଧ୍ୟ ମାସ ମାସ ହୋଇନାହିଁ। ଫଳରେ ପୁଲିସର ଘୋର ଅବହେଳା ଯୋଗୁଁ ସକାଳୁ ସନ୍ଧ୍ୟା ଯାଏ ମୁଖ୍ୟ ବଜାରରେ ଭିଡ଼ ଲାଗି ରହୁଛିକୁ ଅନେକ ବିଦ୍ୟାଳୟ ଛାତ୍ରଛାତ୍ରୀ, ଦୂରଦୂରାନ୍ତର ଯାତ୍ରୀ, ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଏହି ଭିଡ଼ରେ ଫସି ରହୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୂର୍ବରୁ ବାଲିଆପାଳ ଥାନା ଅଧିକାରୀ ଭାବେ ପୃଶୁରାମ ସାହୁ ଓ ସସ୍ମିତା ସାହୁ ଦାୟିତ୍ୱରେ ଥିବା ସମୟରେ ସିମୁଳିଆ ମୁଖ୍ୟ ବଜାର ବ୍ଲକ ଛକ, ଅୟସକାନ୍ତ ଛକ ଓ ରାଧାଗୋବିନ୍ଦ ମଠ ନିକଟରେ ତିନୋଟି ସ୍ଥାନରେ ସ୍ଥାୟୀ ଭାବେ ପୁଲିସ କର୍ମଚାରୀ ନିୟୋଜିତ କରୁଥିଲେ। ସେତେବେଳେ ଟ୍ରାଫିକ ସୁରୁଖୁରୁରେ ଚାଲୁଥିଲା, କେହି ରାସ୍ତା ଜବରଦଖଲ କରିବାକୁ ସାହସ କରୁ ନଥିଲେ। କିନ୍ତୁ ବର୍ତ୍ତମାନ ଥାନା ଅଧିକାରି ସାଲଖାନ ମୃମ୍ମୁ ଆସିବା ପରେ ବଜାର ଭିଡ଼ ହେଉ କି ଯାତାୟାତ ସମସ୍ୟା ହେଉ କୌଣସି ଶୃଙ୍ଖଳା କାର୍ଯ୍ୟ ପ୍ରତି ଦାୟିତ୍ୱ ନେଉ ନାହାଁନ୍ତି। ଥାନାକୁ ଫୋନ୍ କଲେ ମଧ୍ୟ ପୁଲିସ ଆସୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି।ଗତ ମଙ୍ଗଳବାର ଓ ଶନିବାର ସାପ୍ତାହିକ ହାଟ ସହ ସ୍କୁଲ ଛୁଟି ସମୟରେ ସିମୁଳିଆ ମୁଖ୍ୟ ବଜାର ସାହୁ ମେଡ଼େସିନଷ୍ଟୋର ପାଖରେ କୌଣସି ପୋଲିସ କର୍ମଚାରୀ ନଥିବାରୁ ଘଣ୍ଟା ଘଣ୍ଟା ଧରି ଶହ ଶହ ଲୋକ, ବିଦ୍ୟାଳୟ ଛାତ୍ରଛାତ୍ରୀ ସହ ମାଲବାହୀ ଗାଡି ଫସି ରହିଥିଲା।

**ଘଣ୍ଟା ଘଣ୍ଟା ଧରି ଫସୁଛନ୍ତି ଛାତ୍ରଛାତ୍ରୀ, ଅଟକୁଛି ଆମ୍ବୁଲାନ୍ସ**

ଛାତ୍ରାବାସରେ ଅବ୍ୟବସ୍ଥା ଅଭିଯୋଗ

# ତଦନ୍ତ ଦାବି କଲା ମାସା ସଂଗଠନ

**ବାରିପଦା,୩।୧୦ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ବଡ଼ାଯୋଡ଼ିସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୨୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଓ ହରିଜନ ଛାତ୍ରାବାସରେ ଅବ୍ୟବସ୍ଥା, ଛାତ୍ରମାନଙ୍କ ସୁରକ୍ଷା ପ୍ରତି ଅବହେଳା ଓ ପରିଚାଳନାରେ ଅନିୟମିତତା ନେଇ ଅଭିଯୋଗ ଉଠିଛି। ଏନେଇ ମୟୁରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରାଯାଇ ନିରପେକ୍ଷ ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ମାସାର ଅଭିଯୋଗ ଅନୁଯାୟୀ, କେତେକ ଛାତ୍ର ବିନା ଅନୁମତିରେ ଛାତ୍ରାବାସରୁ ବାହାରକୁ ଯାଉଥିବା, ଦିନ ଓ ରାତିରେ ବାହାରେ ରହୁଥିବା ଏବଂ କେତେକ କ୍ଷେତ୍ରରେ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ହୋଷ୍ଟେଲ ବାହାରେ ରହୁଥିବା ଘଟଣା ଘଟୁଛି। କେତେକ ଛାତ୍ର ନିଶାଦ୍ରବ୍ୟ ସେବନ କରୁଥିବା ଓ ମୋବାଇଲ ଫୋନର ଅନୁଚିତ ବ୍ୟବହାର ଯୋଗୁଁ ପାଠପଢ଼ାରେ ଅବହେଳା କରୁଥିବା ନେଇ ମଧ୍ୟ ସଂଗଠନ ଅଭିଯୋଗ କରିଛି। ଅଭିଯୋଗରେ ୨୮ ସେପ୍ଟେମ୍ବର ୨୦୨୬ର ଏକ ଘଟଣାକୁ ଗୁରୁତ୍ୱ ଦିଆଯାଇଛି। ସଂଗଠନର ଦାବି ଅନୁସାରେ, ସେଦିନ ୬ ଜଣ ଛାତ୍ର ହୋଷ୍ଟେଲରୁ ବାହାରି ଟାଟାନଗର ଯାଇଥିଲେ। ଫେରିବା ସମୟରେ ସେମାନଙ୍କ ମଧ୍ୟରୁ ୩ ଜଣ ଚୋରି ମାମଲା ସମ୍ପର୍କିତ ଘଟଣାରେ



ବହଳଦା ଥାନାରେ ଅଟକ ଥିବା ଏବଂ ଅନ୍ୟ ୩ ଜଣ ରାତିସାରା ବାହାରେ ରହିଥିବା ଅଭିଯୋଗ ହୋଇଛି। ପରଦିନ ସକାଳେ ସେମାନେ ଛାତ୍ରାବାସକୁ ଫେରିଥିବା ସଂଗଠନ ପକ୍ଷରୁ କୁହାଯାଇଛି।

## ମେଧାବୀ ଛାତ୍ରୀଙ୍କୁ ବିଧାୟକଙ୍କ ଲାପଟପ ପ୍ରଦାନ



**ଧର୍ମଶାଳା,୩।୧୦(ସଂଚାର ବ୍ୟୁରୋ):** ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁଙ୍କ ପକ୍ଷରୁ ଜଣେ ମେଧାବୀ ଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ କରାଯାଇଛି। ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ଗ୍ରାମପଞ୍ଚାୟତର ନୂଆହାଟ ଗ୍ରାମର ମେଧାବୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟିଙ୍କୁ ବିଧାୟକ ଶ୍ରୀ ସାହୁ ଲାପଟପ୍ ପ୍ରଦାନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ସହ ଡିଜିଟାଲ୍ ଶିକ୍ଷା ଓ ଉଚ୍ଚଶିକ୍ଷା ପାଇଁ ଲାପଟପଟି ପ୍ରିୟଙ୍କାଙ୍କୁ ଅଧିକ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି। ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେଇ ସେମାନଙ୍କ ଶିକ୍ଷା ଯାତ୍ରାରେ ସହଯୋଗ କରିବାର ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ପ୍ରିୟଙ୍କା ଭବିଷ୍ୟତରେ ନିଜ ଲକ୍ଷ୍ୟ ହାସଲ କରି ନିଜ ପରିବାର ତଥା ଅଞ୍ଚଳର ଗୌରବ ବଢ଼ାଇବେ ବୋଲି ବିଧାୟକ ଶ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି।

## ମାଁ ଡୁକୁରୀଙ୍କ ଛତର ଯାତ୍ରା ପାଇଁ ସାମ୍ବାଦିକ ସମ୍ମିଳନୀ



**ମ.ରାମପୁର,୩।୧୦(ସଞ୍ଚାର ବ୍ୟୁରୋ):** ମ.ରାମପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ଡୁକୁରୀଙ୍କ ପବିତ୍ର ଛତର ଯାତ୍ରା ଆୟୋଜନକୁ ନେଇ ଆଜି ମଦନପୁର ରାମପୁର ରାଜା ବୁଧେନ୍ଦ୍ର ସିଂହଦେଓ ଙ୍କ ବାସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ଅକ୍ଟୋବର ୧୯ ତାରିଖ ସୋମବାର ରେ ହେବାକୁ ଥିବା ଛତର ଯାତ୍ରାକୁ ସୁଚାରୁ ଓ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ନେଇ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।ଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଆଲୋକୀକରଣ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଯାତ୍ରାରେ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଆଶା କରାଯାଉଥିବାରୁ ସମସ୍ତ ବିଭାଗ ଓ ଆୟୋଜକଙ୍କ ମଧ୍ୟରେ ସମନ୍ୱୟ ରଖିବା ଉପରେ ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଛତର ଯାତ୍ରାର ପରମ୍ପରା, ଧାର୍ମିକ ମହତ୍ତ୍ୱ ଓ ଚଳିତବର୍ଷର ଆୟୋଜନ ସମ୍ପର୍କରେ ଶ୍ରୀ ସିଂହଦେଓ ସୂଚନା ଦେଇଥିଲ। ଯାତ୍ରାକୁ ସଫଳ କରିବା ପାଇଁ ପ୍ରତିଟି ଗ୍ରାମର ଗୌନ୍ତିଆ, ଅଞ୍ଚଳବାସୀ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସହଯୋଗ କାମନା କରାଯାଇଥିଲା।

## ଶିକ୍ଷକଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ନେଇ ମନ୍ଥନ



**ଦିଗପହଣ୍ଡି,୩।୧୦(ସଞ୍ଚାର ବ୍ୟୁରୋ):** ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କର ନିରନ୍ତର ବୃତ୍ତିଗତ ଦକ୍ଷତା ବିକାଶ ଲକ୍ଷ୍ୟରେ ଦିଗପହଣ୍ଡି ନୂଆସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ମାସିକ କ୍ଲଷ୍ଟର ସ୍ତରୀୟ ସହଭାଗିତା ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ନଗର କ୍ଲଷ୍ଟର ସିଆରସିସି ଅନିଲ କୁମାର ଦାସ ଏବଂ ପୂର୍ବତନ ସିଆରସିସି ଉପେନ୍ଦ୍ର ପଣ୍ଡାଙ୍କ ମିଳିତ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଗପହଣ୍ଡି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ (ଏବିଇଓ) ରସାନନ୍ଦ ଘଡେଇ ଅତିଥି ଭାବେ ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ସମ୍ବନ୍ଧୀୟ ଶିକ୍ଷା ଦାନ ପ୍ରଣାଳୀ ଉପରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଦେଇଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି, ଶିକ୍ଷଣ ସାମଗ୍ରୀ (ଟିଏଲ୍‌ଏମ୍)ର ସଠିକ୍ ବ୍ୟବହାର ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷକମାନଙ୍କର ଶୈକ୍ଷିକ ଦକ୍ଷତା ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହାସହ ଶିକ୍ଷାର୍ଥୀମାନଙ୍କ ଶୈକ୍ଷିକ ପ୍ରଗତିର ନିୟମିତ ସମୀକ୍ଷା କରିବା ନେଇ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଅନେକ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇ ନିଜ ନିଜର ଶିକ୍ଷଣ ଅନୁଭୂତି ସାଝା କରିଥିଲେ।

## ବରିଷ୍ଠ ନାଗରିକ ଦିବସ ପାଳନ

**ବେତନଟୀ,୩।୧୦ (ସଂଚାର ବ୍ୟୁରୋ):** ବେତନଟୀ ଇନ୍ଦିରା ନଗରର ପୂଜ୍ୟପୂଜା ସଂସ୍ଥାର ପ୍ରତିଷ୍ଠାତା ଆଶୁକବି ବାସୁଦେବ ନାପିତଙ୍କ ଆହ୍ୱାନରେ ଶତାଧିକ ବରିଷ୍ଠ ନାଗରିକଗଣ ଏକତ୍ରିତ ହୋଇ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସକୁ ମହାସମାରୋହରେ ପାଳନ କରିଅଛନ୍ତି । ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଗୌତମ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ । ଦୁର୍ଯ୍ୟୋଧନ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ଯଥା - ବ୍ୟାଙ୍କ ସେବା ,ସ୍ୱାସ୍ଥ୍ୟସେବା,ସରକାରୀ ପ୍ରଦତ୍ତ ବିଭିନ୍ନ ସୁବିଧା ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ । ମୁଖ୍ୟବକ୍ତା ବରିଷ୍ଠ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଓ ତହିଁର ପ୍ରତିକାର ସମ୍ବନ୍ଧରେ ବ୍ୟକ୍ତବ୍ୟ ରଖିଥିଲେ ।

# ସ୍ୱତନ୍ତ୍ର ଗ୍ରାମସଭାରେ ନିୟମ ଉଲ୍ଲଂଘନ ଅଭିଯୋଗ

ସରକାରୀ ନିୟମକୁ ପିଇଓ ବେଖାତିର



**ବାଲିକୁଦା,୩।୧୦(ସଂଚାର ବ୍ୟୁରୋ):** ଗାନ୍ଧୀ ଜୟନ୍ତୀ ଅବସରରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାକୁ ନେଇ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମ ପଞ୍ଚାୟତରେ ଉତ୍ତେଜନା ସୃଷ୍ଟି ହୋଇଛି। ସରକାରୀ ନିୟମାନୁଯାୟୀ ସାଧାରଣ ଲୋକଙ୍କୁ ଅବଗତ କରାଯାଇ ଗ୍ରାମସଭା ଆୟୋଜନ କରିବାର ନିୟମ ଥିବାବେଳେ, ଏଠାରେ ତାହା ପାଳନ କରାଯାଇନଥିବା ନେଇ କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମ ପଞ୍ଚାୟତ ପିଇଓ ହିମାଂଶୁ ନାୟକ ଙ୍କ ପକ୍ଷରୁ ଅକ୍ଟୋବର ୨ ତାରିଖରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେବ ବୋଲି ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମର ଛକ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଲିଖିତ ନୋଟିସ ମରାଯାଇଥିବା ନୋଟିସ ଖାତାରେ ଦର୍ଶାଯାଇଛି। ଏଥିସହିତ ଗ୍ରାମସଭାରେ ଲୋକମାନଙ୍କ ଉପସ୍ଥିତି ପାଇଁ ଅବଗତ କରାଯାଇଥିବା ମଧ୍ୟ ଉଲ୍ଲେଖ ରହିଥିବା କୁହାଯାଉଛି। ତେବେ ବାସ୍ତବରେ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସ୍ଥାନରେ ନୋଟିସ ମରାଯାଇନଥିବା ଏବଂ ନାଗରା ମାଧ୍ୟମରେ ମଧ୍ୟ ସାଧାରଣ ଲୋକଙ୍କୁ ଅବଗତ କରାଯାଇନଥିବା ଅଭିଯୋଗ ହୋଇଛି। କେବଳ ୱାର୍ଡ ସଭ୍ୟସଭ୍ୟାଙ୍କଠାରୁ ନୋଟିସ ଖାତାରେ ଦସ୍ତଖତ ନିଆଯାଇ, ହାତଗଣତି କେତେକ ଲୋକଙ୍କ ଉପସ୍ଥିତିରେ ଗ୍ରାମସଭା ଆରମ୍ଭ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ୱାର୍ଡ ସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଏବଂ ବୁଧିସାହି ଗ୍ରାମର ବିପିନି ବିହାରୀ ମୁଦୁଲି ପିଇଓଙ୍କୁ ପଚାରିବାରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମସଭାରେ କିଛି ସମୟ ପାଇଁ ହୋହାଲ୍ଲା ଓ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ, ଗ୍ରାମସଭା ସମୟରେ ସାଧାରଣ ଲୋକଙ୍କୁ ଫଟୋ ଉଠାଇବାକୁ ବାରଣ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

# ୪୩୬ ଟଙ୍କାର ବୀମାରେ ୨ ଲକ୍ଷର ଭରସା

● ଏସ୍‌ବିଆଇର ବୀମାରାଶି ପାଇ ଗରିବ ଗ୍ରାହକଙ୍କ ମୁହଁରେ ଖୁସିର ମୁହୂର୍ତ୍ତ

**ଲାଞ୍ଜିଗଡ଼,୩।୧୦(ସଂଚାର ବ୍ୟୁରୋ):** ମାତ୍ର ୪୩୬ ଟଙ୍କାର ବୀମା ପ୍ରିମିୟମ ଏକ ଗରିବ ପରିବାର ପାଇଁ ଦୁର୍ଦ୍ଦିନରେ ୨ ଲକ୍ଷ ଟଙ୍କାର ଆର୍ଥିକ ଭରସା ପାଲଟିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଜକକିରଡ଼ା ଗ୍ରାମରେ ଦେଖିବାକୁ ମିଳିଛି।ଜକକିରଡ଼ା ଗ୍ରାମର ସୌଦାମିନୀ ନାଏକଙ୍କ ଅକାଳ ବିୟୋଗ ପରେ ତାଙ୍କ ସ୍ୱାମୀ ଉଦ୍ଧବ ନାଏକଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅଧୀନରେ ୨ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। [illegible] ଷ୍ଟେଟ ବ୍ୟାଙ୍କ ଶାଖାର ଶାଖା ପରିଚାଳକ ହିତେଶ କୁମାର ବିଶ୍ୱାଳଙ୍କ ପକ୍ଷରୁ ଏହି ବୀମା ଦାବିର ପ୍ରକ୍ରିୟା ସମ୍ପନ୍ନ କରାଯାଇ ବୀମାରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ସୌଦାମିନୀ ନାଏକ ମାତ୍ର ୪୩୬ ଟଙ୍କାର ବୀମା ପ୍ରିମିୟମ ଦେଇ ଏହି ବୀମା ଯୋଜନାରେ ସାମିଲ ହୋଇଥିଲେ। କିନ୍ତୁ ତାଙ୍କ ଅକାଳ ବିୟୋଗ ପରେ ସେହି ଅଳ୍ପ ପରିମାଣର ପ୍ରିମିୟମ ତାଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତାର ମାଧ୍ୟମ ହୋଇଛି। ସ୍ତ୍ରୀଙ୍କୁ ହରାଇ ଦୁଃଖରେ ଥିବା ଉଦ୍ଧବ ନାଏକଙ୍କ ପରିବାର ପାଇଁ ଏହି ବୀମାରାଶି ନିଶ୍ଚିତ ଭାବେ ଏକ ବଡ଼ ଆର୍ଥିକ ସମ୍ବଳ ପାଲଟିଛି। ଜୀବନର ଏଭଳି ଦୁର୍ଦ୍ଦିନରେ



ମିଳିଥିବା ଏହି ଆର୍ଥିକ ସହାୟତା ପରିବାରକୁ କିଛିଟା ଆଶ୍ୱାସନା ଦେଇଥିବା ବେଳେ ଉଦ୍ଧବଙ୍କ ମୁହଁରେ ମଧ୍ୟ ଆଶାର ଆଲୋକ ଫୁଟିଥିବା ଦେଖାଯାଇଛି। ଗ୍ରାମାଞ୍ଚଳର ଗରିବ ଓ ନିମ୍ନ ଆୟକାରୀ ପରିବାର ପାଇଁ ଅଳ୍ପ ପ୍ରିମିୟମରେ ବୀମା ସୁରକ୍ଷା ଏଭଳି ଆପତ୍ତିକାଳୀନ ସମୟରେ କେତେ ଗୁରୁତ୍ୱପୂର୍ଣ୍ଣ ଏହି ଘଟଣା ତାହାର ଏକ ଉଦାହରଣ ବୋଲି କୁହାଯାଉଛି।

## ଚୋରାରେ କଟାଯାଇଥିବା ୪ ଶାଳ ଗଛର ଗଣ୍ଡି ଜବତ

**ପାଟଣା,୩।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ପାଟଣା ସେକ୍ସନର ମଲ୍ଲିପୋଷି ବିଟ୍ ଅଧୀନ ନୂଆପଡ଼ା ଗ୍ରାମ ହୁଡ଼ିରୁ ଚୋରାରେ କଟାଯାଇ ରଖାଯାଇଥିବା ୪ଟି ଶାଳ ଗଛର ଗଣ୍ଡିକୁ ଶୁକ୍ରବାର ବନ ବିଭାଗ ଜବତ କରିଛି। ଜବତ କାଠ ଗଣ୍ଡିଗୁଡ଼ିକୁ ଟ୍ରାକ୍ଟର ଯୋଗେ ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଏହି ଚଢ଼ାଉରେ ପାଟଣା ଫରେଷ୍ଟର ନିରଞ୍ଜନ ସେଠୀ, ମଲ୍ଲିପୋଷି ବନରକ୍ଷୀ ଲକ୍ଷ୍ମୀକାନ୍ତ ରାଉତଙ୍କ ସମେତ ପାଟଣା ବନାଞ୍ଚଳର ୮ ଜଣ ପାରାସ୍ୱାଡ଼୍ ସଦସ୍ୟ ସଞ୍ଜୟ ମହାନ୍ତ, ଅଟଳ ବିହାରୀ ସେଠୀ, କାର୍ତ୍ତିକ ମହାନ୍ତ, ଉମେଶ ମହାନ୍ତ, ରମାକାନ୍ତ ମହାନ୍ତ, କୈଳାସ ମହାନ୍ତ, ମୁରଲୀ ମହାନ୍ତ ଓ ତ୍ରିଲୋଚନ ମହାନ୍ତ ସାମିଲ ଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

# ମରଣଯନ୍ତା ପାଲଟିଛି ବାଲିଆପାଳ-ବସ୍ତା ରାସ୍ତା



**ବାଲିଆପାଳ,୩।୧୦ (ସଂଚାର ବ୍ୟୁରୋ):** ସ୍ୱମରଣଯନ୍ତା ପାଲଟିଛି ବାଲିଆପାଳ-ବସ୍ତା ରାସ୍ତା। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା। ବାରମ୍ବାର ଦାବି ପରେ ବି ହେଉନାହିଁ ମରାମତି। ନିଘୋଡ଼ ନିଦ୍ରାରେ ଶୋଇଛି ପୂର୍ତ୍ତ ବିଭାଗ। ଯାତାୟାତ ସୁଗମ କରିବା ସହ ଦୁର୍ଘଟଣା ରୋକିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଥିବା କହୁଛନ୍ତି। ହେଲେ ବାଲିଆପାଳ-ବସ୍ତା ରାସ୍ତାର ଚିତ୍ର ଏହାର ବିପରୀତ। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା। ବାରମ୍ବାର ଦାବି ପରେ ମରାମତି ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କେତେବେଳେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି, ତ କେତେବେଳେ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଦିଆଯାଉଛି। ରାସ୍ତାରେ କ୍ୟାମେରା ଲଗାଇ ଏବଂ ପୋଲିସ ଚେକିଂ ମାଧ୍ୟମରେ ଯାନବାହନ ଓ ବାଇକ୍ ଚାଳକଙ୍କ ଉପରେ କଡ଼ା ନଜର ରଖାଯାଉଛି। ଦ୍ରୁତ ଗତିରେ ଗାଡ଼ି ଚଳାଇବା କିମ୍ବା ଆବଶ୍ୟକ ସୁରକ୍ଷା ସାମଗ୍ରୀ ବ୍ୟବହାର ନକରିବା ପାଇଁ ଚାଳକଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି। କିନ୍ତୁ ଦୁର୍ଘଟଣା ରୋକିବା ପାଇଁ ରାସ୍ତା ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ଏହାର ଉଦାହରଣ ହେଉଛି ବାଲିଆପାଳ- ବସ୍ତା ରାସ୍ତା। ବାଲିଆପାଳ ବ୍ଲକ୍ର ବସଷ୍ଟାଣ୍ଡ ଠାରୁବସ୍ତା ଗାନ୍ଧିଛକ ପର୍ଯ୍ୟନ୍ତ ପ୍ରାୟ ୨୨ କିଲୋମିଟର ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ରାସ୍ତାର ସ୍ଥାୟୀ ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଗତ ଅଗଷ୍ଟ ୧୦ ତାରିଖରେ ସାମ୍ବାଦିକ ମାନେ ଧାରଣାରେ ବସିଥିବା ବେଳେ ବିଭାଗୀୟ ଅଧିକାରୀ ପହଞ୍ଚି ୩ ଦିନ ମଧ୍ୟରେ ମରାମତି କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

# ବନ୍ୟଜନ୍ତୁଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ



**ଦିଗପହଣ୍ଡି,୩।୧୦(ସଞ୍ଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବନାଞ୍ଚଳ କାର୍ଯ୍ୟାଳୟ ଅଧିନ ଖମାରିଗାଁ ପଞ୍ଚାୟତ ଅନ୍ତର୍ଗତ ବୁରୁବନ୍ଧ ଗ୍ରାମ ବନସୁରକ୍ଷା ସମିତି ପକ୍ଷରୁ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବନସୁରକ୍ଷା ସମିତି ସଭାପତି ବୃନ୍ଦାବନ ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟରଞ୍ଜନ ସାହୁ ଯୋଗଦେଇ ଅବାଧ ବନ୍ୟପ୍ରାଣୀ ଶିକାର ଏକ ଧର୍ତ୍ତବ୍ୟ ଅପରାଧ। ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ବନ୍ୟପ୍ରାଣୀ ଙ୍କ ଠାରୁ ସତର୍କ ରହିବାକୁ ସେ ଗ୍ରାମବାସୀ ମାନଙ୍କୁ ପରାମର୍ଶ ଦେଇଥିଲେ।ଜନସାଧାରଣ ଙ୍କ ସହଯୋଗ ବିନା ବନ୍ୟଜନ୍ତୁ ଙ୍କ ସୁରକ୍ଷା, ଜଙ୍ଗଲ ଓ ପରିବେଶ ସୁରକ୍ଷା ଅସମ୍ଭବ। ସମାଜ ଓ ପରିବେଶ ପାଇଁ ବନ୍ୟଜନ୍ତୁ ମାନଙ୍କ ଆବଶ୍ୟକତା ନେଇ ସେ ଆଲୋକପାତ କରିବା ସହ ବନ୍ୟଜନ୍ତୁ ସମୂହ ବନକୁ ବଞ୍ଚାନ୍ତି, ବନ ପରିବେଶ କୁ ବଞ୍ଚାଏ ଏବଂ ଏମାନେ ସମସ୍ତେ ମିଶି ମଣିଷ ଙ୍କୁ ବଞ୍ଚାନ୍ତି ବୋଲି ସେ ମତ ବ୍ୟକ୍ତ କରିଥିଲେ। ବନ୍ୟଜନ୍ତୁ ଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନଦେଲେ ଦିନ ଆସିବ ସମାଜରେ ମଣିଷ ବଞ୍ଚିବା କଷ୍ଟକର ହୋଇପଡିବ ବୋଲି ବନାଞ୍ଚଳ ଅଧିକାରୀ ମତ ପ୍ରକାଶ କରିଥିଲେ। ବନ୍ୟଜନ୍ତୁ କୀଟ, ପତଙ୍ଗ, ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟୀତ୍ୱ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଦିଗପହଣ୍ଡି ବନପାଳ ସନ୍ତୋଷ ବିଷୋୟୀରତ୍ନ, ସ୍ଥାନୀୟ ବନ କର୍ମଚାରୀ ବୃନ୍ଦ , ପାରା ସ୍ୱାର୍ଡ ବାହିନୀ ଏବଂ ବହୁ ସଂଖ୍ୟକ ଗ୍ରାମବାସୀ ସଭାରେ ଉପସ୍ଥିତ ଥିଲେ।

ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ

# ଏନସିସି ଛାତ୍ରମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ



**ଧାମନଗର,୩।୧୦ (ସଂଚାର ବ୍ୟୁରୋ):** ପିଏମଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସମୀର କୁମାର ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଗାନ୍ଧୀଜୀ ଓ ଲାଲବାହାଦୁର ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ ସହ ଦୁଇ ମହାନ ଜନନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଶୁକ୍ରବାର ଏନସିସି ଶିକ୍ଷକ ବଟକୃଷ୍ଣ ପଣ୍ଡାଙ୍କ ସଂଚାଳନାରେ 'ସ୍ୱଚ୍ଛତା ହିଁ ସେବା'ସ୍ୱଚ୍ଛ ଓ ସୁସ୍ଥ ଧାମନଗର ବାର୍ତ୍ତା ନେଇ ଏନସିସି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ହାଇସ୍କୁଲ ଠାରୁ ସ୍ୱଚ୍ଛ ଭାରତ ଅଭିଯାନ ଓ ସଚେତନତା ଶୋଭାଯାତ୍ରା ବାହାରି ଧାମନଗର ମେଡ଼ିକାଲ ପର୍ଯ୍ୟନ୍ତ ପହଞ୍ଚି ସେଠାରେ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପଣ୍ଡାଙ୍କ ସହଯୋଗରେ ଡାକ୍ତରଖାନା ପରିସରକୁ ସଫେଇ କରାଯିବା ସହ ପରିବେଶକୁ ପରିଷ୍କାର ରଖିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା। ସ୍ୱଚ୍ଛତା କେବଳ ଗୋଟିଏ ଦିନର ନୁହେଁ ଏହାକୁ ଦୈନନ୍ଦିନ ଜୀବନର ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ସ୍ୱଚ୍ଛତାରେ ସହଭାଗିତା, ସ୍ୱଚ୍ଛ ଭାରତ, ବିକଶିତ ଭାରତ' ବାର୍ତ୍ତା ଦେଇ ଧାମନଗରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ଏନସିସି ଶିକ୍ଷକ ଶ୍ରୀ ପଣ୍ଡା ସୂଚନା ପ୍ରଦାନ କରିଥିଲେ।

# ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ଚାଲିଛି ଗୁପ୍ତ ଟେଣ୍ଡର କେଳେଙ୍କାରୀ



**ଦୀର୍ଘବର୍ଷ ଧରି ଜଣେ ନିର୍ଦ୍ଦିଷ୍ଟ ଠିକାଦାର ନାମରେ ହେଉଛି ଟେଣ୍ଡର**

**ଧାମନଗର,୩।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟ, ଚାନ୍ଦବାଲି ଅଧୀନରେ ଏକ ବଡ଼ ଧରଣର ଗୁପ୍ତ ଟେଣ୍ଡର କେଳେଙ୍କାରୀ ସାମ୍ନାକୁ ଆସିଛି। ବିଭିନ୍ନ ପ୍ରକଳ୍ପ ତଥା ଟେଣ୍ଡରରେ ଅନିୟମିତତା, ମିଥ୍ୟା ଭାଉଚର, ସ୍ୱଳ୍ପ କାମରେ ଅତ୍ୟଧିକ ବିଲ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇ ଥିବା ନେଇ ଆର ଟି ଆଇ କାଗଜପତ୍ରରୁ ସୂଚନା ମିଳିଛି। ସୂଚନା ଯୋଗ୍ୟ କି ଏହି କାର୍ଯ୍ୟାଳୟରେ ବିଭିନ୍ନ ସରକାରୀ ପ୍ରକଳ୍ପର କାର୍ଯ୍ୟ ନେଇ ଆର୍ଥିକ ବର୍ଷ ୨୦୨୫-୨୬ ରେ ଟେଣ୍ଡର ଆହ୍ୱାନ ହୋଇଥିଲା। ତନ୍ମଧ୍ୟରୁ ବମ୍ଫୁ ଗବିଅନ (ଟ୍ରି ଗାର୍ଡ)ପ୍ରକଳ୍ପ ଏବଂ ମୁଖ୍ୟ କାର୍ଯ୍ୟାଳୟ ଓ ବିଭିନ୍ନ ରେଞ୍ଜ ଅଫିସରେ ଲାଗିଥିବା ପ୍ରାଇଭେଟ୍ ଗାଡ଼ି ନେଇ ଟେଣ୍ଡର ହୋଇଥିଲା। ହେଲେ ଜଣେ ବ୍ୟକ୍ତି ଏବଂ ଉକ୍ତ ବ୍ୟକ୍ତି ମାଲିକାନାରେ ଥିବା ଏକ ଏଜେନ୍ସି ନାମରେ ଏକାଧିକ ଗାଡ଼ି ଟେଣ୍ଡର ପାଇବା ସହ ବିଗତ ବହୁ ବର୍ଷ ଧରି ଟ୍ରି ଗାର୍ଡ ପ୍ରକଳ୍ପ ଓ ଏକାଧିକ ଗାଡ଼ି ଯୋଗାଇଦେବା ନେଇ ଟେଣ୍ଡର ପାଇବା କଥା ତଥ୍ୟରୁ ଜଣାପଡ଼ିଛି। କେତେକ ତଥ୍ୟ ସ୍ପଷ୍ଟ ଓ ସମ୍ପୂର୍ଣ୍ଣ ଭାବେ ମିଳିନଥିବା ବେଳେ, ଗୋଟେ ତଥ୍ୟର ଏକାଧିକ କପି ଦିଆଯାଇଥିବାରୁ ତଥ୍ୟର ସ୍ୱଷ୍ଟତା ନେଇ ନାନାଦି ପ୍ରଶ୍ନ ସୃଷ୍ଟି ହେବା ସହ ସନ୍ଦେହ ଘନୀଭୂତ ହୋଇଛି। ତେବେ ତଥ୍ୟ ଅନୁଯାୟୀ ଓଡ଼ିଶା ସରକାର ଙ୍କ ଅର୍ଥ ବିଭାଗ ର ମେମୋରେଣ୍ଡମ ନଂ ୧୫୮୩୬/ ଏଫ/ ୨୭/୫/୨୫ ଅନୁଯାୟୀ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟ, ଚାନ୍ଦବାଲି ପକ୍ଷରୁ ଆର୍ଥିକ ବର୍ଷ ୨୫-୨୬ ଚିଠି ନଂ ୫୬୬୫-ଆଇଏଫ୍ - ୪୨୭/୨୦୨୫, ତା ୧୭/୧୦/୨୫ ରେ ମୋଟ ୬ ଟି ପ୍ରାଇଭେଟ ଭଡ଼ା ଗାଡ଼ି ନେଇ ଟେଣ୍ଡର ହୋଇଥିଲା ଏନେଇ ବିଭିନ୍ନ ବ୍ୟକ୍ତି ବା ଏଜେନ୍ସି ମାନେ ତା ୧୮/୧୦/୨୫ ରୁ ୨୮/୧୦/୨୫ ମଧ୍ୟରେ ଆବେଦନ ସହ ଅନ୍ୟାନ୍ୟ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। କୌଣସି କାରଣ ଯୋଗୁଁ ତା ୨୮/୧୦/୨୫ ରେ ଟେଣ୍ଡର କାର୍ଯ୍ୟକୁ ସ୍ଥଗିତ ରଖିବା ସହ ପୁନର୍ବାର ଟେଣ୍ଡର ଆବେଦନ ପାଇଁ ୩୧/୧୦/୨୫ ରୁ ୧/୧୧/୨୫ ତାରିଖ ଧାର୍ଯ୍ୟ ଥିବା ବେଳେ ତା ୩ /୧୧/ ୨୫ ଟେଣ୍ଡର ପ୍ରକ୍ରିୟା ସାରିବାକୁ ମୁଖ୍ୟ କାର୍ଯ୍ୟାଳୟ(କୋରିଜେଣ୍ଡମ ଆଇ ଆଇ)ରେ ଚିଠି ହୋଇଥିଲା। ପୁନଶ୍ଚ ଟେଣ୍ଡର ଅବଧି ନେଇ ଦ୍ୱିତୀୟ ଘୋଷଣା ରେ ସମୟ ପୁରିନଥିବା ବେଳେ ବିଶେଷ କାରଣରୁ ୧/୧୧/୨୫ ରେ ଟେଣ୍ଡର ଓପନିଙ୍ଗ ହେବାକୁ ଥିବାବେଳେ ତା ୩/୧୧/୨୫ ତାରିଖକୁ ଘୁଞ୍ଚାଇ ଦିଆଗଲା ବୋଲି କାର୍ଯ୍ୟାଳୟ ତା ୩୧/ ୧୦/୨୫(କୋରିଜେଣ୍ଡମ ଆଇଆଇଆଇ) ରେ ଚିଠି ହୋଇଥିଲା। ତେବେ ଟେଣ୍ଡର ଅବଧି ନେଇ ତା ୨୮/୧୦/୨୫ କୋରିଜେଣ୍ଡମ (ଆଇ ଆଇ) ରେ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ପୁଣି ତା ୩୧/୧୧/୨୫ କୋରିଜେଣ୍ଡମ (ଆଇ ଆଇ ଆଇ) ସମାନ ଚିଠି ପ୍ରକାଶ ହେବା ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛତା ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ଭଡ଼ା ଗାଡ଼ି ନେଇ ମୋଟ ୯ ଜଣ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲେ।